ଭାରତରେ ଥିବା ବାବୁମାନେ ଏହା ଜାଣି ଖୁସି କିମ୍ବା ଦୁଃଖିତ ହୋଇପାରନ୍ତି ଯେ ଦେଶରେ ଏବଂ ବାହାରେ ସେମାନଙ୍କ ତଳ ର୍ୟାଙ୍କରେ ଥିବା କର୍ମଚାରୀମାନେ ପ୍ରକୃତ କାର୍ଯ୍ୟସ୍ଥଳରେ ବନ୍ଦୀ ହୋଇ ରହିଯାଇଛନ୍ତି। ସଦ୍ୟ ପ୍ରକାଶିତ ଏକ ଫଟୋବୁକ ଅମଲାତାନ୍ତ୍ରିକ କେନ୍ଦ୍ରର ଭିତିରି ଦୃଶ୍ୟର ଏକ ଝଲକ ଦେଇଛି. ଯେଉଁଥିରେ କାର୍ଯ୍ୟାଳୟରେ ଫାଇଲ ଗଦା ହୋଇଥିବା, ଚା-ଦାଗଯୁକ୍ତ ଟେବୁଲ ଏବଂ ଭାଙ୍ଗି ଝୁଲି ପଡ଼ିଥିବା ଚେୟାର ଦେଖିବାକୁ ମିଳିଛି। ଏହା ବ୍ୟତୀତ ସେମାନଙ୍କ ମୁଖରେ ଇସ୍ତଫା ଏବଂ ନୀରବ ବିଦ୍ରୋହକୁ ଦର୍ଶାଇବା ଭଳି ଭାବନା ପ୍ରତୀୟମାନ ହେଉଛି। ଯେଉଁ ଭାଗ୍ୟବାନମାନେ କେବେ ସରକାରୀ କାର୍ଯ୍ୟାଳୟ ଭିତରକୁ ପାଦ ଦେଇ ନାହାନ୍ତି, ସେମାନଙ୍କୁ ଏହି ଫଟୋଗୁଡ଼ିକ ଆଶ୍ଚର୍ଯ୍ୟ ଲାଗିପାରେ। ହେଲେ ସେମାନେ କର୍ମଚାରୀ ଓ ଅଧିକାରୀଙ୍କୁ ଏପରି ସ୍ଥାନଗୁଡ଼ିକରେ ରହିବାକୁ ଦିଅନ୍ତି, ଯେଉଁଠାରେ ଧୂଳିପୂର୍ଣ୍ଣ ସିଲିଂ ଫ୍ୟାନ ଅଧିକ ଶବ୍ଦରେ ଅତ୍ୟଧିକ କାଗଜପତ୍ର କାମ କରିବାକୁ ହୋଇଥାଏ। ତଥାପି, ବିଶ୍ୱର ଅନେକ ଲକ୍ଷ ଲୋକଙ୍କ ପାଇଁ ଏହି ସ୍ଥାନଗୁଡ଼ିକ ହେଉଛି ଦୈନନ୍ଦିନ ଜୀବନର ଏକ ଅଂଶ, ନାଗରିକ-ବ୍ୟବସ୍ଥା ପାରସ୍ପରିକ ଆଲୋଚନାର କ୍ଷେତ୍ର। ଅମଲାତାନ୍ତ୍ରିକ ବ୍ୟବସ୍ଥା କେବଳ କାମର କଥା କହେ ନାହିଁ, ବରଂ ଏହା ନିଷ୍କ୍ରିୟତା, ଅସ୍ତିତ୍ୱ ଏବଂ ରୀତିନୀତିକୁ ଦର୍ଶାଏ। କାର୍ଯ୍ୟାଳୟଗୁଡ଼ିକ ନିଜର ସ୍ଥିତି, ଅତୀତର ନିଷ୍ପତ୍ତି, ସ୍ଥଗିତ ସଂସ୍କାର ଏବଂ ଡିଜିଟାଇଜେଶନର ମଳିନ ଆଶାକୁ ଦର୍ଶାଉଛି। ମାନିଲାରୁ ମୁମ୍ବାଇ ପର୍ଯ୍ୟନ୍ତ ବାବୁଙ୍କ ଦୁନିଆ ହେଉଛି ଏକ ସମାନ୍ତରାଳ ବିଶ୍ୱ, ଯାହାର ନିଜସ୍ୱ ସିଦ୍ଧାନ୍ତ ଓ ଧାରା ରହିଥିବାବେଳେ ଅବ୍ୟବସ୍ଥା ବି ରହିଛି। ବାବୁମାନେ ପ୍ରକ୍ରିୟାର ରକ୍ଷକ, ଶାସନର ଜଗୁଆଳି। ଅମଲାତାନ୍ତ୍ରିକ ବ୍ୟବସ୍ଥାର ସଂସ୍କାର ନୁହେଁ, ବରଂ ଏହାକୁ ଭଲ ଭାବେ ଗଢ଼ିବାକୁ ହେବ। ହୁଏତ ଶେଷରେ ଆମକୁ ବ୍ୟବସ୍ଥା ଭିତରେ ବାସ୍ତବରେ କ'ଣ ଘଟୁଛି ତାହା ଉପରେ ଅଧିକ ଦୃଷ୍ଟି ଦେବା ଆବଶ୍ୟକ।

### ଶାସନରେ ଏଆଇ

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ବିଷୟରେ ବାବୁମାନଙ୍କୁ ଶିକ୍ଷା ଦେବା ପାଇଁ ସରକାରଙ୍କ ନିଷ୍ପତ୍ତି ଅତ୍ୟନ୍ତ ଭଲ ପଦକ୍ଷେପ। ଅନେକ ଦଶନ୍ଧି ଧରି ଶାସନର ଦୃଢ଼ ବ୍ୟବସ୍ଥାରେ କାଗଜପତ୍ର, ପଦାନୁକ୍ରମ ଏବଂ ପ୍ରକ୍ରିୟାଗତ ବିଳମ୍ବ ଦେଖାଯାଇଛି। ବର୍ତ୍ତମାନ ଏହାକୁ ଆଲଗୋରିଦମ୍, ଡାଟା ସେଟ୍ ଏବଂ ମେଶିନ ଲର୍ନିଂ ମଡେଲ ଗ୍ରହଣ କରିବାକୁ କୁହାଯାଉଛି। ନିଶ୍ଚିତ ଭାବରେ, ସରକାରୀ କର୍ମଚାରୀଙ୍କ ପାଇଁ ଏଆଇ ତାଲିମ ଏକ ଆବଶ୍ୟକ ପଦକ୍ଷେପ। ଏବକାର ନୀତି କେବଳ ନିୟମ ଏବଂ ନିୟାମକ ବିଷୟରେ ନୁହେଁ; ବରଂ ଏହା ତଥ୍ୟ ସଂଗ୍ରହ କରିବା, ଫଳାଫଳର ପୂର୍ବାନୁମାନ କରିବା ଏବଂ ଠିକ୍ ଭାବେ ନାଗରିକ ସେବା ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ। କିନ୍ତୁ କୌଣସି ଆଲଗୋରିଦମ୍ ପୁରୁଣା ଫାଇଲ ଏବଂ ନବସୃଜନର ଭୟ ଥିବା ଏକ ବ୍ୟବସ୍ଥାକୁ ସଜାଡ଼ି ପାରିବ ନାହିଁ। ନିଷ୍କ୍ରିୟ ପ୍ରବଣ ଅମଲାତନ୍ତ୍ର ହାତରେ ଏଆଇ ଅନ୍ୟ ଏମ୍‌ଆଇଏସ, ଇଆରପି କିମ୍ବା ଇ-ଗଭର୍ନାନ୍ସ ଭଳି ଟେକ୍‌ନିକାଲ ଶବ୍ଦାବଳୀ ପ୍ରତି ବିପଦ ଆଣିପାରେ। ନୈତିକ ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମ ଲାଗୁ କରାଯିବା ପ୍ରଶଂସନୀୟ। କିନ୍ତୁ ଟେକ୍‌ନିକାଲ ଶବ୍ଦାବଳୀ ଅପେକ୍ଷା ଭାରତର ଅମଲାତନ୍ତ୍ର ପାଇଁ ପକ୍ଷପାତ, ସ୍ୱଚ୍ଛତା ଏବଂ ଗୋପନୀୟତା ଦିଗ ଉପରେ ଅଧିକ ଦୃଷ୍ଟି ଦେବା ଜରୁରୀ। ଯଦି ଏହି ମଡ୍ୟୁଲଗୁଡ଼ିକୁ ପ୍ରକୃତ ନିଷ୍ପତ୍ତି ଗ୍ରହଣରେ ଜଡ଼ିତ କରାଯାଏ ତେବେ ପ୍ରକୃତ ପରିବର୍ତ୍ତନ ଆସିପାରିବ। ମନେ କରନ୍ତୁ ଯେ ଏଆଇ ଜଣେ ଜଲା ମାଜିଷ୍ଟ୍ରେଟଙ୍କୁ ବନ୍ୟା ବିପଦର ପୂର୍ବାନୁମାନ କରିବାରେ କିମ୍ବା ଜଣେ କଲେକ୍ଟରଙ୍କୁ କଲ୍ୟାଣକାରୀ ଯୋଜନାରେ ଥିବା ତ୍ରୁଟିକୁ ବନ୍ଦ କରିବାରେ ସାହାଯ୍ୟ କରୁଛି। ସେ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଯଥାର୍ଥ ମନେହୁଏ। ଏଆଇ ଭାରତର ଶାସନକୁ ଅଧିକ ସ୍ମାର୍ଟ କରିପାରିବ। କିନ୍ତୁ ଏହା ଆମର ବ୍ୟବସ୍ଥାରେ ଦୀର୍ଘଦିନରୁ ରହିଥିବା ଦାୟିତ୍ୱବୋଧତାର ଅଭାବକୁ ପରିବର୍ତ୍ତନ କରିପାରିବ ନାହିଁ।

Email: dilipcherian@gmail.com

# ରାଜସ୍ୱ ବଳକା ନା ବିକାଶ ନିଅଣ୍ଟ



ନଟବର ଖୁଣ୍ଟିଆ

ଓଡ଼ିଆ ଖବରକାଗଜଗୁଡ଼ିକରେ ଅତି ପ୍ରମୁଖ ଭାବରେ ପ୍ରକାଶ ପାଇଛି,୨୦୨୨-୨୩ ଆର୍ଥିକ ବର୍ଷର ହିସାବ ଅନୁଯାୟୀ ଦେଶର ୫ଗୋଟି ରାଜସ୍ୱ ବଳକା ରାଜ୍ୟ ମଧ୍ୟରୁ ଓଡ଼ିଶା ଗୋଟିଏ ଏବଂ ସ୍ଥାନ ତୃତୀୟ। ଏହି ବର୍ଷ ଓଡ଼ିଶାର ରାଜସ୍ୱ ବଳକା ଥିଲା ୨୬,୭୦୦ କୋଟି ଟଙ୍କା। ଏହି ରାଜସ୍ୱ ବଳକାକୁ କୁହାଯାଉଛି ବିତ୍ତୀୟ ପରିଚାଳନାରେ ବିଜ୍ଞତା ଏବଂ ସୁଶାସନର ପରିଚୟ। ଏହାକୁ ଏକ ପ୍ରଶଂସନୀୟ ସଫଳତା ବୋଲି କୁହାଯାଉଛି। ଏବେ ଆସନ୍ତୁ ଏ ବିଷୟରେ ଏକ ସଂକ୍ଷିପ୍ତ ସମୀକ୍ଷା କରିବା।

ରାଜ୍ୟର ଆୟ ହେଉଛି ଟିକସ, ଖଣିଜ ସମ୍ପଦର ରୟାଲ୍‌ଟି ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅନୁଦାନ। ଏହି ମୋଟ ଆୟରୁ ସରକାର ସରକାରୀ କର୍ମଚାରୀଙ୍କ ବେତନ, ପେନ୍‌ସନ, ସବ୍‌ସିଡି ଏବଂ ସରକାରଙ୍କର ସମ୍ପତ୍ତିର ରକ୍ଷଣାବେକ୍ଷଣ, ପରିଚାଳନା ଆଦି ପାଇଁ ବ୍ୟୟକୁ କହନ୍ତି ରାଜସ୍ୱ ବ୍ୟୟ। ସମୁଦାୟ ଆୟରୁ ମୋଟ ରାଜସ୍ୱ ବ୍ୟୟକୁ ବାଦ୍ ଦେଲେ ଯଦି ବଳକା ରହିଲା ତାକୁ କହନ୍ତି ରାଜସ୍ୱ ବଳକା ଆଉ ଆୟ ଅପେକ୍ଷା ବ୍ୟୟ ଅଧିକ ହେଲେ ତାକୁ କହନ୍ତି ରାଜସ୍ୱ ନିଅଣ୍ଟ। ରାଜସ୍ୱ ବଳକା ହେଲେ ତାକୁ ଭିତ୍ତିଭୂମି ନିର୍ମାଣ କରିବାକୁ ବିନିଯୋଗ କରାଯାଏ, ଯାହାକୁ କହନ୍ତି ପୁଞ୍ଜି ବ୍ୟୟ। ଯଦି ରାଜସ୍ୱ ନିଅଣ୍ଟ ପଡ଼େ ତେବେ ତାକୁ ଭରଣା କରିବାକୁ ସରକାରଙ୍କୁ ଋଣ କରିବାକୁ ପଡ଼ିଥାଏ ଏବଂ ଭିତ୍ତିଭୂମି ନିର୍ମାଣ ପାଇଁ ପୁଞ୍ଜି ବିନିଯୋଗ କରିବାକୁ ମଧ୍ୟ ଋଣ କରିବାକୁ ହୋଇଥାଏ। ଅର୍ଥନୈତିକ ତତ୍ତ୍ୱ ଅନୁସାରେ ଏହି ରାଜସ୍ୱ ବଳକା ଅର୍ଥ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ ଭଲ ଅଛି ବୋଲି କୁହାଯାଏ। କିନ୍ତୁ ତାହା ସଦାବେଳେ ପ୍ରକୃତ କ୍ଷେତ୍ରରେ ସତ ନୁହେଁ। ଅନେକ ସମୟରେ ଅର୍ଥଶାସ୍ତ୍ରୀମାନେ ପୁସ୍ତକ ଜ୍ଞାନରୁ ରାଜସ୍ୱ ବ୍ୟୟ କମ୍‌କରି ପୁଞ୍ଜି ବ୍ୟୟ ଅଧିକକରି ଭିତ୍ତିଭୂମି ପ୍ରସ୍ତୁତକରି ତା' ସାହାଯ୍ୟରେ ଶିଳ୍ପ ବାଣିଜ୍ୟ ପ୍ରସାର କଲେ ପୁନଃ ପୁନଃ ଆୟ ବୃଦ୍ଧି ପାଇବ ବୋଲି କହିଥାନ୍ତି। ତାହା ଠିକ୍ କଥା। କିନ୍ତୁ ଭିତ୍ତିଭୂମି ପ୍ରତିଷ୍ଠା କରିବା ପରେ ଯଦି ସେହି ଭିତ୍ତି ଭୂମିକୁ ଆଧାରକରି ଆବଶ୍ୟକ ଶିଳ୍ପ, ବାଣିଜ୍ୟ, ଶିକ୍ଷା ଅନୁଷ୍ଠାନ, ଡାକ୍ତରଖାନା ଗଢ଼ି ଉଠିଲା, କିନ୍ତୁ ସେସବୁର ପରିଚାଳନା ପାଇଁ ଆବଶ୍ୟକ ଦକ୍ଷ ମାନବ ସମ୍ବଳ ଯୋଗାଇ ଦିଆଗଲା ନାହିଁ, ତା'ହେଲେ ସେଥିରୁ ଉତ୍ପାଦନ ବଢ଼ିବ କିପରି? ପୁଞ୍ଜି ବିନିଯୋଗକରି ଭିତ୍ତିଭୂମି ସୃଷ୍ଟିକଲେ ଭିତ୍ତିଭୂମିର ମାନବ ସମ୍ବଳ ଆବଶ୍ୟକତା ନ ମେଣ୍ଟାଇଲେ ପୁଞ୍ଜି ବିନିଯୋଗ ନିରର୍ଥକ। ଗତ ୧ ଦଶନ୍ଧି ହେଲା ଦେଖାଯାଉଛି ଓଡ଼ିଶାର ଅଚାନକ ଖଣି ରୟାଲ୍‌ଟିରୁ ଅଧିକ ରାଜସ୍ୱ ଆସିବାରୁ ରାଜସ୍ୱ ଆଦାୟର ଆଶାତୀତ ବୃଦ୍ଧି ପାଇଛି। ରାଜ୍ୟ ସରକାର ପୁଞ୍ଜି ବିନିଯୋଗକୁ ପ୍ରାଧାନ୍ୟ ଦେଉଛନ୍ତି, କିନ୍ତୁ ରାଜସ୍ୱ ବ୍ୟୟକୁ ଅଣ ଉତ୍ପାଦନ ଖର୍ଚ୍ଚ ଭାବି ଏହାକୁ ଆବଶ୍ୟକ



ଅନୁସାରେ ବୃଦ୍ଧି ନ କରି ରାଜସ୍ୱ ବଳକା ଦେଖାଇ ବାହାବା ନେଉଛନ୍ତି। ଗତ ବିଜେଡି ସରକାର ଯାହା କରୁଥିଲେ ବର୍ତ୍ତମାନର ଭାଜପା ସରକାର ତାଙ୍କର ପଦାଙ୍କ ଅନୁସରଣକରି ରାଜସ୍ୱ ବଳକାକୁ ବୃଦ୍ଧି କରିଚାଲିଛନ୍ତି। ରାଜସ୍ୱ ବଳକା ୨୦୨୨-୨୩ରେ ୨୬,୭୦୦ କୋଟି ଟଙ୍କା ଥିବା ବେଳେ ୨୦୨୩-୨୪ ହେଲା ୨୭,୭୦୦ କୋଟି ଟଙ୍କା ଏବଂ ଚଳିତ ୨୦୨୫-୨୬ରେ ହେଉଛି ୩୧,୮୦୦ କୋଟି ଟଙ୍କା। ଏଣେ ସ୍କୁଲ, କଲେଜରେ ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଆଧୁନିକ ଚାଷ ପ୍ରଣାଳୀ ଏବଂ ବିଭିନ୍ନ କୃଷି ବିକାଶ କାର୍ଯ୍ୟକ୍ରମକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବାକୁ ଯଥେଷ୍ଟ ସଂଖ୍ୟାରେ ସମ୍ପ୍ରସାରଣ କର୍ମଚାରୀ ନାହାନ୍ତି। ଏହା ନିଶ୍ଚିତ ଭାବରେ ଏକ ବିରୋଧାଭାସ। ଅର୍ଥ ଭଣ୍ଡାର ବଢୁଛି, ଏଣେ ବେକାରି ଓ ଦାଦନ ଶ୍ରମିକଙ୍କ ସଂଖ୍ୟା ତାଳଦେଇ ବଢୁଛି। ଅନ୍ୟପକ୍ଷରେ ଯେଉଁସବୁ ରାଜ୍ୟ ଆମ ରାଜ୍ୟ ତୁଳନାରେ ଅଧିକ ବିକଶିତ ଅଥଚ ରାଜସ୍ୱ ନିଅଣ୍ଟକରି ବିଭିନ୍ନ ବିକାଶ ମୂଳକ କାମ କରୁଛନ୍ତି ତାଙ୍କୁ କେନ୍ଦ୍ର ଅର୍ଥ ଆୟୋଗ ଅଧିକ ଆର୍ଥିକ ସାହାଯ୍ୟ ଦେଉଛନ୍ତି। ଯେପରି ୨୦୨୨-୨୩ ଆର୍ଥିକ ବର୍ଷରେ ରାଜସ୍ୱ ନିଅଣ୍ଟ ଥିବା ରାଜ୍ୟଗୁଡ଼ିକୁ କେନ୍ଦ୍ର ଅର୍ଥ ଆୟୋଗ ୮୬,୨୦୧ କୋଟି ସାହାଯ୍ୟ ଦେଇଛନ୍ତି। ସେ ରାଜ୍ୟଗୁଡ଼ିକ ହେଲେ କେରଳ,ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ,ହିମାଚଳ ପ୍ରଦେଶ,ପଞ୍ଜାବ, ଉତ୍ତରାଖଣ୍ଡ, ଆସାମ, ରାଜସ୍ଥାନ, ନାଗାଲାଣ୍ଡ ଓ ତ୍ରିପୁରା। ଓଡ଼ିଶା କାଣି କଉଡ଼ିଟିଏ ପାଇନାହିଁ। କାରଣ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ।

ଆମେ ସମସ୍ତେ ଜାଣିଛେ ୫-ଟି ନାମରେ ସ୍କୁଲ ଓ କଲେଜ ଘର ସବୁ ନିର୍ମାଣ ହୋଇଗଲା, କିନ୍ତୁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ ଅଧ୍ୟାପକ ନାହାନ୍ତି। ପାଠପଢ଼ା କିପରି ହେବ? ସେହିପରି ଆଦାୟ ହେଉଥିବା ରାଜସ୍ୱରୁ ବ୍ୟୟକରି ଡାକ୍ତର ନିଯୁକ୍ତି ନ କରି ପୁଞ୍ଜି ବିନିଯୋଗ ନାମରେ ଡାକ୍ତରଖାନା ନିର୍ମାଣକରି ଲାଭ ହେଉଛି? ଲୋକେ ଚିକିତ୍ସା ପାଇ ପାରୁଛନ୍ତି? ରାଜସ୍ୱ ବ୍ୟୟକରି କର୍ମଚାରୀ ନିଯୁକ୍ତି ନ କରି ଏଣେ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ବ୍ୟୟ ବରାଦକଲେ ବି ଖର୍ଚ୍ଚ ହେଉନାହିଁ କର୍ମଚାରୀ ଅଭାବରୁ। ସରକାର ଚଳିତ ବର୍ଷ ବଜେଟରେ ରାଜସ୍ୱ ବ୍ୟୟ ବରାଦ କରିଛନ୍ତି ୧,୦୮,୦୦୦ କୋଟି ଟଙ୍କା ଏବଂ ପୁଞ୍ଜି ବ୍ୟୟ ବରାଦ କରିଛନ୍ତି ୭୦,୦୦୦ କୋଟି ଟଙ୍କା। ଋଣ କରିବେ ୪୭,୪୦୦କୋଟି ଟଙ୍କା। ବର୍ଷର ୬ ମାସ ବିତିଗଲାଣି, ଏବେ ଖବର ପ୍ରକାଶ ପାଇଛି, ବିଭିନ୍ନ ବିଭାଗରେ ହାରାହାରି ୨୫ ଭାଗ ଅର୍ଥ ଖର୍ଚ୍ଚ ହୋଇଛି। ସେହିପରି 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ପାଇଁ ୧ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଥିଲେ ବି ମାତ୍ର ୬୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଖର୍ଚ୍ଚ ନ ହେବାର କାରଣ କର୍ମଚାରୀ ଆବଶ୍ୟକ ସଂଖ୍ୟାରେ ନାହାନ୍ତି।

ଆମର ମତ ହେଲା ସରକାର ଯେତିକି ଆୟ କରୁଛନ୍ତି ପ୍ରଥମେ ଯେଉଁ ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ପଦବୀ ମଞ୍ଜୁର ଅଛି,ସେସବୁ ପଦବୀ ପୂରଣ କରନ୍ତୁ। ପଦବୀ ପୂରଣ ହେଲେ ସେହି ବିଭାଗର କାମ ତ୍ୱରାନ୍ୱିତ ହେବ ଏବଂ ଉତ୍ପାଦନ ବୃଦ୍ଧି ପାଇବ। ଏହା ସହ ବେକାରି ଦୂରହେବ। ଅନାବଶ୍ୟକ ରାଜସ୍ୱ ବ୍ୟୟକୁ କମାଇବାକୁ ହେବ। ଆମେ ଦେଖୁଛେ ବିଜ୍ଞାପନ କିପରି ଅନାବଶ୍ୟକ ହୋର୍ଡିଂ ରାଜ୍ୟର ଗଳିକନ୍ଦିରେ ଲଗାହୋଇଛି। ଏବେ ସରକାର ନିଯୁକ୍ତି ମେଳା କରିଥିଲେ। ନିଯୁକ୍ତି ମେଳା କାହାକୁ କହିବା? ଯେଉଁଠାକୁ ବିଭିନ୍ନ ନିଯୁକ୍ତିଦାତା ଆସି ପ୍ରାର୍ଥୀମାନଙ୍କୁ ସାକ୍ଷାତ୍‌କାରକରି ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦେଇଥାନ୍ତି। କିନ୍ତୁ ରାଜ୍ୟ ସରକାର ପୂର୍ବରୁ ପରୀକ୍ଷାକରି ଯୋଗ୍ୟ ପ୍ରାର୍ଥୀମାନଙ୍କୁ ମନୋନୀତ କଲାପରେ ଆମର ପରମ୍ପରା ଅନୁସାରେ ନିଯୁକ୍ତିପତ୍ର ଡାକରେ ପଠାଇଦେବେ। ତାହା ନ କରି ମେଳାକରି ଅଯଥା ଅର୍ଥ ବ୍ୟୟ କରୁଛନ୍ତି କାହିଁକି? ଏହିପରି ଅନେକ ରାଜସ୍ୱ ବ୍ୟୟ କମାଇହେବ। ଗସ୍ତଖର୍ଚ୍ଚ, ଯେଉଁଠି ସରକାରଙ୍କ ବଙ୍ଗଳା ଅବା ରହିବା ପାଇଁ ସରକାରୀ ଭବନ ଅଛି,ସେଠି ଗସ୍ତରେ ଥିବା ଅଫିସର ଓ ମନ୍ତ୍ରୀମାନେ ରୁହନ୍ତୁ। ହୋଟେଲରେ ରୁହନ୍ତୁ ନାହିଁ।

ପୁଞ୍ଜି ବିନିଯୋଗକରି ଲାଭ କରାଯାଇପାରିବା ଭିତ୍ତିଭୂମି ନିର୍ମାଣ ପାଇଁ ସରକାର ବିଭିନ୍ନ ସୂତ୍ରରୁ ଋଣ କରନ୍ତୁ। ଆମେ ଆମର ମୋଟ ଘରୋଇ ଉତ୍ପାଦର ୨୫ପ୍ରତିଶତ ପର୍ଯ୍ୟନ୍ତ ବିତ୍ତୀୟ ଦାୟିତ୍ୱ ଓ ବଜେଟ ପରିଚାଳନା ଆଇନ ଅନୁଯାୟୀ ଋଣ କରିପାରିବା। ଆମର ବର୍ତ୍ତମାନ ମୋଟ ଘରୋଇ ଉତ୍ପାଦର ମାତ୍ର ୧୨.୭ ପ୍ରତିଶତ ଋଣ। ଋଣ କିଛି ଖରାପ ବ୍ୟବସ୍ଥା ନୁହେଁ। ଋଣ ଆଣି ଠିକ୍ ଭାବରେ ବିନିଯୋଗକରି ସେଥିରୁ ଲାଭ ଉଠାଇ ଋଣ ପଇଠ କରିପାରିବେ। ସରକାର ଯଦି ଖାଲିଥିବା ଆବଶ୍ୟକ ପଦବୀକୁ ପୂରଣ ନ କରିବେ, ତେବେ ରାଜସ୍ୱ ବଳକା କରି ବାହାବା ନେବେ ସିନା, କିନ୍ତୁ ବିକାଶରେ ଆମେ ନିଅଣ୍ଟିଆ ରାଜ୍ୟ ହୋଇ ରହିବା।

ସତ୍ୟନଗର, ଭୁବନେଶ୍ୱର
ମୋ: ୯୯୩୭୯୫୧୨୬୨

# ଆମେ ସବୁ ହାସ୍ୟାଭିନେତା



ଡ. ମନୋରଞ୍ଜନ ପ୍ରଧାନ

ପ୍ରାୟ ଦେଢ଼ ଦଶନ୍ଧି ତଳର କଥା। ଜଣେ ବରିଷ୍ଠ ସହକର୍ମୀଙ୍କ ସହ ଯାତ୍ରା ଦେଖିବାକୁ ଯାଇଥିଲି। ଯାତ୍ରା ସରିବା ପରେ ସହକର୍ମୀ ଜଣକ ଜଣେ ଅଭିନେତାଙ୍କୁ ଦେଖା କରିବାକୁ କହିଲେ ଯେ କି ତାଙ୍କର ବାଲ୍ୟବନ୍ଧୁ ଥିଲେ। ଆମେ ଯେତେବେଳେ ସେ ଲୋକପ୍ରିୟ ହାସ୍ୟାଭିନେତାଙ୍କ ନିବାସକୁ ଗଲୁ ସେ ଅଭିନୟ ସାରି ଏକ ଚୌକି ଉପରେ ବସି ଅତ୍ୟନ୍ତ ଶାରୀରିକ କଷ୍ଟ ଅନୁଭବ କରୁଥାନ୍ତି। ଆମେ କାରଣ ପଚାରିଲୁ ଏବଂ ତାଙ୍କଠାରୁ ଉତ୍ତର ଯାହା ଆସିଲା ତାହା ସମ୍ପୂର୍ଣ୍ଣ ଅବିଶ୍ୱାସ୍ୟ ଥିଲା। ଅଭିନେତା ଜଣକ କହିଲେ, ଗତ ରାତିରୁ ଛାତି ଯନ୍ତ୍ରଣାରେ ମୁଁ ଛଟପଟ ହେଉଛି। ତାହା ଲୁଚେଇବା ପାଇଁ ଶରୀରରେ ସାଲଟିଏ ଘୋଡ଼ାଇ ହୋଇ ଅଭିନୟ କରୁଥିଲି। ଯେତେବେଳେ ବହୁତ କଷ୍ଟ ହେଉଥିଲା ସେତେବେଳେ ଛାତିକୁ ଚାପିଧରି ନିଖୁଣ ଅଭିନୟ କରିବାକୁ ଚେଷ୍ଟା କରୁଥିଲି। ଅଭିନେତାଙ୍କ କଥାଶୁଣି ଆମେ ଆଶ୍ଚର୍ଯ୍ୟ ହୋଇଗଲୁ। କାରଣ ସେ ହାସ୍ୟାଭିନେତାଙ୍କ ଅଭିନୟ ଏତେ ନିଖୁଣ ଓ ଜୀବନ୍ତ ଥିଲା ଯେ ଦର୍ଶକ ହସି ହସି ବେଦମ୍ ହୋଇଯାଉଥିଲେ। ସମସ୍ତେ ହସିବାକୁ ବାଧ୍ୟ ହେଉଥିଲେ। ତାଙ୍କ ପେସାଦାର ଅଭିନୟରେ ଶାରୀରିକ କ୍ଲେଶ ଆଦୌ ବାରି ହେଉ ନ ଥିଲା। କିନ୍ତୁ ପ୍ରକୃତରେ ଅଭିନେତା ଜଣକ ଛାତି ଯନ୍ତ୍ରଣାରେ ଛଟପଟ ହୋଇ ଦର୍ଶକଙ୍କ ମନୋରଞ୍ଜନ କରୁଥିଲେ ତାହା ପୁଣି ତାଙ୍କର ଉଭୟ କର୍ତ୍ତବ୍ୟ ଏବଂ ବାଧ୍ୟବାଧକତା ଥିଲା। ସେହିପରି ଆମ୍ଭମାନଙ୍କ ଜୀବନ। ଆମେ ପ୍ରତି ସମୟରେ ହାସ୍ୟାଭିନେତାଙ୍କ ଭଳି ପେଟରେ ପେଟିଏ ଦୁଃଖ ଚାପିଧରି ଅନ୍ୟମାନଙ୍କୁ ହସେଇବାକୁ ଉଦ୍ୟମ କରୁ। କାହାକୁ ନିଜର ଦୁଃଖ କହି ହୁଏନି କି ଅନ୍ୟର ଦୁଃଖ ଦେଖି ସହି ହୁଏନି। ହେଲେ ସମସ୍ତଙ୍କୁ ଖୁସି ଦେଇ ଚାଲିବାର ମନୋବୃତ୍ତି ଆମକୁ ବ୍ୟକ୍ତିଗତ ଅସରନ୍ତି କଷ୍ଟ ଦେଇଚାଲେ। ଅବ୍ୟକ୍ତ ତଥା ଅକୁହା ଦୁଃଖ କଷ୍ଟର ସାନ୍ତ୍ୱନା କେବଳ ଗୋଟିଏ ଯେ ଆମେ ଆମର କର୍ତ୍ତବ୍ୟ ସମ୍ପାଦନ କରି ଅନ୍ୟ ମୁହଁରେ ହସ ଫୁଟେଇ ଚାଲିଛୁ। ହେଲେ ଆମ ସଂଘର୍ଷ ଓ ସଂଘାତର ପରିଣାମ ସ୍ୱରୂପ ହସୁଥିବା ଲୋକ ବୁଝିପାରେ କି ନାହିଁ କହିବା ମୁସ୍କିଲ। କିନ୍ତୁ ବହୁ କ୍ଷେତ୍ରରେ ସେମାନେ ଏ ଦୁଃଖ, ଯନ୍ତ୍ରଣାର କରୁଣ ଗାଥା ବୁଝିପାରନ୍ତି ନାହିଁ ବରଂ ସେମାନେ ଧରି ନିଅନ୍ତି କି ସେମାନଙ୍କର ସେବା ଓ ସାହାଯ୍ୟ କରିବା ଆମର କର୍ତ୍ତବ୍ୟ ବା କୌଣସି ସ୍ୱାର୍ଥ ପାଇଁ କରୁଥିବେ। ଉପକାର ପାଇଥିବା ନିଜ ପରିବାର ସଦସ୍ୟ ବା ଅନ୍ୟ ଲୋକମାନେ ସମବେଦନା ବା କୃତଜ୍ଞତା ଜଣାଇବା ପରିବର୍ତ୍ତେ ସେମାନେ ଅଧିକରୁ ଅଧିକ ଆଶା କରି ଚାଲନ୍ତି। କେବଳ ସେତିକି ନୁହେଁ, ସାହାଯ୍ୟ ବା କର୍ତ୍ତବ୍ୟର ଅପବ୍ୟବହାର କରି ଚାଲନ୍ତି ଯାହାକି ଏକ ପ୍ରକାର ନିର୍ମମ ଶୋଷଣ। ଛୋଟ ଉଦାହରଣଟି ଉପସ୍ଥାପନ କରୁଛି।

ବହୁବର୍ଷର ଅଧ୍ୟାପନା ଭିତରେ ଅନେକ ପିଲାଙ୍କ ସଂସ୍ପର୍ଶରେ ଆସିଛି। ସମସ୍ତ ପିଲା ସେମିତି ନ ହେଲେ ଅଧିକାଂଶ ଯୁବତୀଯୁବକ ଅତ୍ୟନ୍ତ ବେପରୁଆ, ଅସମ୍ବେଦନଶୀଳ ଓ ସ୍ୱାର୍ଥପର। ହୁଏତ ଏହାର ପଛରେ ସେମାନଙ୍କ ବୟସର ଦୋଷ, ସଙ୍ଗଦୋଷ ଏପରି କି ଅଜ୍ଞାନତା ଥାଇପାରେ। କିନ୍ତୁ ସବୁ ସତ୍ତ୍ୱେ ନିଜ ପରିବାରର ସମସ୍ୟା ଓ



ବାପାମାଆଙ୍କ ସଂଘର୍ଷ ସମ୍ବନ୍ଧରେ ଚିନ୍ତନ କରିବା ଜରୁରୀ ନୁହେଁ କି? କିନ୍ତୁ ସେମାନେ ସେଭଳି ନ କରି ଅବାଟରେ ଯାଆନ୍ତି ଏବଂ ସ୍ୱପ୍ନିଳ ଜଗତରେ ବିଚରଣ କରି ନିଜ ଜୀବନ ଓ ପରିବାରର ସୁଖସମୃଦ୍ଧିକୁ ନଷ୍ଟଭ୍ରଷ୍ଟ କରିଦିଅନ୍ତି। ଅନେକ ପିଲାଙ୍କୁ ଦେଖିଛି ବାପାମାଆ ମୂଳ ଲାଗି, ଦିନସାରା ପର ପାଖରେ ଖଟି ଖଟି ପିଲାଙ୍କୁ ପାଠ ପଢ଼ାଇବା ପାଇଁ ବଡ଼ ଶିକ୍ଷାନୁଷ୍ଠାନରେ ନାମଲେଖାନ୍ତି। କିନ୍ତୁ ପିଲାମାନେ ଅତ୍ୟନ୍ତ ଦାୟିତ୍ୱହୀନ ଭାବରେ ବାପାମାଆ, ପରିବାରବର୍ଗଙ୍କ ଦୁଃଖ ଯନ୍ତ୍ରଣାକୁ ତିଳେମାତ୍ର ଚିନ୍ତା ନ କରି ଅବାଟରେ ଚାଲିଯାଆନ୍ତି। ଯେଉଁଥି ପାଇଁ ସେମାନେ ଆସିଛନ୍ତି ତାହା ଭୁଲିଯାଇ କୁସଙ୍ଗରେ ପଡ଼ି ଅନେକ ଭୁଲ୍ କରି ବସନ୍ତି। ସବୁଠାରୁ ବଡ଼ କଥା ହେଉଛି ହାସ୍ୟାଭିନେତା ଭଳି ସବୁ ଦୁଃଖ, କ୍ଲେଶ ଓ ଅଭାବ ଅନଟନକୁ ଛାତିରେ ଚାପିଧରି ପିଲାଙ୍କ ସୁଖ ପାଇଁ ସର୍ବସ୍ୱ ହରାଇଥିବା ବାପାମାଆ ବା ପରିବାରବର୍ଗଙ୍କୁ ଅଣଦେଖା ଓ ଅସମ୍ମାନ କରନ୍ତି ଏପରି କି ଜୋରଜବରଦସ୍ତ ସେମାନଙ୍କଠାରୁ ଟଙ୍କା ଆଣି ମାଦକ ଦ୍ରବ୍ୟ, ବଡ଼ ହୋଟେଲରେ ପାର୍ଟି ଓ ଅନ୍ୟାନ୍ୟ ଅସତ୍ କାମରେ ବିନିଯୋଗ କରନ୍ତି। ଯଦି ନିଜ କଷ୍ଟକୁ ନିୟନ୍ତ୍ରଣ ନ କରି କେବେ ମା'ବାପା ତାଗିଦା କରନ୍ତି ତୁରନ୍ତ ଆତ୍ମହତ୍ୟା ଭଳି ଧମକ ଦିଅନ୍ତି। ଏମିତି ବି ହୁଏ ଯଦି ଅଭାବ ହେତୁ ଠିକ ସମୟରେ ଟଙ୍କା ଦେବାରେ ବିଳମ୍ବ ହୁଏ ଆଜିକାଲିର ଯୁବତୀଯୁବକମାନେ ପରିବାରର ଅସୁବିଧା ବୁଝିବା ପରିବର୍ତ୍ତେ ସିଧା ପ୍ରଶ୍ନ କରନ୍ତି କି ଯଦି ସୁବିଧା ସୁଯୋଗ ଯୋଗାଇ ଦେବାରେ ସାମର୍ଥ୍ୟ ନ ଥିଲା ଜନ୍ମ କାହିଁକି ଦେଉଥିଲ ବା ତୁମ ପରିବାରରେ ଜନ୍ମ ହୋଇ ମୋ ଜୀବନ ବେକାର। ମୋ ସାଙ୍ଗ ସାଥୀମାନେ କେତେ ସୁଖରେ ଅଛନ୍ତି ହେଲେ ମୁଁ..... ଇତ୍ୟାଦି। ବିଚରା ବାପାମାଆ ହାସ୍ୟାଭିନେତାମାନଙ୍କ ଭଳି ଲୁହ ପିଇଯାଇ କେବଳ ମିଛ ହସ ହସିବା ଛଡ଼ା ଆଉ ଉପାୟ କିଛି ନାହିଁ।

ମନେରଖିବା ଉଚିତ ଯେ ଏଭଳି ହାସ୍ୟାଭିନୟ କେବଳ ପୁଅଝିଅ, ପରିବାରବର୍ଗ ବା ଜ୍ଞାତି କୁଟୁମ୍ବ ଭିତରେ ସୀମିତ ନୁହେଁ, ଏହା ସମାଜରେ ପରିବ୍ୟାପ୍ତ। ମାନେ ଏଭଳି ଅଭିନୟ କରିବାକୁ ସମାଜର ତଥା ଆମ ଆଖପାଖରେ ରହୁଥିବା ଲୋକମାନେ ମଧ୍ୟ ଚାହାନ୍ତି। ଆପଣ ଯଦି ରୋଜଗାରକ୍ଷମ ତେବେ ଆପଣ ଆଖପାଖ ଲୋକ ଭାବି ନିଅନ୍ତି କି ସେମାନଙ୍କୁ ସାହାଯ୍ୟ କରିବା ଆପଣଙ୍କ କର୍ତ୍ତବ୍ୟ। କିନ୍ତୁ ସେମାନେ ଭୁଲିଯାଆନ୍ତି କି ସହଯୋଗର ହାତ ବଢ଼େଇଥିବା ଲୋକମାନଙ୍କ ପ୍ରତି ସେମାନଙ୍କର ମଧ୍ୟ କିଛି କର୍ତ୍ତବ୍ୟ ଅଛି। ଯଦି ଆପଣ ଚାକିରି ଖଣ୍ଡେ କରିଛନ୍ତି ତାହା ପୁଣି ବଡ଼ ଚାକିରିଟିଏ ତାହାହେଲେ କଥା ସରିଲା। ଲୋକେ ଭାବନ୍ତି ସରକାର ସେମାନଙ୍କ ପାଇଁ ଅକ୍ଷୟ ଭଣ୍ଡାର ଖୋଲି ଦେଇଥାନ୍ତି। ତେଣୁ ଯାହାର ଆବଶ୍ୟକ ପଡିଲା ନେଇ ଚାଲିବେ। ଫେରେଇବାର ପ୍ରଶ୍ନ ଉଠୁନାହିଁ। ଯଦି ଆପଣଙ୍କ ଅସୁବିଧା ହେତୁ ଦେଇପାରିବେ ନାହିଁ ସେତେବେଳେ ଯେଭଳି କଥା ଆପଣଙ୍କୁ ଶୁଣିବାକୁ ମିଳିବ ତାହା ଅସହ୍ୟ, ଅବ୍ୟକ୍ତ ଓ ଅମାନୁଷିକ। କେବଳ ଏକା ଏକା କାନ୍ଦିବା ଛଡ଼ା ଅନ୍ୟ ପନ୍ଥା ନାହିଁ।

ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ
ମୋ:୯୪୩୭୯୧୪୮୧୮

## ଏଇ ଭାରତରେ

ଅଧିକାଂଶ ଲୋକ ବ୍ୟାଗ ନ ନେଇ ପଲିଥିନରେ ପରିବା ଆଣିବା ଦେଖାଯାଏ। ଏହି ପଲିଥିନ ପରିବେଶ ପାଇଁ କ୍ଷତିକାରକ ହୋଇଥିବାରୁ ତାହାକୁ ଦୂର କରିବା ଲାଗି ଚେନ୍ନାଇର ମହିଳାମାନେ ଏକ ନିଆରା ଉପାୟ ଆପଣାଇଛନ୍ତି। ସେମାନେ ଗାଢ଼ ସବୁଜ ରଙ୍ଗର ବିଦ୍ୟୁତଚାଳିତ(ଇଭି) ଅଟୋରେ ପରିବା ନେଇ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ଚେନ୍ନାଇର ମହିଳା ଗ୍ରୁପକୁ ତାମିଲନାଡୁ ସରକାର ଏହି ଇଭି ଅଟୋ ଯୋଗାଇ ଦେଇଛନ୍ତି। ଇଭି ଅଟୋରେ ପରିବା ତଟକା ରହିବାର ବ୍ୟବସ୍ଥା କରାଯାଇଛି ଏବଂ ପରିବାଗୁଡ଼ିକୁ ସେମାନେ ମାଞ୍ଜାପାଇ ବ୍ୟାଗ(ହଳଦିଆ ରଙ୍ଗର କନା ବ୍ୟାଗ)ରେ ଲୋକଙ୍କୁ ଦେଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପରିବେଶରେ ପଲିଥିନ ବ୍ୟବହାର ହ୍ରାସ କରିବା ପାଇଁ ତିନିବର୍ଷ ପୂର୍ବେ ତାମିଲନାଡୁ ସରକାର ମାଞ୍ଜାପାଇ ବ୍ୟାଗ ବ୍ୟବହାରକୁ ପ୍ରୋତ୍ସାହିତ କରିଥିଲେ। ଏବେ ରାଜ୍ୟରେ ୧୮୯ଟି ସ୍ଥାନରେ ଏହି ବ୍ୟାଗ ତିଆରି କରାଯାଇ ଲୋକଙ୍କୁ ଶସ୍ତାରେ ଯୋଗାଇ ଦିଆଯାଉଛି। ଚେନ୍ନାଇରେ ମଧ୍ୟ ୪୦ଟି ଜାଗାରେ ଏହା ଉପଲବ୍ଧ ହେଉଛି। ଏଣୁ ପରିବା ବିକ୍ରି କରିବା ପାଇଁ ମହିଳାଗ୍ରୁପଗୁଡ଼ିକୁ ଏହି ବ୍ୟାଗ ସବୁଧାରେ ମିଳିପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୧ ଅକ୍ଟୋବର ୧୯୭୬

- ବନ୍ୟା କ୍ଷତିଗ୍ରସ୍ତ ବିହାରକୁ ସାହାଯ୍ୟ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦ କୋଟି ଟଙ୍କା ସ୍ୱଳ୍ପମିଆଦୀ ଋଣ ମଞ୍ଜୁର।
- ଦକ୍ଷିଣ ସୁଦାନରେ ଏକ ପ୍ରକାର ରହସ୍ୟଜନକ ରୋଗ ଦେଖାଯାଇଥିବାରୁ କେନିଆ ସୁଦାନକୁ ଲାଗିଥିବା ତା'ର ସୀମାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି।
- ଚୀନର ପ୍ରଧାନମନ୍ତ୍ରୀ ହୁଆକୁଓ ଫେଙ୍ଗ୍ ଚୀନ କମ୍ୟୁନିଷ୍ଟ ପାର୍ଟିର ନୂତନ ଚେୟାରମ୍ୟାନ ତଥା ମାଓଙ୍କ ଉତ୍ତରାଧିକାରୀ ନିଯୁକ୍ତ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | | 9 | 2 |
| | 4 | 8 | 3 | | | | | 7 |
| | | | 9 | | | | | |
| | | 1 | | 4 | | | | 8 |
| | 7 | | | | | | 5 | 1 |
| | 2 | | 7 | 5 | | | | |
| | | | | | 7 | | | 4 |
| | | | | 9 | 8 | | | |
| 3 | 9 | | | | 4 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 8 | 4 | 7 | 6 | 2 | 5 | 9 |
| 5 | 6 | 7 | 2 | 8 | 9 | 3 | 4 | 1 |
| 4 | 9 | 2 | 1 | 3 | 5 | 7 | 6 | 8 |
| 2 | 4 | 3 | 8 | 1 | 7 | 6 | 9 | 5 |
| 7 | 5 | 1 | 9 | 6 | 4 | 8 | 3 | 2 |
| 6 | 8 | 9 | 5 | 2 | 3 | 4 | 1 | 7 |
| 8 | 3 | 6 | 7 | 5 | 1 | 9 | 2 | 4 |
| 9 | 7 | 5 | 3 | 4 | 2 | 1 | 8 | 6 |
| 1 | 2 | 4 | 6 | 9 | 8 | 5 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନଗ୍ରସର ଶ୍ରେଣୀର ଉନ୍ନତି ହେଉ

ମହାଶୟ,

ଓଡ଼ିଶାରେ ଅନେକ କଲ୍ୟାଣକାରୀ ତଥା ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ରାଜ୍ୟରେ ଥିବା ଅନଗ୍ରସର ଶ୍ରେଣୀ ସେଥିରୁ ଲାଭ ପାଇପାରୁନାହାନ୍ତି। ଅଧିକାଂଶ ସ୍ୱଚ୍ଛଳବର୍ଗ ସେମାନଙ୍କ ଯୋଜନାରେ ଭାଗୀଦାରି ହେଉଛନ୍ତି। ଦେଖାଯାଏ, ତଫସିଲଭୁକ୍ତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗ ସ୍ୱାଧୀନତାର ବହୁବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କର ଆର୍ଥିକ, ସାମାଜିକ ଏବଂ ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆବଶ୍ୟକ। ପାରିବାରିକ ଅଭାବ ଅନଟନ ହେଉ କିମ୍ବା ସଚେତନତାର ଅଭାବରୁ ସେମାନେ ସବୁ କ୍ଷେତ୍ରରେ ପଛୁଆ ରହିଛନ୍ତି। ସବୁବର୍ଗର ଉନ୍ନତିରେ ରାଜ୍ୟ ଓ ଦେଶର ଉନ୍ନତି ସମ୍ଭବ। ଏଥିପ୍ରତି ରାଜ୍ୟ ସରକାର ନୂତନ ଯୋଜନା କରିବା ଆବଶ୍ୟକ।

-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ହାସେ ଫୁଟୁ ଗୋ ଧରାର ବେଦନା
ଆକାଶ-ଲୋତକ ରାଶି
ବିଶ୍ୱଜଡ଼ିତ ସୁଖର ଚେତନା
ସେହି ହାସେ ଉଠୁ ଭାସି ।
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସଙ୍ଗୀତ ଓ ସୃଜନର ରସକେଳି: ପ୍ରକ୍ରମ-ପଦ୍ୟାବଳୀ

## ଅତୀତର ବହି



ଫଣୀନ୍ଦ୍ର ଭୂଷଣ ନନ୍ଦ

ଚିକିଟି ରାଜବଂଶର ରାଜାମାନେ ଓଡ଼ିଆ ସାହିତ୍ୟକୁ ନାନା ଭାବେ ସମୃଦ୍ଧ କରିଛନ୍ତି। ରାଧାମୋହନଙ୍କ ପିତା କିଶୋରଚନ୍ଦ୍ର ରାଜେନ୍ଦ୍ରଦେବ ବିଦଗ୍ଧ ମାଧବ ନାଟକ, ରାଧାପ୍ରେମ ଲୀଳା, ରଘୁନାଥ ବିଳାସ ପ୍ରଭୃତିର ରଚୟିତା। କିଶୋରଚନ୍ଦ୍ରଙ୍କ ଭାଇ ପୀତାମ୍ବର ଭ୍ରମରବର ଜାନକୀ ବିଳାପ କାବ୍ୟ ରଚନା କରିଛନ୍ତି। ରାଧାମୋହନ ଅନେକ ନାଟକ ଓ କାବ୍ୟ ସୃଷ୍ଟି କରି ଓଡ଼ିଆ ସାହିତ୍ୟକୁ ପୁଷ୍କଳ କରିଛନ୍ତି। ପ୍ରେମତରଙ୍ଗ (୧୯୧୦), ପରିମଳା ସହ ଗମନ (୧୯୧୨), ପ୍ରକୃତି ରହସ୍ୟ (୧୯୧୪), ପ୍ରକୃତ ପ୍ରଣୟ ନାଟକ (୧୯୧୫), ପାଞ୍ଚାଳି ପଟାପହରଣ (୧୯୧୬), ପ୍ରତାପ ନାଟକ (୧୯୧୬), ପାଣ୍ଡବ ବନବାସ (୧୯୨୧) ପ୍ରଭୃତି ନାଟକ ଲେଖି ସ୍ୱପ୍ରତିଷ୍ଠିତ ଚିକିଟି ରଙ୍ଗମଞ୍ଚରେ ମଞ୍ଚସ୍ଥ କରିଛନ୍ତି। ତାଙ୍କର କାବ୍ୟଗୁଡ଼ିକ ହେଲା- ପ୍ରେମମଞ୍ଜରୀ (୧୯୧୩), ପ୍ରକ୍ରମ-ପଦ୍ୟାବଳୀ (୧୯୧୫), ପ୍ରକୃତି ବର୍ଣ୍ଣନା (୧୯୨୧)। 'ପ୍ରେମମଞ୍ଜରୀ' କାବ୍ୟରେ ଚିକିଟି ରାଜବଂଶ ତଥା ତାଙ୍କର ପରିଚୟ ପ୍ରଦାନ କରାଯାଇଛି। ପ୍ରକ୍ରମ-ପଦ୍ୟାବଳୀ ଏକ ଉଚ୍ଚକୋଟୀର କବିତା ସଂକଳନ। ପ୍ରକ୍ରମ ବା ଆରମ୍ଭ ସମୟର କବିତାଗୁଡ଼ିକ ଏଥିରେ ସଂକଳିତ ହୋଇଥିବାରୁ କବି ଏହାର ନାମ ପ୍ରକ୍ରମ-ପଦ୍ୟାବଳୀ ରଖିଛନ୍ତି। ରାଧାମୋହନଙ୍କ ଅନୁଜ ଛବିମୋହନ ଥାଟରାଜା ବଡ଼ଭାଇଙ୍କ ସାହାଯ୍ୟକ୍ରମେ ଚିକିଟିରେ ରଙ୍ଗମଞ୍ଚ ପ୍ରତିଷ୍ଠା କରିଥିଲେ। ଏହି ରଙ୍ଗମଞ୍ଚରେ ରାଧାମୋହନଙ୍କ ନାଟକଗୁଡ଼ିକ ପ୍ରଦର୍ଶିତ ହୋଇଥିଲା।

ପ୍ରକ୍ରମ-ପଦ୍ୟାବଳୀରେ ୧୦୦ଟି ଗୀତ ସ୍ଥାନିତ। ଏହି ଗୀତଗୁଡ଼ିକ ମୁଖ୍ୟତଃ ଜାତୀୟତାମୂଳକ, ସ୍ତବ, ପ୍ରାର୍ଥନା ଏବଂ ପ୍ରାର୍ଥନାଗୁଡ଼ିକ ପ୍ରାଚୀନ ଭଞ୍ଜୀୟ ରୀତି ଅନୁସରଣ କରେ। ଏହି ପଦ୍ୟାବଳୀରେ ହରି ସ୍ତବ ୬, ଦୁର୍ଗା ସ୍ତବ ୪, ଲକ୍ଷ୍ମୀ ଓ ଗଙ୍ଗା ସ୍ତବ ଗୋଟିଏ ଲେଖାଏଁ ସ୍ଥାନିତ। ମନସାନ୍ତ୍ୱନା ୭ଟି ପଦ୍ୟ, ଜାତୀୟ ସଙ୍ଗୀତ ୩, ପ୍ରାର୍ଥନା ପଦ୍ୟ ୩, ବିଧିଉପାଳମ୍ଭ ୩, ଋତୁବର୍ଣ୍ଣନା ୫, ସମୟବର୍ଣ୍ଣନା ୮, ଦୂତୀପ୍ରତି ନାୟକ ୭, ଦୂତୀପ୍ରତି ନାୟିକା ୪, ନାୟିକାପ୍ରତି ସଖୀ ୪, ବିଦେଶାନୁଚିନ୍ତା ୭, ପ୍ରେମପତ୍ର ୨, ଅନୁଚିନ୍ତା ୮, ଅନୁନୟ ୧୮, ନାୟକପ୍ରତି ନାୟିକା ୨, ଶୋକଚ୍ଛ୍ୱାସ ୧, ସ୍ୱପ୍ନ ୧, ମୃତ୍ୟୁ ୧, ସତ୍ୟ ୧, ଶାନ୍ତି ୧ ପ୍ରେମମୂଳକ। ଗୀତଗୁଡ଼ିକ ପ୍ରାଚୀନ ଓ ଆଧୁନିକ ରାଗରାଗିଣୀରେ ରଚିତ। ମୁଖ୍ୟତଃ ଶ୍ରୀରାଗ, ସିନ୍ଧୁଖମାଚ, ଚଉତିଶା ବୃତ୍ତ, ସୁରଟ, କଲ୍ୟାଣୀ, ମୁଖାରୀ, ଭୋପାଳି, ବସନ୍ତ, କାଫି, ଆହାରୀ, ବାଳଶ୍ରୀ, ସାବେରୀ, କରଞ୍ଜ, ବଙ୍ଗଳାଶ୍ରୀ, ପୂରବୀ, କାମୋଦୀ, ଆଷାଢ଼ଶୁକ୍ଳ, ଶଙ୍କରାଭରଣ ଆଦି ରାଗରେ ଏ ସବୁ ରଚିତ। ରାଗ ଏବଂ ତାଳର ନିର୍ଦ୍ଦେଶ ପ୍ରତି ପଦ୍ୟରେ ରହିଛି। ସଙ୍ଗୀତଗୁଡ଼ିକରେ ସ୍ୱର ସଂଯୋଜନାର ମାର୍ଗ ପ୍ରଦର୍ଶିତ ହୋଇଛି। ଏଥିରେ ପଲ୍ଲବୀ, ଅନୁପଲ୍ଲବୀ, ମୁକ୍ତାଇଶ୍ୱର, ଉପପଲ୍ଲବୀ, ଚରଣ ଆଦିର ଯଥାଯଥ ସ୍ୱର ନିୟମ ପ୍ରଦତ୍ତ ହୋଇଛି। ସ୍ତବ ଓ ଓ ମଙ୍ଗଳ ୧ଗୋଟି ପଦ୍ୟ ସ୍ଥାନିତ।

କବି ପୁସ୍ତକର ମୁଖବନ୍ଧ (ବିଜ୍ଞାପନ)ରେ ସ୍ୱୀକାର କରିଛନ୍ତି, "ଏଥିରେ କେତେକ କବିତା ଶୃଙ୍ଗାର ରସବିଶିଷ୍ଟ ହୋଇଥିବାରୁ ସମ୍ଭବତଃ ଆଧୁନିକ ଦୃଷ୍ଟିରେ ଅନାସ୍ଥାଯୋଗ୍ୟ ହୋଇପାରେ। କିନ୍ତୁ ବିଶେଷ ଚିନ୍ତା ଓ ଆଲୋଚନାରହିତ ବୟସପ୍ରସୂତ ଏହି କବିତାଗୁଡ଼ିକୁ ଇଦାନୀନ୍ତନ ରୁଚିରେ ପରିଶୋଭିତ ଓ ପରିବର୍ଦ୍ଧିତ କରି ନ ପାରି ଅବିକଳ ପ୍ରକାଶିତ କରିବା ଅଭିଳାଷକୁ ଜୟ କରିପାରି ନାହିଁ ଏବଂ ଯେଉଁମାନଙ୍କ ପକ୍ଷେ ଶୃଙ୍ଗାର ଏକାନ୍ତ ବର୍ଜନୀୟ, ସେମାନଙ୍କର କଥଞ୍ଚିତ୍ କୌତୁକ ନିବୃତ୍ତି ନିମନ୍ତେ ଅନ୍ୟାନ୍ୟ ରସାଶ୍ରୟ କବିତା ସନ୍ନିବେଶିତ କରିଅଛି।" ଏହି ସଙ୍କଳନର ନାୟକ-ନାୟିକା ସମ୍ପର୍କିତ କବିତାଗୁଡ଼ିକରେ ଶୃଙ୍ଗାର ରସର ପ୍ରାବଲ୍ୟ ଦେଖିବାକୁ ମିଳେ। କିନ୍ତୁ ଜାତୀୟ ସଙ୍ଗୀତ, ସମୟବର୍ଣ୍ଣନ, ସ୍ୱପ୍ନ, ମୃତ୍ୟୁ ଓ ସତ୍ୟ ପ୍ରଭୃତି କବିତାରେ କବିଙ୍କର ଆଧ୍ୟାତ୍ମିକ ଚିନ୍ତାଧାରା ଓ ଦାର୍ଶନିକ ଭାବର ଉନ୍ମେଷ ଘଟିଛି। ଶୋକଚ୍ଛ୍ୱାସ କବିତାଟି ନିଜର ପ୍ରଥମା ପତ୍ନୀଙ୍କ ବିୟୋଗରେ ରଚିତ ଏକ ଗଭୀର ଶୋକାତ୍ମକ କବିତା। ଜାତୀୟ ସଙ୍ଗୀତଗୁଡ଼ିକ ଆଧୁନିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପ୍ରେକ୍ଷାପଟରେ ରଚିତ ହୋଇ ଜାତୀୟତାବୋଧ ଉଦ୍ରେକ କରିବାରେ ସମର୍ଥ ହୋଇଛି। ସେଥିରୁ ଗୋଟିଏ ପଦ ଏଠି ଉଦ୍ଧାର କରାଯାଇ ପାରେ- "ଚେତି ଲେଣି ଦେଶ ସକଳ।/ ଏତିକି ବେଳେ କିପାଇଁ ଜଡ଼ ଉତ୍କଳ।/ x x x / ଉଠ ଉଠ ପ୍ରିୟ ଭାଇ/ ମଠ କଲେ କ୍ଷେମ ନାହିଁ/ ଶଠପଣ ନ ଦେଖାଇ ପୌରୁଷ ପାଳ।/ ଗତ ଗୌରବକୁ ସ୍ମର/ ଚିତ୍ତ ଦୃଢ଼ତର କର/ ହିତ ଭାଷେ ରାଜସୁରବର ଏକାଳ।" ଋତୁ ବର୍ଣ୍ଣନା ସମୟରେ ସେ ଋତୁରାଜକୁ ଇଂରେଜ ସମ୍ରାଟ୍‌ଙ୍କ ସହିତ ତୁଳନା କରିଛନ୍ତି। ତାଙ୍କ ଭାଷାରେ- "ମଧୁ ଋତୁରାଜ ଭାରତ ସମ୍ରାଟ ସଦୃଶ ହେଲା ଆଗତ।"

ରାଜକବି ମୃତ୍ୟୁ, ସତ୍ୟ ଓ ଶାନ୍ତି ସମ୍ପର୍କରେ ବିଭିନ୍ନ ପଦ୍ୟ ରଚନା କରି ମାନବୀୟ ରସଚେତନାକୁ ପ୍ରାଣବନ୍ତ କରିଛନ୍ତି। ମୃତ୍ୟୁ ସମ୍ପର୍କରେ ତାଙ୍କର ବକ୍ତବ୍ୟ ବେଶ୍ ଆକର୍ଷଣୀୟ। "ହେ ପ୍ରିୟ ମୃତ୍ୟୁ ଆସ/ ଆସ ମୋହର ପାଶ/ ଘେନି ବିନୟ ନିମନ୍ତ୍ରଣ।/ ତବ କରୁଣା ବିନା/ ବହୁ କଷ୍ଟ ଅଧୁନା/ ଭୋଗୁଛି କର ଉଦ୍ଧରଣ ହେ। ମିତ୍ରବର!"



ପ୍ରକ୍ରମପଦ୍ୟାବଳୀ
ଚିକିଟି-ଅଧୀଶ୍ୱର
ଶ୍ରୀ ରାଧାମୋହନ ରାଜେନ୍ଦ୍ରଦେବଙ୍କ ଦ୍ୱାରା
ପ୍ରଣୀତ।
ପ୍ରଥମ ମୁଦ୍ରଣ।
Printed by V. Kar.
The Utkal Sahitya Press,
CUTTACK.
1915.
ମୂଲ୍ୟ ୧୦।

ରାଧାମୋହନ ରାଜେନ୍ଦ୍ର କାୟମନୋବାକ୍ୟରେ ଜଣେ କବି ଓ ସାଧକ ଥିଲେ। ୧୯୨୩ରେ ନିଜର ଜ୍ୟେଷ୍ଠପୁତ୍ର ଗୌରଚନ୍ଦ୍ର ରାଜେନ୍ଦ୍ରଙ୍କୁ ରାଜ୍ୟଭାର ଅର୍ପଣ କରି ବାନପ୍ରସ୍ଥ ଗ୍ରହଣ କରିଥିଲେ। ଏହିସମୟରେ ସେ ଆଧ୍ୟାତ୍ମିକ ଓ ଦାର୍ଶନିକ ଚିନ୍ତା ସମ୍ବଳିତ ପରମାର୍ଥ ପୟୋଧି ଓ ଯୋଗବଶିଷ୍ଠ ରାମାୟଣର ଅନୁବାଦ କରିଥିଲେ। ରାଧାମୋହନଙ୍କ ପ୍ରକ୍ରମ-ପଦ୍ୟାବଳୀ ଓଡ଼ିଆ ସାହିତ୍ୟରେ ଏକ ଅନବଦ୍ୟ ସଙ୍ଗୀତ ପୁସ୍ତକ। ଏହି ପଦ୍ୟଗୁଡ଼ିକର ରଚନା ପାଇଁ ସେ ପଣ୍ଡିତ ଗଦାଧର ବିଦ୍ୟାଭୂଷଣ ଓ ସଦାଶିବ ବିଦ୍ୟାଭୂଷଣଙ୍କର ସାହାଯ୍ୟ ଗ୍ରହଣ କରିଥିଲେ। ଏହି ପଦ୍ୟାବଳୀରେ ତାଙ୍କ ଓଡ଼ିଆ ଭାଷାର ସାର୍ଥକ ପ୍ରୟୋଗ, ଅଳଙ୍କାର ଓ ସଙ୍ଗୀତ ଜ୍ଞାନର ଅପରୂପ ଦୃଷ୍ଟାନ୍ତ ପରିଦୃଷ୍ଟ ହୋଇଥାଏ।

୬୭, ସରସ୍ୱତୀ କୁଞ୍ଜ
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ମୋ: ୯୪୩୭୨୫୬୧୭୬

**ଚିକିଟିର ରାଜା ରାଧାମୋହନ ରାଜେନ୍ଦ୍ରଦେବ ଉତ୍କଳ ସାହିତ୍ୟ ସମାଜର ଜଣେ ସକ୍ରିୟ ସଭ୍ୟ ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା। ସେ ଓଡ଼ିଆ ନାଟକ ଓ କବିତା କ୍ଷେତ୍ରରେ ନିଜର ଅନବଦ୍ୟ ସ୍ୱାକ୍ଷର ରଖିଯାଇଛନ୍ତି। ଚିକିଟି ରାଜବଂଶର ୨୬ତମ ରାଜା କିଶୋରଚନ୍ଦ୍ର ରାଜେନ୍ଦ୍ରଦେବଙ୍କର ଜ୍ୟେଷ୍ଠ ପୁତ୍ର ରାଧାମୋହନ ୧୮।୭।୧୮୮୧ରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୭।୭।୧୯୪୪ରେ ୬୩ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା।**



## କାଳକାଳକୁ

"ସଂଗୀତ ବ୍ୟତିରେକେ ଜୀବନ ଏକ ଭ୍ରାନ୍ତି"
– ଫ୍ରେଡ୍‌ରିକ୍ ନୀତ୍‌ସେ



**ଫ୍ରେଡ୍‌ରିକ୍ ନୀତ୍‌ସେଙ୍କ** ଜନ୍ମ ୧୫ ଅକ୍ଟୋବର ୧୮୪୪ରେ ଓ ପରଲୋକ ୨୫ ଅଗଷ୍ଟ ୧୯୦୦ରେ। ବିଶ୍ୱବିଖ୍ୟାତ ଏହି ଜର୍ମାନ୍ ଦାର୍ଶନିକ ଓ ସଂସ୍କୃତି-ସମୀକ୍ଷକଙ୍କ ପ୍ରସିଦ୍ଧ ପୁସ୍ତକଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ଦ ବାର୍ଥ ଅଫ୍ ଟ୍ରାଜେଡି'(୧୮୭୨), 'ଦ ଗେ ସାଇନ୍ସ'(୧୮୮୨), 'ଦସ୍ ସ୍ପୋକ୍ ଜରାଥୁଷ୍ଟ୍ର'(୧୮୮୩-୧୮୮୫), 'ବିଓଣ୍ଡ୍ ଗୁଡ୍ ଆଣ୍ଡ୍ ଇଭିଲ୍'(୧୮୮୬) ଓ 'ଅନ୍ ଦ ଜେନିଏଲୋଜି ଅଫ୍ ମୋରାଲ୍‌ସ'(୧୮୮୭)। 'ଈଶ୍ୱରଙ୍କ ମୃତ୍ୟୁ' ଭଳି ଉଦ୍‌ଘୋଷଣା ଦ୍ୱାରା ସେ ପାଶ୍ଚାତ୍ୟର ପାରମ୍ପରିକ ଦର୍ଶନ ଓ ନୈତିକତାରେ ଆଲୋଡ଼ନ ସୃଷ୍ଟି କରିଥିଲେ। ନୀତ୍‌ସେ କହନ୍ତି: "ଜୀବନ ବଞ୍ଚିବା ମାନେ ଦୁଃଖ ଭୋଗିବା, ଜୀବନରେ ତିଷ୍ଠି ରହିବା ମାନେ ଦୁଃଖ ଭୋଗ ଭିତରେ ଜୀବନର କିଛି ଅର୍ଥ ଖୋଜି ପାଇବା।"

## କବିତା

### ଇତର

ରଶ୍ମିରଞ୍ଜନ ରାଉତ

ମଥା ଉପର ଛତା ପାଲଟିଥିବା ଲୋକଟା
କେମିତି ଅଛୁଆଁ ହେବ ଯେ?
ଯାହାଙ୍କ ପାଇଁ ସୁରୁଖୁରୁ ଗୁଜୁରାଣ
ଆମ କ୍ଷେତ ପାଇଁ, ଭେକ ପାଇଁ
ଯିଏ ଲହୁଲୁହାଣ
କେମିତି ସେ ଅଛୁବ, ଅସ୍ପୃଶ୍ୟ ଜନ?

ଦିନେ ଆମ ଭିତରୁ କିଏ ଗଢ଼ିଦେଇଥିଲା
ଏ ଅହଂକାରର ଇନ୍ଦ୍ରପ୍ରସ୍ଥ
ଏବେ ବି ସେମିତି ଶାଣଦିଆ
ଛୁରିପରି କରୁଛି ଚକ୍‌ଚକ୍
ଖସିନି କାନ୍ଧରୁ ତୂନ, ଛତିରୁ ଧ୍ୱଜା
ଦେଖ ପୂର୍ବପୁରୁଷ?
ଏବେ ବି ମଣିଷ ଅନ୍ଧାରରେ
ଅଣ୍ଡାଳୁଛି ଜୀବନ ଯାତକ।

ଆପଣ ତ ବାରଣ କଲେ ସେମାନଙ୍କୁ
ଦିଅଁ, ଦେବତା, ଦେଇପିଣ୍ଡି ଓ ଇଶାଣ
ଯାହା ଶିଖିଲେ ପିଲାମାନେ...
ଏବେ କହୁଛନ୍ତି ସେମାନେ ଛୁଇଁଦେଲେ କୁଆଡ଼େ
ମାରା ହେଇଯିବ ବସ୍ତ୍ର, ମନ୍ତ୍ର,
ନୈବେଦ୍ୟ ଓ ପୂଜାପାଠ

ପିଣ୍ଡ ପାଇବେନି ପିତୃପୁରୁଷ
ସତରେ, ପଥର ପାଲଟିଥିବା ଆଖି କି
ଦେଖିପାରେ
କୋଉ ସବୁଜ ଅରଣ୍ୟର ସ୍ୱପ୍ନ
ତା' ପାଇଁ ସବୁ ତ ଧୂମାର୍ତ୍ତ।

ହେ ମହାଜନ!
ଏଠି ଦାସିଆ, ସାରିଆ ଓ ସାଲବେଗଙ୍କ ପାଇଁ
ଅଟକିଛି ରଥ ନୁହଁ ସେ ଇତର?
ଆମେ ଯାହା ଗଢ଼ିଲୁ ଖାଲି ଭେଦର ପ୍ରାଚୀର
କିଏ ଦଳିତ, କିଏ ଶାସକ, କିଏ ପାମର
ମଣିଷ ମଣିଷ ସମାନ
ବଡ଼ଦାଣ୍ଡେ ଦୁଇହାତ ଟେକିଦେଲେ
ରଥ ଉପରୁ କରୁଣା କରନ୍ତି କଳାଠାକୁର।

ଅଥଚ ତମେ ତାଙ୍କୁ ଦେଖି ଟେକୁଛ ନାକ?
ଏଠି ଘୁଷୁରି ଯୋନିରେ ବି ମହାପ୍ରଭୁଙ୍କ ଜନ୍ମ
କୁହ... କୁହ...?
ତୃତୀୟ ଅବତାରର ସେ ମହାମହିମ ରୂପ
ପାରିବ ତ ପଚାର ତାଙ୍କୁ
କେମିତି ହେଇପାରିଲେ ଏତେ ନିକୃଷ୍ଟ?

୨୪ ପ୍ରହରୀ ମଣ୍ଡପ, ନାୟକାଣୀଡିହି, ଭଦ୍ରକ
ମୋ: ୭୮୦୯୦୩୭୬୦୮

### ଗୀତି-କବିତା

### ଆଶାବରୀ

ଛବିରାଣୀ ପତି

ତମେ ପରା ଦିନେ ରାଣ ଦେଇ ମତେ
କହିଥିଲ କାନେ ଥିରି,
ଜୀବନଟା ସାରା ଶୁଣାଇବ ବୋଲି
ମିଳନର ଆଶାବରୀ॥
କେତେ ରାତି ଆମ ବିତି ତ ଯାଇଛି
ମିଠା ସପନରେ ହଜି,
ନିରୋଳା ଲଗନେ ମିଳନ ମଗନେ
ଜହ୍ନ ଜୋଛନାରେ ଭିଜି,
ମନେପଡ଼ିଗଲେ ଆଜି ସେଇ କଥା
ଦେହ ହୁଏ ଶିରି ଶିରି॥
ତାରାମେଳେ ଜହ୍ନ ଲୁଚିକି ଦେଖିଛି
ଆମ ଚୋରା ଅଭିସାର,
ପ୍ରଣୟ ବିଭୋରେ ସେ ବେଳ ଆମର
କାହାକୁ ନ ଥିଲା ଡର,
ହଜିଲା ଦିନର ଅପାସୋରା ସ୍ମୃତି
କେମିତି ଦେଲ ପାସୋରି॥
ତୁମେ କୁହ ସାଥୀ ଭୁଲ କିବା ଥିଲା
ତୁମକୁ ମୁଁ ଭଲପାଇ,
ନିଆରା ପ୍ରେମକୁ ଯେତେ ଚାହିଁଲେ ବି
ଭୁଲି କି ପାରିଛି କେହି,
ଏବେ ବି ଚାହିଁଛି ତମରି ପଥକୁ
ଆସିବ କି ସତେ ଫେରି॥

ମୋ: ୯୩୩୭୯୬୦୦୬୦

## ଲଘୁ ଗଳ୍ପ

### ଏରୁଣ୍ଡି

ପ୍ରତାପ ବିଶ୍ୱାଳ

ଘରର ମୁଖ୍ୟ ଦ୍ୱାରର ଏରୁଣ୍ଡିବନ୍ଧକୁ ଡେଉଁଡେଉଁ ଅଟକିଗଲା ସେ। ଆପେଆପେ ଫେରିଆସିଲା ପଛକୁ ପାଦ। ଏରୁଣ୍ଡିବନ୍ଧକୁ ଚାହିଁଲା। ଏରୁଣ୍ଡିବନ୍ଧ ତ ନୁହେଁ, ଲକ୍ଷ୍ମଣରେଖା। କିଏ ଯେପରି କହୁଥିଲା- ଥରେ ଡେଇଁଗଲେ ଆଉ ଏ ଘର ତୋର ହୋଇ ରହିବ ନାହିଁ। ପରଘରୀ ହୋଇଥିଲୁ, ଏବେ ବାରଘରୀ ହୋଇଯିବୁ।

ଆଖିରେ ଆଖିଏ ଲୁହ, ମନରେ ଭରା କୋହ, ଅବସୋସ। ଘର ନା ଇଏ ଯମପୁର। ମୋ' ଘର ବୋଲି ଯେଉଁ ସ୍ୱପ୍ନ ନେଇ ସେ ବାପଘର ଛାଡ଼ିଥିଲା ଏବେ ସେ ରାତିର ସ୍ୱପ୍ନ ସବୁ ସକାଳ ହେଲାରୁ ଲାଗୁଛି ଯେପରି ସ୍ୱପ୍ନ ଦେଖିବା ଓ ସ୍ୱପ୍ନକୁ ସାମ୍ନା କରିବା ଭିତରେ ଆକାଶ ପାତାଳ ତଫାତ୍।

ସମସ୍ତଙ୍କ କଥା ଛାଡ଼। ସ୍ୱାମୀଟା ଭଲା ମଣିଷ ହୋଇଥାନ୍ତା! ଦେହ ଦାହ ଛଡ଼ା ସ୍ୱାମୀ ଆଉ କେଉଁଥିରେ ସାଥି ଦେବାର ନୁହେଁ। କାହାକୁ କହିହେଉଛି ନା ସହିହେଉଛି। ଶାଶୁ, ଶ୍ୱଶୁର, ନଣନ୍ଦ ସମସ୍ତେ ଏକୁଆରେକ ବଳି। ଦିନରାତି ଗଧ ପରି ଖଟିଲେ ବି ଆହାଃ ପଦେ କାନରେ ବାଜେନି। ସ୍ୱାମୀକୁ କହିଲେ କହିବେ: ଘର କରିଥିଲେ ପଥର ପଡ଼ିଲେ ସହି।

ସହି ସହି ତିନି ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ତଥାପି ସେ ଚୁପ୍। କିନ୍ତୁ ସହିବାର ତ ଗୋଟାଏ ସୀମା ଅଛି! ତୁମ ପୁଅ ଚାକିରି କରିବ, ତୁମକୁ ପୋଷିବ। ସେଥିପାଇଁ ଶ୍ୱଶୁର ଘର କାହିଁକି ସାହାଯ୍ୟ କରିବେ। ହଁ, କରନ୍ତେ- ସେମିତି ଥିଲାବାଲା ହୋଇଥିଲେ ସିନା!

ସେ ତା' ବାଁ ହାତକୁ ଚାହିଁଲା। ଏବେ ମାଡ଼ର ଦାଗ ତା' ଗୋରା ଚମରେ ଲାଲ ଦେଖାଯାଉଛି। ଲୁହ ଦୁଇଟୋପା ଗଡ଼ିଆସିଲା ଆଖିରୁ। ଟଙ୍କା ପାଇଁ ମଣିଷ କେତେ ନୃଶଂସ ହୋଇପାରେ ସତରେ!



ନା, ସେ ଯିବ ଏରୁଣ୍ଡି ଡେଇଁ। କିନ୍ତୁ ତା'ପରେ? କେତେଦିନ ସେ ଯାଇ ବାପଘରେ ରହିପାରିବ? ମାଟ୍ରିକ୍‌ଟା ଯଦି ପାସ୍ କରିଥାନ୍ତା ସେତେବେଳେ...

ନିଜକୁ ବୁଝାଇ ହେଉ ନ ଥିଲା କି ନିଜେ କିଛି ବୁଝି ପାରୁ ନ ଥିଲା।

କେଉଁ ରାସ୍ତା ବାଛିବ ସେ ଏ ସ୍ଥିତିରେ। ଭାବୁଥିଲା ଏ ନାରୀ ଜନ୍ମ ସତରେ କ'ଣ ଏମିତି ହିନିମାନିଆ ଜୀବନ ନେଇ ବଞ୍ଚିବା! ଏ କୂଳରେ ବାଘ ସେ କୂଳରେ ନିଆଁ।

ଆତ୍ମହତ୍ୟା ମହାପାପ ବୋଲି ସେ ଶୁଣିଛି। କିନ୍ତୁ ପାପକୁ ଡରିଲାବେଳେ ତାକୁ ଯଦି ମାରି ଦିଆଯାଏ! ମରିବାର ତରିକା କେବଳ ବଦଳିଯିବ ସିନା। ମରିବା ଓ ମାରିଦେବା ଯଦିଓ ଏକାକଥା ନୁହେଁ, ପରିଣତି ତ ସେଇ ପୂର୍ଣ୍ଣଚ୍ଛେଦ। ପାପର ସଂଜ୍ଞା ସେ ଖୋଜୁଥିଲା। ନାରୀ ଜନ୍ମରେ ପାପ ବଡ଼ ନା ନାରୀ ଜୀବନରୁ ମୁକ୍ତି ବଡ଼। ଯଦି ଏରୁଣ୍ଡି ତା'ପରେ...? ଅନ୍ଧାର ସବୁଦିନେ ନଥାଏ ନା। ଅମାବାସ୍ୟା ପରେ ଜହ୍ନ ଅନ୍ଧାର ଚିରି ଆସେ। ଆତ୍ମହତ୍ୟା ନୁହେଁ, ଡେଇଁଯିବ ସେ ଏରୁଣ୍ଡି। କିଏ ଦେଖିଛି କାହାର ଭାଗ୍ୟ କି ଭବିଷ୍ୟତ।

ମୋ: ୯୪୩୭୭୪୫୯୮୩

## ପୂଜା ପତ୍ରିକା - ୨୦୨୫

### ଅକ୍ଷାଂଶ



**ସମ୍ପାଦକ: ହରିଶ୍ଚନ୍ଦ୍ର ବେହେରା**
**ଏ-ଫୋର୍ ସାଇଜ୍, ପୃ:୩୪୦, ମୂଲ୍ୟ: ଟ.୨୫୦/-**

ପତ୍ରିକାରେ ପ୍ରବନ୍ଧ, ଗଳ୍ପ, କବିତାର ପର୍ବ-୧ ଓ ପର୍ବ-୨ରେ ବହୁ ବିଶିଷ୍ଟ ଓ ତରୁଣ ଲେଖିକାଲେଖକଙ୍କର ରଚନା ସ୍ଥାନିତ। କବିତାରେ ସ୍ୱକୀୟ ସୃଜନର ଅବଦାନ ଦେଇଛନ୍ତି ଫନୀ ମହାନ୍ତି, ନିତ୍ୟାନନ୍ଦ ନାୟକ, ମମତା ଦାଶ, ଆଶୁତୋଷ ପରିଡ଼ା, ସଦାଶିବ ଦାଶ, ହୃଷୀକେଶ ମଲ୍ଲିକ, ଶତ୍ରୁଘ୍ନ ପାଣ୍ଡବ, ପ୍ରବାସିନୀ ମହାକୁଡ଼, ପୀତାମ୍ବର ତରାଇ, ଅପର୍ଣ୍ଣା ମହାନ୍ତି, ବୀଣାପାଣି ପଣ୍ଡା, ଭଗବାନ ଜୟସିଂହ, ସାବିତ୍ରୀ କବି ଓ ଶଶଧର ଦାସ ପ୍ରମୁଖ ; ଗଳ୍ପରେ ଅଛନ୍ତି ବିଷ୍ଣୁ ସାହୁ, ମୌସୁମୀ ପରିଡ଼ା, କବିତା ବାରିକ ଓ ଲିପ୍‌ସା ପଟେଲ ଏବଂ ପ୍ରବନ୍ଧରେ ଅଛନ୍ତି ଆଦିକନ୍ଦ ସାହୁ, ଦୁର୍ଯ୍ୟୋଧନ ଦାସ ଓ ନିଖିଳାନନ୍ଦ ପାଣିଗ୍ରାହୀ। ଏତଦ୍‌ଭିନ୍ନ ଭ୍ରମଣ ବୃତ୍ତାନ୍ତ, ଅନୂଦିତ ଗଳ୍ପ, କବିତା ପତ୍ରିକାରେ ସଂଯୋଜିତ। ମନୋଜ ମେହେର ଲେଖିଛନ୍ତି ଗଦ୍ୟ କବିତା। ପ୍ରତିବର୍ଷ ପରି ସମ୍ପାଦକ ବେହେରା ଜଣେ ବିଶିଷ୍ଟ କବିଙ୍କୁ ପ୍ରସଙ୍ଗ କରି ଓଡ଼ିଆ କବିତାର ବିଶ୍ଳେଷଣ କରିଛନ୍ତି। ଏଥର ଅଛନ୍ତି ଶାର୍ଲ ବୋଦଲେୟାର।

### ବିଶ୍ୱମୁକ୍ତି



**ସମ୍ପାଦକ: ସୁଧୀର ମଉଡ଼ମଣି**
**ଏ-ଫୋର୍ ସାଇଜ୍, ପୃ:୨୧୬, ମୂଲ୍ୟ: ଟ.୧୨୦/-**

ପତ୍ରିକାର ସମ୍ପାଦକୀୟ ଲେଖିଛନ୍ତି ପ୍ରତିଷ୍ଠାତା ସମ୍ପାଦକ ଶଶାଙ୍କ ଚୂଡ଼ାମଣି- ବିଷୟ 'ନାରୀ: ସର୍ବତ୍ର ଅରି'। ଓଡ଼ିଶାରେ ଦିନକୁ ଦିନ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା, ନାରୀ ଆତ୍ମଦହନ ଓ ଦୁଷ୍କର୍ମର ପ୍ରେକ୍ଷାପଟରେ ଏହି ସମ୍ପାଦକୀୟ ପ୍ରାସଙ୍ଗିକ ହୋଇଛି। ପ୍ରବନ୍ଧ, ଗପ, ଅନୁବାଦ, ଫିଚର, ଉପନ୍ୟାସ, ବ୍ୟକ୍ତିତ୍ୱ ଓ ଅସୀମ ଓଡ଼ିଶା ଆଦି ବିଭାଗରେ ପତ୍ରିକାଟି ସମୃଦ୍ଧ। କବିତା ଲେଖିଛନ୍ତି ପ୍ରସନ୍ନ ପାଟ୍ଟଶାଣୀ, ଅଶ୍ୱିନୀ କୁମାର ମିଶ୍ର, ହୃଷୀକେଶ ମଲ୍ଲିକ, ମନୋରମା ବିଶ୍ୱାଳ ମହାପାତ୍ର, ରକ୍ଷକ ନାୟକ ଓ ସୌଭାଗ୍ୟବନ୍ତ ମହାରଣା ପ୍ରମୁଖ ନବପ୍ରତିଭାଙ୍କ ସହିତ। ଗପ ଲେଖିଛନ୍ତି ସଦାନନ୍ଦ ତ୍ରିପାଠୀ, କବିତା ବାରିକ, ରମେଶ ପଟ୍ଟନାୟକ ଓ ଆଭାସ କୁମାର ବରାଳଙ୍କ ସମେତ ନୂଆ ପୁରୁଣା ବହୁ କଥାଶିଳ୍ପୀ। ପ୍ରବନ୍ଧରେ ସ୍ଥାନିତ ବିଜୟାନନ୍ଦ ସିଂହ, ସନ୍ତୋଷ ତ୍ରିପାଠୀ, ତ୍ରିନାଥ ପଟ୍ଟନାୟକ ଓ ବସନ୍ତ କୁମାର ପଣ୍ଡା। ପ୍ରଚ୍ଛଦ ପ୍ରତୀକାତ୍ମକ।

### ଅପୂର୍ବା



**ସମ୍ପାଦକ: କ୍ଷୀରୋଦ ଚନ୍ଦ୍ର ପତି**
**ଏ-ଫୋର୍ ସାଇଜ୍, ପୃ:୫୪୪, ମୂଲ୍ୟ: ଟ.୫୦୦/-**

କଳେବର ଦୃଷ୍ଟିରୁ ଅଧିକ ପୃଷ୍ଠା ବିଶିଷ୍ଟ ହୋଇ ପ୍ରକାଶ ପାଇଛି 'ଅପୂର୍ବା'। କାହାଣୀର ଶ୍ରୀବୃଦ୍ଧି ଘଟାଇଛନ୍ତି ବିଭୂତି ପଟ୍ଟନାୟକ, ନାରୁ ମହାନ୍ତି, ବିଷ୍ଣୁ ସାହୁ, ଜୟନ୍ତୀ ରଥ, ପରେଶ କୁମାର ପଟ୍ଟନାୟକ, ଆନନ୍ଦ ଚନ୍ଦ୍ର ପହି, ଗୋଲାପ ମଞ୍ଜରୀ କର, ଦ୍ୱିତୀ ଚନ୍ଦ୍ର ସାହୁ ଓ ପଦ୍ମାଳୟା ସାମଲ ; କବିତାର ମାନ ବୃଦ୍ଧିରେ ଯୋଗଦେଇଛନ୍ତି ରାଜେନ୍ଦ୍ର କିଶୋର ପଣ୍ଡା, ହରପ୍ରସାଦ ଦାସ, ବଂଶୀଧର ଷଡ଼ଙ୍ଗୀ, ହୃଷୀକେଶ ମଲ୍ଲିକ, ପ୍ରସନ୍ନ କୁମାର ମହାନ୍ତି ଓ ଗାୟତ୍ରୀବାଳା ପଣ୍ଡା ; ପ୍ରବନ୍ଧରେ ଦୃଶ୍ୟମାନ ବାବାଜି ଚରଣ ପଟ୍ଟନାୟକ, ମଣୀନ୍ଦ୍ର କୁମାର ମେହେର। ଏଥିସହିତ ରହିଛି ଚର୍ଚ୍ଚିତ କାହାଣୀ 'ଶିଶୁ ଦିବସ'- ଲେଖିଛନ୍ତି ପାରମିତା ଶତପଥୀ। ଭ୍ରମଣ କାହାଣୀରେ ବିଜୟ କେତନ ପଟ୍ଟନାୟକ ବଖାଣିଛନ୍ତି ଦୁବାଇ ଭ୍ରମଣର କଥା। କ୍ଷୀରୋଦଙ୍କ ସମ୍ପାଦକୀୟ କବିତା 'ଶେଷଇଚ୍ଛା'ରେ ଧରାଦିଏ ମାନସିଂହ ଓ ବିନୋଦ ଚନ୍ଦ୍ର ନାୟକଙ୍କ କବିତାର ଡି.ଏନ୍.ଏ.।

### ନବଲିପି



**ସମ୍ପାଦକ: ଦେବବ୍ରତ ମଦନରାୟ**
**ଏ-ଫୋର୍ ସାଇଜ୍, ପୃ:୨୦୦, ମୂଲ୍ୟ: ଟ.୨୦୦/-**

କବି ନୃସିଂହ ତ୍ରିପାଠୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପତ୍ରିକାଟି ଲେଖା ପ୍ରକାଶନରେ ଗୁଣାତ୍ମକତା ସହ ସାଲିସ୍ କରିନାହିଁ। ସଂକ୍ଷିପ୍ତ ସମ୍ପାଦକୀୟ 'ଦୁର୍ଦ୍ଦଶାର ଦୁର୍ଗାପୂଜା'ରେ ତ୍ରିପାଠୀ ମହୋଦୟ ଲେଖିଛନ୍ତି: "x x ସୁନା ଦର ଆକାଶଛୁଆଁ। ନୂଆ ନୂଆ ଅଳଙ୍କାର ଶୋ-ରୁମ୍ ଖୋଲୁଚି ଓ କଳାଧନୀମାନଙ୍କର ଭିଡ଼ ଜମୁଛି। ଜନନାୟକଙ୍କର, ଦେଶ ଓ ପ୍ରଦେଶ-ଅଗ୍ରଗତିରେ ଧାଉଁଛି ବୋଲି, ବାହାସ୍ଫୋଟକୁ ଆମ ପରି ସାଧାରଣ ଜନତା- 'ହଁ ହୋଇଥିବ' କହି ଚୁପ୍ ହୋଇ ରହିବା ଛଡ଼ା ଚାରା ନାହିଁ।" ସମ୍ଭବତଃ ଏଥର ପୂଜା ପତ୍ରିକାରେ ପ୍ରକାଶ ପାଇଥିବା 'ସମ୍ପାଦକୀୟ'ଗୁଡ଼ିକ ମଧ୍ୟରେ 'ନବଲିପି'ର ସମ୍ପାଦକୀୟ ହିଁ ଦାୟବଦ୍ଧତାରେ ସର୍ବଶ୍ରେଷ୍ଠ। କବିତା ଓ ଗଳ୍ପରେ ସୁନିର୍ବାଚିତ କବିତା, ଗଳ୍ପ ସ୍ଥାନିତ ହେବା ସାଙ୍ଗକୁ ଲୋକକଥା, ଗୀତି-କବିତା ଓ ରମ୍ୟକଥାରେ ପତ୍ରିକାଟି ରୁଚିବନ୍ତ। ପ୍ରଚ୍ଛଦରେ ରହିଛି ଦୃଷ୍ଟିକୋଣର ଭିନ୍ନତା।

### ପଶ୍ଚିମା



**ସମ୍ପାଦକ: ଅଶୋକ ମହାନ୍ତି**
**ଏ-ଫୋର୍ ସାଇଜ୍, ପୃ:୬୧୨, ମୂଲ୍ୟ: ଟ.୩୫୦/-**

ମହାପୂଜା, ତେଣୁ ମହାକଳେବର ନେଇ ବଜାରକୁ ଆସିଛି 'ପଶ୍ଚିମା'। ୭୧ ଜଣ ଲେଖିଛନ୍ତି ଗଳ୍ପ, କବିତା ଲେଖିଛନ୍ତି ୧୧୨ ଜଣ, ଆଲୋଚନାରେ ୧୧ ଜଣ ଓ ଉପନ୍ୟାସ ଗୋଟିଏ- ଲେଖିଛନ୍ତି ସ୍ୱପ୍ନା ମିଶ୍ର। ଉପନ୍ୟାସର ଶୀର୍ଷକ 'ଗରାବନ୍ଧା'। ପ୍ରବୀଣ ଲେଖିକାଲେଖକମାନେ ତ ପତ୍ରିକାର ପୁରୋଭାଗ ଦଖଲ କରିବା କଥା କରିଛନ୍ତି, ଯେପରି ହୁଏ ପ୍ରାୟ ଅଧିକାଂଶ ପତ୍ରିକାରେ ; ତେବେ ପଶ୍ଚିମାର ବିଶେଷତ୍ୱ ହେଉଛି ଗପ ଓ କବିତାରେ ନବୋଦିତ ପ୍ରତିଭାଙ୍କୁ ଅଗ୍ରାଧିକାର ଦେବା। ଓଡ଼ିଆ ସାହିତ୍ୟର ବିଷୟ ଓ ଭାଷା ଏବେ କେଉଁ ଦିଗରେ ଗତି କରୁଛି, ପାଠକେ ଏସବୁ ଲେଖାରୁ ମନନର ତୁଳନାତ୍ମକ ଅବକାଶ ପାଇବେ। ଅପେକ୍ଷା ରହିଲା 'ପଶ୍ଚିମା'ର ସ୍ୱତନ୍ତ୍ର ପଡ଼କାଷ୍ଟ 'ଆଳାପ'କୁ, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

### ସାହିତ୍ୟ ଚର୍ଚ୍ଚା



**ସମ୍ପାଦକ: ନିହାର ରଞ୍ଜନ ଶତପଥୀ**
**କ୍ରାଉନ୍ ସାଇଜ୍, ପୃ:୭୨, ମୂଲ୍ୟ: ଟ.୫୦/-**

ଓଡ଼ିଆ ଭାଷାରେ ସାହିତ୍ୟର ପରମ୍ପରା ଓ ସାମ୍ପ୍ରତିକତାକୁ ନେଇ ଚର୍ଚ୍ଚାର ପରିସରଟିଏ ସୃଷ୍ଟି କରିଥିବା ଏହି ପତ୍ରିକା କଳେବରରେ ସୀମିତ ହେଲେ ବି ଦୃଷ୍ଟିକୋଣର ନୂତନତ୍ୱ ଓ ବିଷୟ ଚୟନ ତଥା ପରିବେଷଣର ଭିନ୍ନତା ଦୃଷ୍ଟିରୁ ପାଠକୀୟ ଉଦ୍‌ଗ୍ରୀବତାର ହେତୁ ହୋଇପାରିଛି। ସମ୍ପାଦକୀୟ 'ପୂଜାସଂଖ୍ୟାର ଯଥାର୍ଥତା' ଚିନ୍ତା ଉଦ୍ରେକକାରୀ। ୧୯୫୧ରେ ବଙ୍ଗଳା ପୂଜା ପତ୍ରିକା ଅନୁସରଣରେ 'ଆସନ୍ତାକାଲି' ଓଡ଼ିଆରେ ଆରମ୍ଭ କରିଥିବା ଏହି ପରମ୍ପରା ଆଜି କିପରି ଅପ୍ରାସଙ୍ଗିକ ଓ ଲକ୍ଷ୍ୟହୀନ, ତାହା ଆସନ୍ତାକାଲିର ଶେଷତମ ସମ୍ପାଦକ କାଳୀଚରଣ ଦାସଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି। ଏକାଥରକେ ବିଜ୍ଞାପନ ବୁଭୁକ୍ଷୁ ଏକାଧିକ ପୂଜାପତ୍ରିକା ପ୍ରକାଶନ ଓଡ଼ିଆ ସାହିତ୍ୟର ଯେ କ୍ୱଚିତ୍ ଉତ୍ତରଣ ଘଟାଏ- ଏକଥା 'ସାହିତ୍ୟ ଚର୍ଚ୍ଚା'ର ସର୍ବେକ୍ଷଣ ପ୍ରତିପାଦିତ କରିଛି।

### ବନଫୁଲ



**ସମ୍ପାଦକ: ରତ୍ନାକର ନାୟକ**
**୧/୮ ଡିମାଇ ସାଇଜ୍, ପୃ:୩୨୦, ମୂଲ୍ୟ: ଟ.୨୦୦/-**

କାଳଜୟୀ କାହାଣୀରେ ସ୍ଥାନପାଇଛି ବ୍ରହ୍ମାନନ୍ଦ ପଣ୍ଡାଙ୍କ ଗଳ୍ପ 'ପାଗଳ'। ଗଳ୍ପରେ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କମଳିନୀ ମଲ୍ଲିକ, ତ୍ରିନାଥ ପଟ୍ଟନାୟକ ଏବଂ କବିତାରେ ଦେବେନ୍ଦ୍ର ବାଉରୀ, ଶରତ ଚନ୍ଦ୍ର ନାୟକ, ଶିଶିର ନାୟକ, ହିମାଂଶୁ ପରିଡ଼ା, ଶୁଭନାରାୟଣ ସ୍ୱାଇଁ, ଛବିରାଣୀ ପତି, ସୁଜିତ୍ କୁମାର ମିଶ୍ରଙ୍କ ସମେତ ବହୁ ପୁରୁଣା ଓ ନୂଆ ଲେଖିକାଲେଖକଙ୍କ ରଚନା ସମନ୍ୱିତ ହୋଇଛି। ପ୍ରତିବେଶୀ କାହାଣୀରେ ବିମଳ ମିତ୍ର(ବଙ୍ଗଳା)ଙ୍କ 'ଅସଲ ନକଲ' ଗଳ୍ପର ଅନୁବାଦ କରିଛନ୍ତି ଜୟକୃଷ୍ଣ ସାମଲ। ବିଜୟ କୁମାର ପ୍ରଧାନ ଅନୁବାଦ କରିଛନ୍ତି ଏକ ବୁନ୍ଦେଲୀ ଲୋକକଥା। ଆଲୋଚନାରେ ରହିଛନ୍ତି ଶରତ ଚନ୍ଦ୍ର ମହାପାତ୍ର, ସସ୍ମିତା କୁମାରୀ ପାତ୍ର ଓ ବିଜୟଲକ୍ଷ୍ମୀ ଦାଶ। ପ୍ରଚ୍ଛଦ ଓ ପୃଷ୍ଠାବିନ୍ୟାସରେ ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କ ରୁଚି ବାରିହୋଇ ପଡ଼େ।

# ଜୟସ୍ୱାଲଙ୍କ ଶତକ: ଭାରତ ୩୧୮/୨

ନୂଆଦିଲ୍ଲୀ, ୧୦।୧୦

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦ୍ୱିତୀୟ କ୍ରିକେଟ୍ ଟେଷ୍ଟ ଶୁକ୍ରବାର ଏଠାରେ ଆରମ୍ଭ ହୋଇଛି। ଯୁବ ଓପ୍‌ନର ଯଶସ୍ୱୀ ଜୟସ୍ୱାଲଙ୍କ ଅପରାଜିତ ଶତକ ଏବଂ ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ବୃହତ୍ ସ୍କୋର ଦିଗରେ ଅଗ୍ରସର ହୋଇଛି। ପ୍ରଥମ ଦିବସ ଖେଳ ଶେଷବେଳକୁ ଭାରତ ୨ ଉଇକେଟ ହରାଇ ୩୧୮ ରନ୍ ସଂଗ୍ରହ କରିଛି। ଜୟସ୍ୱାଲ ୧୭୩ ଓ ଅଧିନାୟକ ଶୁବମନ ଗିଲ୍ ୨୦ ରନ୍‌ରେ ଅପରାଜିତ ରହିଛନ୍ତି। ପ୍ରଥମ ଟେଷ୍ଟ ଜିତି ଭାରତ ୨ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀଲାଭ କରିଛି।

## ଦ୍ୱିତୀୟ ଟେଷ୍ଟ

ଟସ୍ ଜିତି ବ୍ୟାଟିଂ ନେଇଥିଲା ଭାରତ। ଓପ୍‌ନିଂ ଯୋଡ଼ିରେ ୫୮ ରନ୍ ଯୋଗହେବାପରେ ବ୍ୟକ୍ତିଗତ ୩୮ ରନ୍‌କରି ଆଉଟ୍ ହୋଇଥିଲେ ଲୋକେଶ ରାହୁଲ। ଦ୍ୱିତୀୟ ଉଇକେଟରେ ଜୟସ୍ୱାଲ ଓ ସାଇ ସୁଦର୍ଶନଙ୍କ ୧୯୩ ରନ୍‌ର ଭାଗୀଦାରି ଭାରତକୁ ବଡ଼ ସ୍କୋର ଆଡ଼କୁ ନେଇଯାଇଥିଲା। ସୁଦର୍ଶନ ୮୭ ରନ୍‌କରି ଆଉଟ୍ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଜୟସ୍ୱାଲଙ୍କ ସହ କ୍ରିଜ୍‌ରେ ଯୋଗଦେଇ ଗିଲ୍ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଅସମାପ୍ତ ତୃତୀୟ ଉଇକେଟରେ ୬୭ ରନ୍‌ର ଭାଗୀଦାରି ଗଢ଼ିଛନ୍ତି। କ୍ୟାରିୟରର ୭ମ ଟେଷ୍ଟ ଶତକ ହାସଲ କରିଥିବା ଜୟସ୍ୱାଲ ୨୫୩ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ୍ ମଧ୍ୟରେ ୨୨ ଚୌକା ମାରିଛନ୍ତି। ୱେଷ୍ଟଇଣ୍ଡିଜ ପକ୍ଷରୁ ଜୋମେଲ ୱାରିକାନ ୨ଟି ଯାକ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ୍: ୩୧୮/୨ (ଯଶସ୍ୱୀ ଜୟସ୍ୱାଲ-୧୭୩*, ସାଇ ସୁଦର୍ଶନ-୮୭, ଲୋକେଶ ରାହୁଲ-୩୮, ଶୁବମନ ଗିଲ୍-୨୦*, ଜୋମେଲ ୱାରିକାନ-୨/୬୦)।



ଶତକ ହାସଲ ପରେ ଯଶସ୍ୱୀ ଜୟସ୍ୱାଲ।

# ଭାରତୀୟ ଦଳରେ ଓଡ଼ିଶାର ୪

ଭୁବନେଶ୍ୱର, ୧୦।୧୦ (ତପନ ସ୍ୱାଇଁ)

## ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜ

ଶ୍ରୀଲଙ୍କାର କଲମ୍ବୋରେ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ମହିଳା ସିରିଜ୍ ଚଳିତ ମାସ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ୩ ଜଣ ଦୁମୁନି ମାର୍ଣ୍ଡି, ନିର୍ମାଲ୍ୟ ରାଉତ ଓ ତରୁଲତା ନାଏକ ଏବଂ ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ। ଦୁମୁନିଙ୍କୁ ଦଳର ଉପଅଧିନାୟିକା ମନୋନୀତ କରାଯାଇଛି। ଭାରତୀୟ ଦଳ ସହ ଓଡ଼ିଶା ଖେଳାଳିମାନେ କୋଲ୍‌କାତାସ୍ଥିତ ସାଇ ନେତାଜୀ ସୁଭାଷ ଇଷ୍ଟର୍ନ ସେଣ୍ଟରରେ ସେପ୍ଟେମ୍ବର ୨୨ରୁ କୋଚିଂ ନେଇଆସୁଛନ୍ତି। ରଗ୍‌ବୀ ଇଣ୍ଡିଆ ଆନୁକୂଲ୍ୟରେ ଚାଲିଥିବା ଏହି କ୍ୟାମ୍ପ୍ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


ଦୁମୁନି ମାର୍ଣ୍ଡି, ନିର୍ମାଲ୍ୟ ରାଉତ ଓ ତରୁଲତା ନାଏକ।

# ଶ୍ରୀଲଙ୍କାରେ ଶ୍ରେଷ୍ଠ ପ୍ରଦର୍ଶନ ଲକ୍ଷ୍ୟରେ ସନ୍ଧ୍ୟା

ବାରିପଦା, ୧୦।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶ୍ରୀଲଙ୍କାର କଲମ୍ବୋଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆ ରଗବୀ ଏମିରେଟ୍ସ ସେଭେନ ସିରିଜ- ୨୦୨୫ ଲେଗ-୨ରେ ଖେଳିବା ପାଇଁ ଭାରତୀୟ ବରିଷ୍ଠ ମହିଳା ଦଳରେ ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ ସ୍ଥାନ ପାଇଛନ୍ତି। ଗତ ମାସ ଚାଇନାଠାରେ ଅନୁଷ୍ଠିତ ଲେଗ-୧ ସିରିଜରେ ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ୨୧ ବର୍ଷୀୟା ସନ୍ଧ୍ୟାରାଣୀ ସର୍ବାଧିକ ୨୪ ପଏଣ୍ଟ ହାସଲ କରି ଇତିହାସ ରଚିଥିଲେ। ତାଙ୍କର ଚମତ୍କାର ଖେଳ ପ୍ରଦର୍ଶନ ପାଇଁ ଭାରତୀୟ ଦଳ ଏସିଆରେ ୧୦ମ ସ୍ଥାନରୁ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇପାରିଥିଲା। ଏବେ ସେ ପୁଣିଥରେ ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ମୟୂରଭଞ୍ଜରେ ଖୁସିର ଲହରୀ ଖେଳି ଯାଇଛି।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରାଣୀଭୋଳରେ ପାଠ ପଢୁଥିବା ବେଳେ ରୁପାଲୀ ସୋରେନଙ୍କ ତତ୍ତ୍ୱାବଧାନରେ ରଗବୀ ଖେଳ ଆରମ୍ଭ କରି ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ସହାୟତାରେ ଜାତୀୟସ୍ତରରେ ଖେଳିବାର ସୌଭାଗ୍ୟ ଅର୍ଜନ କରିଥିଲେ ସନ୍ଧ୍ୟା। ୨୦୨୩ ଓ ୨୦୨୫ରେ ଜାତୀୟ କ୍ରୀଡ଼ାରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ଆଣିବାରେ ସନ୍ଧ୍ୟାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା। ଫ୍ରାନ୍ସଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟସ୍ତରୀୟ ରଗବୀ ପ୍ରତିଯୋଗିତା- ୨୦୨୪ରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳରେ ସ୍ଥାନ ପାଇ ମୟୂରଭଞ୍ଜ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ କହିଛନ୍ତି, ସନ୍ଧ୍ୟାଙ୍କ ସଫଳତାର କାହାଣୀ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ। ଜିଲାପାଳ ହେମକାନ୍ତ ସୟ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଜିଲା କ୍ରୀଡ଼ା ଅଧିକାରୀ ସୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଡିଭାଇନ ଅନୁଷ୍ଠାନର ନିର୍ଦ୍ଦେଶକ ବିପ୍ଳବ ଭଞ୍ଜନ ବୁଗୁଡ଼େଇ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ ସନ୍ଧ୍ୟାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି।


ସନ୍ଧ୍ୟାରାଣୀ ଟୁଡୁ



Visit us in **SONEPUR:** Sonepur NH-57, Bolangir - JAI JAWAN MOTORS, 9289922800, 080-48247273 | **BARGARH:** Jyoti Nagar, Bhatli Road - AAKASH MOTORS, 080-48247269 | **ROURKELA**: Civil Township, Panposh Road, Rourkela - Dua Motors, 9668902236 | | **BALANGIR**: NH-20, Near Check Gate, Sambalpur Road, Balangir - Arundhati Motors, 9289923183

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୧/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 11/2025 Page 16 ₹ 7.00 | SAMBALPUR
୫୧ଶ ଭାଗ ୩୧୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 315 ମୂଲ୍ୟ₹୭/-

# ଯୁବକଙ୍କ ଦ୍ୱାରା ତଦନ୍ତ କରାଇ ଏସ୍‌ଆଇ ନିଲମ୍ବିତ

**କେତେଜଣଙ୍କ ପାଇଁ ପୋଲିସ ଚାକିରି ହେଉଛି ଅନୈତିକ ଅର୍ଥ ଉପାର୍ଜନର ଉତ୍ସ। ସେମାନେ ପାଠପଢ଼ା ଦୃଷ୍ଟିରୁ ଯୋଗ୍ୟ ନ ଥିଲେ ମଧ୍ୟ ନାନା ଜାଲିଆତି ଓ ଅର୍ଥ ବଳରେ ପୋଲିସରେ ନିଯୁକ୍ତି ପାଇପାରିଥାନ୍ତି। ଏଠାରେ ଉଦାହରଣ ଭାବେ ନିକଟରେ ଧରାପଡ଼ିଥିବା ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରିକୁ ନିଆଯାଇପାରେ। ଏଭଳି ବ୍ୟକ୍ତିମାନେ ପୋଲିସର ବିଭିନ୍ନ ପଦବୀରେ କାର୍ଯ୍ୟ କଲାବେଳେ ଆଇନଶୃଙ୍ଖଳା ରକ୍ଷା ଓ ତଦନ୍ତକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଅର୍ଥ ରୋଜଗାର ପାଇଁ ନାନା ଦୁର୍ନୀତିରେ ବୁଡ଼ି ରହୁଥିବା ଖବର ମିଳୁଛି। ଭଦ୍ରକ ଜିଲାର ଜଣେ ଏସ୍‌ଆଇ ନିଜ କର୍ତ୍ତବ୍ୟରେ ରୁଚି ନ ରଖି ଅସାଧୁ ଉପାୟ ଅବଲମ୍ବନ କରିଥିବା ଯୋଗୁ ଶୁକ୍ରବାର କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ସେ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଏସ୍‌ଆଇ କାର୍ତ୍ତିକ ଜେନା। ସେ ଏକ ମାମଲାର ତଦନ୍ତ ପାଇଁ ନିଜେ ନ ଯାଇ ଜଣେ ଯୁବକଙ୍କୁ ପଠାଇଥିବାରୁ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।**

ଭଦ୍ରକ,୧୦।୧୦(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କଲେଇ ପଞ୍ଚାୟତର ରଣିକରାଜ ଗ୍ରାମରେ ଜଣେ ମହିଳା ତାଙ୍କ ଶାଶୁଘର ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଏସ୍‌ଆଇ କାର୍ତ୍ତିକ ଜେନା ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ। ଗୁରୁବାର ସେହି ଗ୍ରାମକୁ ନିଜେ ନ ଯାଇ ତାଙ୍କ ବାଇକ୍ ଦେଇ ଖପରପଦା ଗ୍ରାମର ପୀୟୂଷ ପଣ୍ଡା ନାମକ ଯୁବକଙ୍କୁ ତଦନ୍ତ ପାଇଁ ପଠାଇଥିଲେ। ଅଭିଯୋଗକାରିଣୀ ମହିଳାଙ୍କୁ ଏହି ଯୁବକଙ୍କ ନମ୍ବର ମଧ୍ୟ ଦେଇଥିଲେ। ଯୁବକ ଜଣକ ସାଦା ପୋଷାକରେ ଅଭିଯୋଗକାରୀ ମହିଳାଙ୍କ ଘରେ ପହଞ୍ଚି ତାଙ୍କୁ ପଚରାଉଚରା କରିବା ସହ ପଡ଼ୋଶୀଙ୍କୁ ମଧ୍ୟ ଅଭିଯୋଗ ବାବଦରେ ପଚାରିଥିଲେ। ଫୋନ୍ ପେ'ରେ ୫ ହଜାର ଟଙ୍କା ଦେବା ପାଇଁ ସେ ଅଭିଯୋଗକାରୀଙ୍କୁ କହିଥିଲେ। ଏନେଇ ସନ୍ଦେହ ସୃଷ୍ଟି ହେବାରୁ ଅଭିଯୋଗକାରୀ ମହିଳା ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମର କେତେଜଣ ଯୁବକ ଭିଡିଓ ରେକର୍ଡ କରିବା ସହ ଉକ୍ତ ଯୁବକଙ୍କୁ ପୋଲିସ ପରିଚୟପତ୍ର ମାଗିଥିଲେ। ସେ କୌଣସି ପରିଚୟପତ୍ର ଦେଖାଇ ନ ପାରି ଗୋଇନ୍ଦା ବିଭାଗରେ ଚାକିରି କରୁଥିବା କହିଥିଲେ। ଗ୍ରାମବାସୀ ତାଙ୍କୁ ଅଟକାଇ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ନେଇ ତଦନ୍ତ କରିବା ପରେ ଛାଡ଼ି ଦେଇଥିଲା। ଅପରପକ୍ଷେ ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣା ବିଷୟରେ ଏସ୍‌ପି ଅବଗତ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି ବୋଲି ଗ୍ରାମାଞ୍ଚଳ ଥାନା ଅଧିକାରୀ ନୀରଜ କୁମାର ସାମଲ କହିଛନ୍ତି। ସୂଚନାଥାଉ କି, କିଛିଦିନ ତଳେ ଝାଡ଼ଖଣ୍ଡର ଜଣେ ଯୁବକ ପୋଲିସ ପରିଚୟ ଦେଇ ଭଦ୍ରକର ଏକ ହୋଟେଲରେ ରହୁଥିବା ବେଳେ ଗିରଫ ହୋଇଥିଲେ। ଏବେ ଖୋଦ୍ ପୋଲିସ ଜଣେ ଯୁବକଙ୍କୁ ନକଲି ପୋଲିସ ସଜାଇ ଲୋକଙ୍କ ପାଖକୁ ପଠାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।


ନିଲମ୍ବିତ ଏସ୍‌ଆଇ କାର୍ତ୍ତିକ ଜେନା


ସୋସିଆଲ ମିଡିଆରେ ଗୁଜବ ସୃଷ୍ଟି ହେବା ପରେ ଶୁକ୍ରବାର କଟକ ଦରଘାବଜାରଠାରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ଗିରିଶଙ୍କୁ ମିଶନ ଶକ୍ତି, ଥିରୁମାଳାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦାୟିତ୍ୱ

ଭୁବନେଶ୍ୱର,୧୦।୧୦(ସୁନିତ୍ ମିଶ୍ର)

## ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

### ଶାଳିନୀ, ସମର୍ଥ, ସ୍ୱାଧାଙ୍କୁ କେନ୍ଦ୍ରୀୟ ଡେପୁଟେଶନ ଲାଗି ମିଳିଲା ଅନୁମତି

ରାଜ୍ୟ ସରକାର ଆଇଏଏସ୍ ଅଫିସରମାନଙ୍କ ସ୍ତରରେ ଶୁକ୍ରବାର ବଡ ଧରଣର ଅଦଳବଦଳ କରିଛନ୍ତି। ଅନ୍ୟପଟେ କେନ୍ଦ୍ରୀୟ ଡେପୁଟେଶନରେ ଯିବାକୁ ଥିବା ୩ ଜଣ ଆଇଏଏସ୍ ଅଫିସର ସାଳିନୀ ପଣ୍ଡିତ, ସମର୍ଥ ବର୍ମା ଏବଂ ସ୍ୱାଧା ଦେବ ସିଂଙ୍କୁ ରିଲିଭ କରାଯାଉଥିବା ନେଇ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ସଚିବ ଥିବା ୨୦୦୨ ବ୍ୟାଚ୍ ଆଇଏଏସ୍ ଅଫିସର ଗିରିଶ ଏସ୍.ଏନ୍‌ଙ୍କୁ ମିଶନ ଶକ୍ତି ବିଭାଗ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ମିଶନ ଶକ୍ତି ସଚିବ ଥିବା ଆଇଏଏସ୍ ଅଫିସର ଶାଳିନୀ ପଣ୍ଡିତ ଆସନ୍ତା ୧୩ ତାରିଖରେ କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ଗିରିଶ ଏହି ଦାୟିତ୍ୱ ଗ୍ରହଣ କରିବେ। ସେହିପରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଉପାଧ୍ୟକ୍ଷ ତଥା ଅତିରିକ୍ତ ଭାବେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଥିବା ୨୦୦୯ ବ୍ୟାଚ୍ ଆଇଏଏସ୍ ଅଫିସର ଏନ୍ ଥିରୁମାଳା ନାଏକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଭାବେ ନୂଆ ଦାୟିତ୍ୱ ମିଳିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଥିବା

☞ପୃଷ୍ଠା–୪

DSPL - 312



# 'ଜମିକୁ ପାଣି ଲାଗିବା ପୂର୍ବରୁ ବିସ୍ଥାପିତଙ୍କ ସମସ୍ୟା ସମାଧାନ କର'

**ଲୋୟର ସୁକ୍‌ତେଲ ଡ୍ୟାମ୍ ପରିଦର୍ଶନ, ସମୀକ୍ଷା କଲେ ଏମ୍‌ପି ସଙ୍ଗୀତା**

ବଲାଙ୍ଗୀର,୧୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ଖରିଫ ଋତୁରେ ବହୁ ପ୍ରତୀକ୍ଷିତ ବଲାଙ୍ଗୀର ଲୋୟର ସୁକ୍‌ତେଲ ଡ୍ୟାମ୍‌ରୁ ଚାଷୀଙ୍କ ଜମିକୁ ପାଣି ଯୋଗାଇ ଦିଆଯିବ। ଏଥିସକାଶେ ଜିଲା ପ୍ରଶାସନ ପକ୍ଷରୁ ଜୋରଦାର ଓ ଆନୁସଙ୍ଗିକ କାର୍ଯ୍ୟ କରାଯାଉଛି। ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଶୁକ୍ରବାର ଲୋୟର ସୁକ୍‌ତେଲ ପ୍ରକଳ୍ପ ପରିଦର୍ଶନ କରିବା ସହ ପ୍ରକଳ୍ପ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଖୁଣ୍ଟପାଲି ଛକ ପଟରୁ ଏମ୍‌ପି ସିଂଦେଓ ଲୋୟର ସୁକ୍‌ତେଲ ଡ୍ୟାମ୍ ଉପରକୁ ପ୍ରଥମେ ପରିଦର୍ଶନ ପାଇଁ ଯାଇଥିଲେ। ସେଠାରେ ଲୋୟର ସୁକ୍‌ତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଭୋଇ ଏମ୍‌ପି ସିଂଦେଓଙ୍କୁ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ଏବଂ କାର୍ଯ୍ୟ ସମ୍ପର୍କରେ ଅବଗତ କରିଥିଲେ। ଚଳିତବର୍ଷ ଡ୍ୟାମ ଜଳଭଣ୍ଡାରରେ କେତେ ପାଣି ରଖାଯାଇଛି। କିଭଳି ଭାବେ ଏବର୍ଷ ଜଳସେଚନର ଟ୍ରାଏଲ ରନ୍ ଚାଲିଛି ସୂଚନା ଦେଇଥିଲେ। ବାସ୍ତବରେ ଏହି ପ୍ରକଳ୍ପର କେତେ କାମ ବାକି ରହିଛି ଏବଂ କେତେଦିନ ଭିତରେ ଏହାକୁ ସାରିବାକୁ ଲକ୍ଷ୍ୟ ରଖାଯାଇଛି ସେନେଇ ଏମ୍‌ପି ସିଂଦେଓ ପଚାରି ବୁଝିଥିଲେ।

ଆସନ୍ତା ଖରିଫ ଋତୁରେ ଏହି ଡ୍ୟାମରୁ ଚାଷୀଙ୍କ ଜମିକୁ ପାଣି ଯୋଗାଇ ଦିଆଯିବା ଲକ୍ଷ୍ୟରେ କାମ ଚାଲିଥିବା ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭୋଇ ସୂଚନା ଦେଇଥିଲେ। ଏମ୍‌ପି ସିଂଦେଓ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିସାରିବା ପରେ ଯେଉଁ ବିସ୍ଥାପିତମାନଙ୍କ କ୍ଷତିପୂରଣ, ଥଇଥାନ, ପୁନର୍ବାସ ଏବଂ ଅନ୍ୟାନ୍ୟ ସମସ୍ୟା ରହିଛି ତାହାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ଲୋୟର ସୁକ୍‌ତେଲ ପ୍ରକଳ୍ପ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏମପି ସିଂଦେଓ କହିଥିଲେ ଯେ, ଚାଷୀଙ୍କ ଜମିକୁ ଏହି ପ୍ରକଳ୍ପରୁ ପାଣି ଯୋଗାଇବା ପୂର୍ବରୁ ଯେଉଁ ବିସ୍ଥାପିତମାନଙ୍କ ତ୍ୟାଗରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ସେମାନଙ୍କ ସମସ୍ତ ସମସ୍ୟା ସମାଧାନ କରିବା ଦିଗରେ ପ୍ରଶାସନ ଠୋସ୍ କାର୍ଯ୍ୟ ଖସଡା ପ୍ରସ୍ତୁତ କରୁ ଏବଂ ନିର୍ଦ୍ଧାରିତ ସମୟରେ ଏହାର ସମାଧାନ କରୁ ବୋଲି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୁମିଆପାଲି ଗାଁର ୮୦ ପରିବାରଙ୍କ ବିଭିନ୍ନ ସମସ୍ୟାର ସମାଧାନ ହୋଇ ନ ଥିବାରୁ ସେମାନଙ୍କ ଜମି ଅଧିଗ୍ରହଣ ହୋଇପାରୁନାହିଁ। ସେମାନେ ଅସୁବିଧାରେ ରହିଛନ୍ତି। ସେମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ପ୍ରଶାସନ ତତ୍ପରତା ପ୍ରକାଶ କରନ୍ତୁ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତରେ ଜିଲାପାଳ, ଉପଜିଲାପାଳ, ତହସିଲଦାର, ଲୋୟର ସୁକ୍‌ତେଲ ପ୍ରକଳ୍ପର ସମସ୍ତ ଅଧିକାରୀ ଏବଂ ବିସ୍ଥାପିତ ପ୍ରତିନିଧିଙ୍କୁ ନେଇ ସେ ସମୀକ୍ଷା ବୈଠକ କରିବେ ବୋଲି କହିଥିଲେ। ଡ୍ୟାମ୍ କାମ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିବା ସହ ବାକି ରହିଯାଇଥିବା କାମକୁ ଠିକଣା ସମୟରେ ସମ୍ପୂର୍ଣ୍ଣ କରି ବଲାଙ୍ଗୀରର ଚାଷୀଙ୍କୁ ପାଣି ଯୋଗାଇବା ଦିଗରେ ଯନ୍ତ୍ରୀ ଓ ଅଧିକାରୀମାନେ ତତ୍ପରତା ପ୍ରକାଶ କରନ୍ତୁ ବୋଲି କହିଥିଲେ। ଏମପି ସିଂଦେଓଙ୍କ ଗସ୍ତ ସମୟରେ ଲୋୟର ସୁକ୍‌ତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭୋଇ, କେନାଲ-୧ ଅଧୀକ୍ଷଣ ଯନ୍ତ୍ରୀ ସତ୍ୟ ନାରାୟଣ ପଟ୍ଟନାୟକ, କେନାଲ-୨ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ସେଠ୍, ଡ୍ୟାମ୍ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ସାମଲ, ଅନ୍ୟ ଷ୍ଟାଫ୍, ଭାଜପା ଜିଲା ସଭାପତି ଶ୍ରୀବସ୍ତ ବେହେରା, ବରିଷ୍ଠ ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ, ଦିନେଶ ଶର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଲୋୟର ସୁକ୍‌ତେଲ ଡ୍ୟାମ ପରିଦର୍ଶନ କରି ସମୀକ୍ଷା କରୁଛନ୍ତି।

# ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

**ଜରାସିଂହା ଯୁକ୍ତଦୁଇ କଲେଜ**

ଦେଓଗାଁ,୧୦।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତ ଦୁଇ କଲେଜରେ ଶୁକ୍ରବାର ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ବସନ୍ତ କୁମାର ମନହୀରାଙ୍କ ଅଧ୍ୟକ୍ଷତାରେ ତଥା ଯୁବ ରେଡକ୍ରସ କାଉନସେଲର ଟିଙ୍କୁ ମେହେରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଏଡ୍‌ସ ନିୟନ୍ତ୍ରଣ ପରିଚାଳକ ହେମନ୍ତ କୁମାର ଦାସ ଓ ଏଡ୍‌ସ ନିୟନ୍ତ୍ରଣ କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷକ ଜିତେନ୍ଦ୍ର କୁମାର ବିଶ୍ୱାଳ ଯୋଗଦେଇ ଏଡ୍‌ସ ରୋଗର ଭୟାବହତା ଉପରେ ଆଲୋକପାତ କରିଥିଲେ । ଏଥିସହ ଏହାର ନିୟନ୍ତ୍ରଣ ତଥା ସତର୍କତା ଉପରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ ହୃଷିକେଶ ପଧାନ, ଚୂଳମଣି ମାଝୀ, ପ୍ରଶାନ୍ତ କୁମାର ଥନାପତି, ଅଧ୍ୟାପିକା ପ୍ରତିଭା ମୁନ୍ନା, ଜ୍ୟୋତି ଶର୍ମା ତଥା ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ




ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଖପ୍ରାଖୋଲ,୧୦।୧୦(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ସାହଜପାଣି ପଞ୍ଚାୟତ ଫୁଲୁକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡ଼ିଏ ତରଫରୁ ବିଶ୍ୱ ମାନସିକ ସାସ୍ଥ୍ୟ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ଉମେଶ ଗୁପ୍ତା ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରା, ଶିକ୍ଷକ ଭୁବନେଶ୍ୱର ପୃଷ୍ଟି, ଅମର ସିଂ ମାଝୀ, ଶିକ୍ଷୟିତ୍ରୀ ନିଳୀମା ମିଶ୍ର , ଅତସି ସାହୁ , ସର୍ବେଶ୍ୱର ଗଡତ୍ୟା, ପ୍ରଭାତି ସ୍ୱାଇଁ , ତାପସ ରଞ୍ଜନ ବେହେରା, ସରୋଜ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ମାନସିକ ରୋଗ ଲକ୍ଷଣ, ମାନସିକ ରୋଗରୁ ମୁକ୍ତି, ମାନସିକ ରୋଗୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱେଚ୍ଛାସେବୀ , ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୧୮ରେ ରାଜ୍ୟ ଭାର ଉତ୍ତୋଳନ ପ୍ରତିଯୋଗିତା ପାଇଁ ପ୍ରତିଯୋଗୀ ମନୋନୟନ

ବଲାଙ୍ଗୀର,୧୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଓଡିଶା ଭାର ଉତ୍ତୋଳନ ସଂଘ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ରାଜ୍ୟ ଭାର ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିନିମନ୍ତେ ଜିଲା ଭାର ଉତ୍ତୋଳନ ସଂଘ ବଲାଙ୍ଗୀର ପକ୍ଷରୁ ଆସନ୍ତା ୧୮ ତାରିଖ ଦିନ ପ୍ରତିଯୋଗୀ ମନୋନୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ବଲାଙ୍ଗୀର ସହରସ୍ଥିତ ପିପି ଏକାଡେମୀ ସ୍କୁଲ ପରିସରରେ ଏହି ଦିନ ଅପରାହ୍ନ ଗୋଟାଏରେ ପ୍ରତିଯୋଗୀ ମନୋନୟନ ଶିବିରର ଆୟୋଜନ କରାଯିବ। ଏହି ମନୋନୟନ ଶିବିରରେ ବିଭିନ୍ନ ବୟସ ବର୍ଗର ଯୁବକ, କନିଷ୍ଠ ଓ ବରିଷ୍ଠ ବର୍ଗର ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କ ମନୋନୟନ କରାଯିବ। ଜିଲା ଭାର ଉତ୍ତୋଳନ ସଂଘ ବଲାଙ୍ଗୀର ପକ୍ଷରୁ ଜିଲାର ସମସ୍ତ ପୌରାଞ୍ଚଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପଞ୍ଚୟତ ସମିତି, ପଞ୍ଚାୟତ ତଥା ବ୍ୟକ୍ତିଗତ କିମ୍ବା କ୍ଲବ ସହ ବିଭିନ୍ନ ଅନୁଷ୍ଠାନରୁ ପ୍ରତିଯୋଗୀମାନଙ୍କୁ ଆହ୍ୱାନ କରାଯାଇଛି। ଯେଉଁ ପ୍ରତିଯୋଗୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ସେମାନେ ଆସନ୍ତା ୧୬ ତାରିଖ ପୂର୍ବରୁ ଜିଲା ଭାର ଉତ୍ତୋଳନ ସଂଘ ବଲାଙ୍ଗୀରର ସଭାପତି ସୁଦାମ ବେହେରା ଓ ସମ୍ପାଦକ ତଥା କୋଚ୍ ବିନୟ ପାଣ୍ଡେଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ



କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରାଯାଇଛି।

**ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ**

ପାଟଣାଗଡ଼,୧୦।୧୦(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା କଣ୍ଟାବାଞ୍ଜି ପାଟଣାଗଡ଼ ମୁଖ୍ୟ ରାସ୍ତାର କଲେଜ ଛକ ନିକଟରେ ଶୁକ୍ରବାର କ୍ଷତିପୂରଣ ଦାବିରେ ରାସ୍ତା ଉପରେ ମୃତଦେହ ରଖି ପରିବାରବର୍ଗ ଓ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି। ଏଥିଯୋଗୁ କିଛି ସମୟ ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପାଟଣାଗଡ଼ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶ ଯେ, ଗତ ୨୯ ତାରିଖ ଦିନ ବେଲପଡା ଥାନା କପାଣି ଓ ମଣ୍ଡଳ ଗ୍ରାମର ମୁଖ୍ୟ ରାସ୍ତା ଦେଇ ପାଟଣାଗଡ଼ ସହରର ବଡପଡାର ସୁରଜ ତାଣ୍ଡି ନାମକ ଯୁବକ ବାଇକ୍ ଯୋଗେ ଯାଉଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏହି ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ ପ୍ରଥମେ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟରେ କିଛି ଦିନ ଚିକିତ୍ସିତ ହୋଇଥିଲେ । ପରେ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିଲେ । କିନ୍ତୁ ଅବସ୍ଥା ସଙ୍କଟାପନ୍ନ ହେବାରୁ ରାୟପୁରର ଏକ ଘରୋଇ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ଶୁକ୍ରବାର ମୃତ୍ୟୁ ଘଟିଥିଲା । ଫଳରେ ପରିବାର ଲୋକେ ମୃତଦେହ ଘରକୁ ଆଣିଥିଲେ। ପରେ କ୍ଷତିପୂରଣ ଦାବିରେ ମୃତହେଦ ରଖି ରାସ୍ତା ଅବରୋଧ କରିଥିଲେ।

# ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ




ଦାବିପତ୍ର ପ୍ରଦାନ ପାଇଁ ଯାଇଥିବା ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ।

ଗୁଡଭେଲା,୧୦।୧୦(ମନୋଜ କୁମାର ଜୈନ)

କଟକ ଦୁର୍ଗାପୂଜା ଭସାଣି ଶୋଭାଯାତ୍ରାରେ ଏକ ନିର୍ଦ୍ଦିଷ୍ଟ ସମୁଦାୟ ଦ୍ୱାରା ଆକ୍ରମଣ ଓ ପୋଲିସର ପକ୍ଷପାତିତାକୁ ବିରୋଧ କରି ଶୁକ୍ରବାର ବିଶ୍ୱ ହିନ୍ଦୁ ପରିଷଦ ବଲାଙ୍ଗୀର ଜିଲା ଗୁଡଭେଲା ପ୍ରଖଣ୍ଡ ଓ ବଜରଙ୍ଗ ଦଳ ପକ୍ଷରୁ ଏକ ଦାବିପତ୍ର ତୁଷୁରା ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ତୁଷୁରା ତହସିଲଦାର ଆର୍ତ୍ତତ୍ରାଣ ଥାର୍ଟି ନ ଥିବାରୁ ହେଡ କ୍ଲର୍କ ଦାବିପତ୍ର ଗ୍ରହଣ କରିଥିଲେ। ପୋଲିସ ଭସାଣି ଶୋଭାଯାତ୍ରାକୁ ସୁରକ୍ଷା ଦେବାରେ ବିଫଳ ହେବା, ସମସ୍ତ ଆକ୍ରମଣକାରୀ ଓ ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଉପର ଠାଉରିଆ ଭାବେ କେତେଜଣ ଲୋକଙ୍କୁ ଗିରଫ କରିବା, ସମଗ୍ର ରାଜ୍ୟରେ ସନ୍ଦିଗ୍ଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶାନ୍ତର କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାପୂର୍ବରୁ ଗୁଡଭେଲା ପ୍ରଖଣ୍ଡ ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଭିକାରୀ ଚରଣ ସାହୁ ଓ ପୂର୍ବତନ ସଭାପତି ଜଗଦୀଶ ସାହୁଙ୍କ ଦ୍ୱାରା ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଗୁଡଭେଲା ପ୍ରଖଣ୍ଡର ସାଧାରଣ ସମ୍ପାଦକ ଦୁର୍ବାସା ଭୋଇ, ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ମହାପାତ୍ର, ଶମ୍ଭୁ ପ୍ରସାଦ ସାହୁ, ଦୀପକ ସାହୁ, ସତସଙ୍ଗ ପ୍ରମୁଖ ସୁଧାକର ପ୍ରଧାନଙ୍କ ସମେତ ବଜରଙ୍ଗ ଦଳର ସୁବ୍ରତ ଚିନ୍ଦଆ, ତେଜ ରାଜ ରଣା, ରମେଶ ରଣା, ସରୋଜ ମାଝୀ, ତିଳକ ମାଝୀ, ଧରଣୀ ପ୍ରଧାନ , ସତ୍ୟ ବଗର୍ତ୍ତି, ବିଶାମିତ୍ର ରଣା, ଅମର ଚିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

# ୧୨ ଦାଦନ ଶ୍ରମିକ ଉଦ୍ଧାର



ଉଦ୍ଧାର ଦାଦନ ଶ୍ରମିକ।

କଣ୍ଟାବାଞ୍ଜି,୧୦।୧୦(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୋଲିସ ପକ୍ଷରୁ ଶୁକ୍ରବାର ଚଢାଉ କରାଯାଇ ୧୨ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ରାଜ୍ୟ ବାହାରକୁ ଚାଲାଣ ପୂର୍ବରୁ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା । ପୋଲିସ ସୂଚନା ଅନୁଯାୟୀ, ସ୍ଥାନୀୟ ଆଶ୍ରମପଡାଠାରେ ଥିବା ଏକ ଘରେ କେତେଜଣ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଟ୍ରେନ ଯୋଗେ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ । ଏ ସମ୍ପର୍କରେ ଖବର ପାଇ ପୋଲିସ ସେଠାରେ ଚଢାଉ କରି ସମସ୍ତ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଥାନାକୁ ଆଣି କାଗଜପତ୍ର ଯାଞ୍ଚ କରିଥିଲା । ଏହି ଶ୍ରମିକମାନଙ୍କ ପାଖରେ କୌଣସି କାଗଜପତ୍ର ନ ଥିବା ଜାଣିପାରିଛି ପୋଲିସ । ଶ୍ରମିକମାନେ ପାଇକମାଲ ଅଞ୍ଚଳର ବୋଲି ଜଣାପଡିଛି । ସେମାନଙ୍କ ମଧ୍ୟରୁ ୬ଜଣ ପୁରୁଷ ଓ ୬ ଜଣ ମହିଳା ଶ୍ରମିକ ଥିବା ବେଳେ ୨ ଜଣ ଛୋଟ ଛୁଆ ଥିବା ଜଣାପଡିଛି । ଜଣେ ଦାଦନ ସର୍ଦ୍ଦାର ଏମାନଙ୍କୁ ଚାଲାଣ କରିବାକୁ ଉଦ୍ୟମ କରୁଥିଲେ ବୋଲି ଜଣାପଡିଛି । ଉକ୍ତ ଦାଦନ ସର୍ଦ୍ଦାରଙ୍କ ପାଖରେ ଶ୍ରମିକ ଚାଲାଣ କରିବାକୁ ନେଇ ଆବଶ୍ୟକ କାଗଜପତ୍ର ନଥିବା ଜଣାଯାଇଛି । ପୋଲିସ ସମସ୍ତ ଦାଦନ ଶ୍ରମିକଙ୍କ ପରିଚୟପତ୍ର ଯାଞ୍ଚ ପରେ ଛାଡି ଦେଇଥିବା ବେଳେ ଦାଦନ ସର୍ଦ୍ଦାରଙ୍କୁ ଖୋଜୁଥିବା ଜଣାପଡିଛି । ଆଗାମୀ ଦିନରେ ଅଧିକ ପାଟ୍ରୋଲିଂ କରି ବେଆଇନ ଭାବେ ଚାଲାଣ କରାଯିବାକୁ ଥିବା ଦାଦନ ଶ୍ରମିକ ଉଦ୍ଧାର କରାଯିବ ବୋଲି ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ କହିଛନ୍ତି ।

# ୨୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭୋକିଲା ପାଠ ପଢ଼ିଲେ

**ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବନ୍ଦ**

ଲାଠୋର,୧୦।୧୦(ଭୁବନେଶ୍ୱର ବାରିକ)

ସରକାରୀ ଭାବେ ଛାତ୍ରୀଛାତ୍ର ମାନଙ୍କୁ ବିଦ୍ୟାଳୟଗୁଡିକରେ ପ୍ରତିଦିନ ମଧ୍ୟାହ୍ନ ଭୋଜନ ଦେବାର ବ୍ୟବସ୍ଥା କରାଯାଇଛି। କୌଣସି ପରିସ୍ଥିତିରେ ମଧ୍ୟାହ୍ନ ଭୋଜନ ବନ୍ଦ କରାଯାଇ ପାରିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ରହିଛି। ହେଲେ କେତେକ ଜାଗାରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ଫଳରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ଭୋକିଲା ପାଠ ପଢୁଛନ୍ତି। ଏପରି ଘଟଣା ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ସଦର ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଦେଖିବାକୁ ମିଳିଥିଲା। ଉକ୍ତ ବିଦ୍ୟାଳୟରେ ବାଲ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଗୁରୁବାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରନ୍ଧା ହୋଇ ନ ଥିଲା । ଫଳରେ ବିଦ୍ୟାଳୟର ଛାତ୍ରୀଛାତ୍ର ଭୋକିଲା ପାଠ ପଢିଥିଲେ। ଏ ନେଇ ଛାତ୍ର ତଥା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏ ସମ୍ପର୍କରେ ଦୁଇ ଜଣ ପାଚିକାଙ୍କୁ ପଚାରିବାରେ ମଧ୍ୟାହ୍ନ ଭୋଜନ ବନ୍ଦ ରହିବା କାରଣ ଜଣାପଡିଥିଲା । ଦଶହରା ଛୁଟି ପୂର୍ବରୁ ରନ୍ଧନ ଗ୍ୟାସ ସରି ଯାଇଥିବା ପାଚିକାମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କହିଥିଲେ । କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଦଶହରା ଛୁଟି ପରେ ଅକ୍ଟୋବର ୮ ତାରିଖରେ ବିଦ୍ୟାଳୟ ଖୋଲିଥିଲା । ପାଚିକାମାନେ ବିଦ୍ୟାଳୟକୁ ରାନ୍ଧିବା ପାଇଁ ଆସିଥିଲେ। କିନ୍ତୁ ପ୍ରଧାନ ଶିକ୍ଷୟିତ୍ରୀ ଏହାକୁ ନେଇ ବିରକ୍ତି ପ୍ରକାଶ କରିବାରୁ ପାଚିକାମାନେ ଗୁରୁବାର ମଧ୍ୟାହ୍ନ ଭୋଜନ ରାନ୍ଧି ନ ଥିବା ଜଣାଯାଇଛି ।ଏହା ପୂର୍ବରୁ ମଧ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତମାନର ଖାଦ୍ୟ ଦିଆଯାଉ ନଥିବା ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି ହୋଇଥିଲା। ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୀନକେତନ ବରିହା କହିଥିଲେ ଘଟଣା ସତ୍ୟ। ଗୁରୁବାର ମଧ୍ୟାହ୍ନ ଭୋଜନ ରନ୍ଧା ହୋଇ ନ ଥିଲା । ଏହାର ତଦନ୍ତ କରି ଶିକ୍ଷା ଅଧିକାରୀଙ୍କ ଅବଗତ କରିଛି ବୋଲି କହିଥିଲେ।

# ରିମାଣ୍ଡରେ ଆଣି ମାରାଥନ୍ ଜେରା

**ଟିଟିଲାଗଡ: ଗାଡି ଧକ୍କା ଦେଇ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଘଟଣା**

**ମୁଖ୍ୟ ଅଭିଯୁକ୍ତ ଅଙ୍କୁରଙ୍କ ସହ ଦୁଇ ଅଭିଯୁକ୍ତଙ୍କୁ ମୁହାଁମୁହିଁ କରାଗଲା**

ବଲାଙ୍ଗୀର/ଟିଟିଲାଗଡ,୧୦।୧୦
(ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)

ଟିଟିଲାଗଡ ସହରର ହୋଟେଲ ବ୍ୟବସାୟୀ ଶିବଦୟାଲ ଜୈନଙ୍କୁ ବୋଲେରୋ ଧକ୍କା ଦେଇ ହତ୍ୟା ଉଦ୍ୟମ କରିବା ଘଟଣାରେ ଗିରଫ ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ ଅଙ୍କୁର ଅଗ୍ରୱାଲଙ୍କୁ ବଲାଙ୍ଗୀର ପୋଲିସ ଶୁକ୍ରବାର ରିମାଣ୍ଡରେ ଆଣି ମାରାଥନ୍ ଜେରା କରିବା ସହ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ସହ ମୁହାଁମୁହିଁ କରାଯାଇଥିଲା। ମାରାଥନ୍ ଜେରା ଏବଂ ତିନି ଅଭିଯୁକ୍ତଙ୍କୁ ମୁହାଁମୁହିଁ କରାଯିବା ପରେ କିଭଳି ଭାବେ ସାଂଘାତିକ ହତ୍ୟା ଷଡଯନ୍ତ୍ର କରାଯାଇଥିଲା ତାହା ସ୍ପଷ୍ଟ ହୋଇଥିବା ଜଣାପଡିଛି। ବଲାଙ୍ଗୀର ଏସ୍‌ପି ଅଭିଳାଷ ଜିଙ୍କୁ ଏନେଇ ପଚରାଯିବାରୁ ମୁଖ୍ୟ ଅଭିଯୁକ୍ତ ଅଙ୍କୁରଙ୍କୁ ରିମାଣ୍ଡରେ ଅଣାଯାଇ ଜେରା କରାଯାଇଥିବା ଏବଂ ଜେରା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ପୋଲିସ ଠୋସ୍ ସୂଚନା ପାଇଥିବା ଜଣାଇଛନ୍ତି। କିଭଳି ଭାବେ ମୁଖ୍ୟ ଅଭିଯୁକ୍ତ ହତ୍ୟା ଯୋଜନା ପ୍ରସ୍ତୁତ କରିଥିଲେ ଓ ଦୁଇ ଅଭିଯୁକ୍ତଙ୍କୁ ୫ ଲକ୍ଷ ଟଙ୍କାର ଲୋଭ ଦେଖାଇ ହତ୍ୟା କରିବା ପାଇଁ ସୁପାରି ଦେଇଥିଲେ ପୋଲିସ ଆଗରେ ବର୍ଣ୍ଣନା କରିଥିଲେ। ଅଗ୍ରୀମ ବାବଦରେ ଦୁଇ ଅଭିଯୁକ୍ତ ୫୦ ହଜାର ଟଙ୍କା ନେଇ ଅଙ୍କୁରଙ୍କ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଘଟଣା ଦିନ କେଉଁଠି କିଭଳି ପ୍ରସ୍ତୁତି କରିଥିଲେ ଜଣାଇଥିଲେ। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଅଙ୍କୁର ଏବଂ ଦୁଇ ଅଭିଯୁକ୍ତ ନରେଶ ବେହେରା ଓରଫ୍ ଚୁନୁ ଏବଂ ଭକ୍ତବନ୍ଧୁ ଖର୍ସେଲ କେଉଁଠି କେତେଥର ଭେଟି ସେମାନେ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ସେସବୁ ବିଷୟରେ ପୋଲିସ ଜେରା ବେଳେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିଲା। ଅଙ୍କୁରଙ୍କ ଯୋଜନା ମୁତାବକ ଦୁଇ ଅଭିଯୁକ୍ତ ସେଦିନ ହୋଟେଲ ମାଲିକ ଶିବଦୟାଲଙ୍କ ସ୍କୁଟିକୁ ଧକ୍କା ଦେଇଥିବା ସ୍ୱୀକାର କରିଥିବା ଏସ୍‌ପି କହିଛନ୍ତି। ପୋଲିସ ତିନି ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରେଏସନ୍ କରିଥିଲା। ପରେ ରିମାଣ୍ଡରେ ଆସିଥିବା ମୁଖ୍ୟ ଅଭିଯୁକ୍ତ ଅଙ୍କୁର ଅଗ୍ରୱାଲ ଜେଲ ଫେରିଥିଲେ। ଅନ୍ୟ ଦୁଇ ଗିରଫ ଅଭିଯୁକ୍ତଙ୍କୁ ମଧ ପୋଲିସ ଶୁକ୍ରବାର କୋର୍ଟଚାଲାଣ କରିଥିଲା। ଉଲ୍ଲେଖଯୋଗ୍ୟ, ଟିଟିଲାଗଡର ହୋଟେଲ ମାଲିକ ଜୈନଙ୍କ ସ୍ତ୍ରୀଙ୍କୁ ଏକତରଫା ପ୍ରେମ କରି ବିଫଳ ହେବା ଏବଂ ତାଙ୍କ ସମ୍ପତ୍ତି ହଡପ କରିବା ପାଇଁ ମୁଖ୍ୟ ଅଭିଯୁକ୍ତ ଅଙ୍କୁର ଏହି ସୁପରିକଳ୍ପିତ ହତ୍ୟା ଯୋଜନା କରିଥିବା ବଲାଙ୍ଗୀର ଏସ୍‌ପି ଅଭିଳାଷ ଜି ଗୁରୁବାର ସନ୍ଧ୍ୟାରେ ସୂଚନା ଦେଇଥିଲେ।

# ଅଣ୍ଡା ପୁଷ୍ଟିସାର, ଖଣିଜ ଲବଣ ଓ ଭିଟାମିନ୍‌ର ଗନ୍ତାଘର

## ସୁବର୍ଣ୍ଣପୁରରେ ବିଶ୍ୱ ଅଣ୍ଡା ଦିବସ ପାଳିତ

ସୋନପୁର,୧୦।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରଞ୍ଜନ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ଡ. ନୃପରାଜ ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଅଣ୍ଡାରେ ଥିବା ବିଭିନ୍ନ ପୋଷକ ତତ୍ତ୍ୱ ଓ ମଣିଷ ଶରୀର ପାଇଁ ଏହାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଓଡ଼ିଶାରେ ସୁବର୍ଣ୍ଣପୁର ଜିଲା ଅଣ୍ଡା ଉତ୍ପାଦନରେ ତୃତୀୟ ସ୍ଥାନରେ ରହିଛି। ଜିଲା ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ସହ ବାହାର ଜିଲାକୁ ରପ୍ତାନି କରୁଥିବା ଜିଲାପାଳ କହିଥିଲେ। ବିଶିଷ୍ଟ ଅତିଥି ଭାବେ ଏସ୍‌ପି ନାରାୟଣ ନାୟକ ଯୋଗ ଦେଇ ଅଣ୍ଡା ପୁଷ୍ଟିସାର, ଖଣିଜ ଲବଣ ଓ ଭିଟାମିନ୍‌ର ଗନ୍ତାଘର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ଯୋଗଦାନ କରି ଅଣ୍ଡା ପ୍ରାକୃତିକ ପୁଷ୍ଟିସାରରେ ପରିପୂର୍ଣ୍ଣ। ଏହା ଏକ ସାର୍ବଜନୀନ ଖାଦ୍ୟ ବୋଲି




ସଫଳ ଲେୟର୍ ଉଦ୍ୟୋଗୀ ଉମେଶ ପୂଜାରୀଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଣ୍ଡାରୁ ଆମକୁ ସ୍ନେହସାର, ଶ୍ୱେତସାର, ସୋଡିୟମ, ପଟାସିୟମ, କୋଲେଷ୍ଟରଲ, ଲୌହ ଓ ସମସ୍ତ ପ୍ରକାର ଭିଟାମିନ୍ ମିଳିଥାଏ। ତେଣୁ ଅଣ୍ଡା ଏକ ପୁଷ୍ଟିକର ଉତ୍ସ ବୋଲି ମତ ଦେଇଥିଲେ। ଏହି ଅବସରରେ ଶକ୍ତିଶାଳୀ ଅଣ୍ଡା : ପ୍ରାକୃତିକ ପୁଷ୍ଟିସାରରେ ପରିପୂର୍ଣ୍ଣ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲା ପ୍ରାଣୀଚିକିତ୍ସା ଅଧିକାରୀ(ରୋଗ ନିଦାନ) ଡାକ୍ତର ମୃତ୍ୟୁଞ୍ଜୟ ମହାନ୍ତି ବିଶ୍ୱ ଅଣ୍ଡା ଦିବସ ପାଳନର ଲକ୍ଷ୍ୟ ଓ ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ସୋନପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦୁର୍ଗା ପ୍ରସାଦ ତ୍ରିପାଠୀ ଲେୟର ଫାର୍ମ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରୋତ୍ସାହନ ବିଷୟରେ ଚାଷୀଙ୍କୁ ବୁଝାଇଥିଲେ। ଜିଲା ପ୍ରାଣୀ ରୋଗ ନିଦାନ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ପ୍ରିୟବ୍ରତ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜିଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡାକ୍ତର ସୁନାକର ସାମଲ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ରାମପୁରର ସଫଳ ଲେୟର୍ ଫାର୍ମ ଉଦ୍ୟୋଗୀ ଉମେଶ ଚନ୍ଦ୍ର ପୂଜାରୀ, ମୟୁରଉଡାନର ସୁରେଶ ପୂଜାରୀ, ବଲାଡିର ପଣ୍ଡିତ ଦାସ, ଚହଟାଖୋଲର ସବିତା ଭୋଇ ଓ ଚୌରାସିପୁରର ସୁଶାନ୍ତ କୁମାର ସାହୁଙ୍କୁ ଜିଲାପାଳ ଓ ଏସ୍‌ପି ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ(ପ୍ରାଣୀ ପାଳନ) ଡାକ୍ତର ଶଙ୍କର୍ଷଣ ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଡାକ୍ତର ଶ୍ୟାମ ସୁନ୍ଦର ପାଣ୍ଡେ, ସୁବ୍ରତ କୁମାର ପୁରୋହିତ, ଶୁଭାକାଂକ୍ଷୀ ବେହେରା, ସୁଧୀର କୁମାର ପଣ୍ଡା, ଦେବେନ୍ଦ୍ର ସାହୁ ଓ ଲଳିତ ମେହେର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସକାଳେ ମଝିପଡା ସ୍ଥିତ ଉତ୍କଳ ବାଳାଶ୍ରମ ଓ ସୋନପୁର କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀଙ୍କ ଉପସ୍ଥିତିରେ ଅଣ୍ଡା ବଣ୍ଟନ କରା ଯାଇଥିଲା।

# ମା' ଗଜଲକ୍ଷ୍ମୀଙ୍କ ବିସର୍ଜନ



ବୀରମହାରାଜପୁର ଛକ ଗଜଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରା।

ବୀରମହାରାଜପୁର,୧୦।୧୦(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହର ଉପକଣ୍ଠ ବାଘମାରି ଗଜଲକ୍ଷ୍ମୀ ପୂଜା ଓ ବୀରମହାରାଜପୁର ଦୋଳ ମଣ୍ଡପଠାରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। କମଳପୁର ଓ ରଥପୁର ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବାଘମାରି ମା' ଗଜଲକ୍ଷ୍ମୀଙ୍କ ବିସର୍ଜନ ଗାଁର ଓଡ଼ିଆ ବନ୍ଦରେ କରାଯାଇଥିଲା। ବୀରମହାରାଜପୁର ଛକ ମା' ଗଜଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟ ଛକ, କେନ୍ଦୁପାଲ ରାସ୍ତା ଦେଇ ଯାଇ ଐତିହାସିକ ରଜା ବନ୍ଧଠାରେ ବିସର୍ଜନ କରାଯାଇଥିଲା। ସେହିଭଳି ଭାବରେ କମଳପୁର ଓ ରଥପୁର ମା' ଗଜଲକ୍ଷ୍ମୀଙ୍କ ଭସାଣି ମହାନଦୀଠାରେ ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ବୀରମହାରାଜପୁର ଛକରେ ପୋଲିସ ବ୍ୟବସ୍ଥା କରାଯାଇଥିଲା । ସମସ୍ତ ପୂଜା ମଣ୍ଡପରେ ୩ଦିନ ଧରି ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ

ସୋନପୁର,୧୦।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ସୋନପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ନୃପରାଜ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାଶ, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକମାନଙ୍କ ଅଧିକାର, ସୁରକ୍ଷା ଓ ସୁଖମୟ ଜୀବନଯାପନ ଉପରେ ଆଲୋଚନା ହୋଇଥିଲା। ଜିଲାର ବରିଷ୍ଠ ନାଗରିକ ମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ନାଗରିକ ତଥା ସୋନପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲାର ଶତାୟୁ ବରିଷ୍ଠ ନାଗରିକ ତରଭାର ବଂଶୀଧର ନାୟକଙ୍କୁ ଜିଲାପାଳ ଡ. ସାହୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବରିଷ୍ଠ ନାଗରିକ ସଂଘର ୧୦ଜଣ ସଦସ୍ୟ ଇନ୍ଦ୍ରମଣି ଦାଶ, ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରତାପ ଶଙ୍କର ପାଣିଗ୍ରାହୀ, ଗୋପୀନାଥ ମହାକୁର, ନନ୍ଦ କିଶୋର ମିଶ୍ର, ପ୍ରମୋଦ କୁମାର ମହାପାତ୍ର, ଅଶୋକ କୁମାର ସାହୁ, ରାଜ କିଶୋର ସାହୁ, ପ୍ରମୋଦ କୁମାର ପଣ୍ଡା ଓ ସନ୍ତୋଷ କୁମାର ସାହୁଙ୍କୁ ଜିଲାପାଳ ପୁଷ୍ପଗୁଚ୍ଛ, ବ୍ୟାଗ, ଛତା ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ତରଭା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମେଣ୍ଡାମାଳବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ



ମେଣ୍ଡାମାଳ ସ୍କୁଲରେ ସୁରଭି କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

ବୀରମହାରାଜପୁର,୧୦।୧୦(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧୀନରେ ହିଲୁଙ୍ଗ କ୍ଲଷ୍ଟରର ମେଣ୍ଡାମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କଳା ସଂସ୍କୃତିର ଅନନ୍ୟ ପର୍ବ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହିଲୁଙ୍ଗ ସିଆରସିସି ସୁଶୀଳ କୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଜ୍ୟୋତିର୍ମୟ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ବରିଷ୍ଠ ଶିକ୍ଷାବିତ ଅନ୍ତର୍ଯ୍ୟାମୀ ରଥ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସବର ଆଭିମୁଖ୍ୟ ଓ ଗୁରୁ ଶିଷ୍ୟ ପରମ୍ପରା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ମେଣ୍ଡାମାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଫୁଲଜିନିଆ ମାସାତ, ହିଲୁଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତିରଞ୍ଜନ ପଧାନ, ଚମ୍ପାମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ନାଏକ ମଞ୍ଚାସୀନ ଥିଲେ। ନଅଟି ଯାକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ପ୍ରତିଭା ଚୟନରେ ସାମିଲ ହୋଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଝୁନୁ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ପର୍ବରେ ଅବସରପ୍ରାପ୍ତ ଶିକ୍ଷକ ତଥା କଥାବାଚକ ଭୂଷଣ କୁମାର ପାତ୍ରଙ୍କ ସମେତ ସମସ୍ତ ଅତିଥି ଓ ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ସୁଜିତ କୁମାର ପାତ୍ର ଉପସ୍ଥିତ ହୋଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ମନୋରଞ୍ଜନ ପଧାନ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ନାୟକ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ପ୍ରଧାନ, ଖେଳ ଶିକ୍ଷୟିତ୍ରୀ ପ୍ରତିଭା ଭୋଇ, କଳା ଶିକ୍ଷକ ଶୁଭେନ୍ଦୁ ମେହେର ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସଭା ଶେଷରେ ଅତିଥିମାନେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜାରେ ରାମାୟଣ ପାରାୟଣ

ବୀରମହାରାଜପୁର,୧୦।୧୦(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ଅବସରରେ ୯ଦିନ ବ୍ୟାପୀ ତୁଳସୀ ରାମାୟଣ ଅନୁଷ୍ଠିତ ହେଉଛି। ଶୁକ୍ରବାର ସକାଳ ୮ଟାରେ ପାରାୟଣ ପଞ୍ଚମ ଦିବସ ଆରମ୍ଭ ହୋଇଥିଲା। ଆଜିର ପୁରାଣ ପାଠରେ ସୀତା ଚୋରି ଚରିତ୍ର ପାଠ କରାଯାଇଥିଲା। କଳାହାଣ୍ଡିର ବିଶିଷ୍ଟ ପୁରାଣ ଗାୟକ ସମ୍ରାଟ ପଣ୍ଡିତ ଅଜିତ କୁମାର ଦାଶ ଜଗବନ୍ଧୁ ମହାପ୍ରଭୁଙ୍କ ଅନୁବାଦିତ ତୁଳସୀ ରାମାୟଣ ପାଠ କରୁଛନ୍ତି। ପୁରାଣ ପାଠ ଶୁଣିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଚଳିତବର୍ଷ ପୁରାଣ ପଣ୍ଡପର କର୍ତ୍ତା ଭାବରେ ବ୍ରଜ ଭୂଷଣ ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ମାଧୁରୀ ବିଶ୍ୱାଳ କାର୍ଯ୍ୟ ତୁଲାଉଥିବାବେଳେ ପୂଜକ ଭାବରେ ପଣ୍ଡିତ ପ୍ରଦୀପ ରଥ କାର୍ଯ୍ୟ ନିର୍ବାହ କରୁଛନ୍ତି। ଶେଷରେ କମିଟି ତରଫରୁ ସମସ୍ତଙ୍କ ପାଇଁ ସାମୋହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ



ସଚେତନତା ରାଲି ।

ବୌଦ୍ଧ,୧୦।୧୦(ଅଜିତ କୁମାର ବାରିକ)

ଶୁକ୍ରବାର ଦିନ ଜିଲା ସ୍ୱାସ୍ଥ୍ୟ ସମିତି ବୌଦ୍ଧ ପକ୍ଷରୁ ତାଲିମ କେନ୍ଦ୍ରଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଂଘମିତ୍ରା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସନ୍ତୋଷ କୁମାର ତ୍ରିପାଠୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅମିତାଭ ଦାସ, ଡ. ସାନ୍ତା ନିବେଦିତା, ଡ. ନାରାୟଣ ପଶାୟତ, ଅଧ୍ୟାପକ ପ୍ରବୀର କୁମାର ଦାସ ଯୋଗଦେଇ ଜରୁରୀକାଳୀନ ସମୟରେ ମାନସିକ ସ୍ୱାସ୍ଥ୍ୟ ସେବାର ସୁଯୋଗ ନେବା ବୋଲି କହିଥିଲେ । ଏନେଇ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା । ଏଥିରେ ଅଶାକର୍ମୀ, ଏଏନଏମ ଛାତ୍ରୀ , ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ , ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ ।

# ଉଲୁଣ୍ଡାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ୩ଦଫା ଦାବିପତ୍ର

ଉଲୁଣ୍ଡା,୧୦।୧୦(ଗୌରଚନ୍ଦ୍ର ପରିଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ପ୍ରତିବାଦରେ ଏସସି ଓ ଏସ୍‌ଟି ମିଳିତ ମଞ୍ଚ ଥାନାର ଦ୍ୱାରସ୍ଥ ହୋଇ ୩ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ଉଲୁଣ୍ଡା ଅଞ୍ଚଳରେ ଦିନକୁ ଦିନ ଅବାଧ ଭାବରେ ମଦ, ଗଞ୍ଜେଇ କାରବାର ବଢୁଛି । ମଦ୍ୟପଙ୍କ ଉତ୍ପାତ ବଢିବାରେ ଲାଗିଛି। ଫଳରେ ସାଧାରଣ, ଗରିବ, ମହିଳା, ଏସସି, ଏସ୍‌ଟି ପରିବାର ପ୍ରଭାବିତ ହେଉଛନ୍ତି। ଗତ ୨୭ତାରିଖ ଉଲୁଣ୍ଡା ବିଡ଼ିଓଙ୍କ ବାସଭବନରେ ଦୃର୍ବୃତ୍ତମାନେ ପଶି ବିଡିଓଙ୍କୁ ମାଡ଼ ମାରିବା ସହ ସୁନା ଚେନ ଏବଂ ମୋବାଇଲ ଲୁଟ୍ କରି ଫେରାର ମାରିଥିଲେ। ଏହି ଘଟଣାରେ ପୋଲିସ ୩ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ମାରିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଧରିବାରେ ବିଫଳ ହୋଇଛି। ବିଡ଼ିଓ ଜଣେ ଦଳିତ ପରିବାରର ହୋଇଥିବାରୁ ବିଡିଓଙ୍କୁ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଛି ଏସ୍‌ସି ଏସ୍‌ଟି ମିଳିତ ମଞ୍ଚ। ଅନ୍ୟ ପକ୍ଷରେ ଅପରାଧୀମାନେ ରାଜନୈତିକ ପୃଷ୍ଠପୋଷକତାରେ ଥାଇ ଆଇନ ଆଖିରେ ଧୂଳି ଦେଇ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ଯାହାଦ୍ୱାରା ସାଧାରଣ ଲୋକ ବ୍ଲକ କାର୍ଯ୍ୟାଳୟକୁ ଆସିବା ପାଇଁ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଏଣୁ ଶୁକ୍ରବାର ଏସ୍‌ସି ଓ ଏସ୍‌ଟି ମିଳିତ ମଞ୍ଚର ପ୍ରତିନିଧି ମଣ୍ଡଳୀ ଥାନାର ଦ୍ୱାରସ୍ଥ ହୋଇ ଉଲୁଣ୍ଡା ବିଡ଼ିଓଙ୍କୁ ମାଡ଼ ମାରିଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା, ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡି କରିବା ଏବଂ ବେଆଇନ ମାଦକ ଦ୍ରବ୍ୟ ଚାଲାଣ ପ୍ରତି ଦୃଷ୍ଟି ଦେବା ପାଇଁ ଦାବିକରି ଏକ ଦାବିପତ୍ର ଆଇଆଇସି ଅନୁପସ୍ଥିତ ଥିବାରୁ ଏସ୍‌ଆଇ ଦେବାଶିଷ ସାହୁଙ୍କୁ ପ୍ରଦାନ କରିଥିଲେ। ଯଦି ୭ଦିନ ମଧ୍ୟରେ ଦାବି ପୂରଣ ନ ହୁଏ, ତାହାହେଲେ ଥାନା ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଗୋବିନ୍ଦ ଦାସ ତରାଇ, ନାରାୟଣ ହରିପାଲ,ନନ୍ଦନ ବାରିକ, ଆର୍ତ୍ତତ୍ରାଣ ବଗର୍ତ୍ତି, ସୁରେନ୍ଦ୍ର ଜଗଦଲା, ରାଜ ଲୁହା, ସୁରଥ କୁମ୍ଭାର, କଷ୍ଟ ଦୀପ, ତ୍ରିନାଥ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପଲଶାଗୋରା ମୁରାସୁର ଦରବାର ତୃତୀୟ ସନ୍ଧ୍ୟା

ପଲସାଗୋରା,୧୦।୧୦ (ଅଶ୍ୱିନୀ ନନ୍ଦ)

**ମୁରାସୁରର ସଞ୍ଜୀବନୀପୁର, ଯମଭୁବନ ଆକ୍ରମଣ ନାଟକ ମଞ୍ଚସ୍ଥ**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲସାଗୋରା ସ୍ୱସ୍ତିକ କ୍ଲବ ଦ୍ୱାରା ଆୟୋଜିତ ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ଦରବାର କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ମୁରାସୁରର ସଞ୍ଜିବନୀପୁର ଓ ଯମ ଭୁବନ ଆକ୍ରମଣ ଓ ପରାସ୍ତ ନାଟକ ମଞ୍ଚସ୍ଥ ହୋଇଥିଲା। ତୃତୀୟ ସନ୍ଧ୍ୟାରେ ମୁରାସୁରଙ୍କ ରାଜକୀୟ ଅତିଥି ଭାବେ ବିଜେଡି ନେତା ସୁଧୀର ମହାକୁଡ଼, ଭାଜପା ଯୁବନେତା ପିନାକ ରଣା, ସୋନପୁରର ବରିଷ୍ଠ ନେତା ପ୍ରକାଶ ଚନ୍ଦ୍ର ସାହୁ, ଓକିଲ ପ୍ରତାପ ସାହୁ, ଏସଡିଓ ମନମୁଣ୍ଡା ବିଦ୍ୟୁତ ବିଭାଗ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସଭାକୁ ଅଚ୍ୟୁତ ଖମାରି ପରିଚାଳନା କରିଥିଲେ। ନାଟକରେ ମୁରାସୁର ଭୂମିକାରେ ବରଗଡ ଧନୁଯାତ୍ରାରେ କଂସ ଭୂମିକା ରେ ଅଭିନୟ କରିଥିବା ଅଭିନେତା ହୃଷୀକେଶ ଭୋଇ ଅଭିନୟ କରୁଥିବା ବେଳେ ମହାମନ୍ତ୍ରୀ ଭୂମିକାରେ ନନ୍ଦଘୋଷ ମହାପାତ୍ର ଓ ଅନ୍ୟମାନେ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି । ତୃତୀୟ ସନ୍ଧ୍ୟାରେ ପରିବେଷିତ ନାଟକକୁ ଦର୍ଶକ ଶେଷ ପର୍ଯ୍ୟନ୍ତ ମନଭରି ଉପଭୋଗ କରିଥିଲେ।



ନାଟକ ଅବସରରେ କଳାକାର ଓ ଅନ୍ୟମାନେ।

# କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ପାଇଁ ଗୁରୁତ୍ୱାରୋପ

ବୌଦ୍ଧ,୧୦।୧୦( ଅଜିତ କୁମାର ବାରିକ)

ବୌଦ୍ଧ ଜିଲାସ୍ତରୀୟ ଦିଶା ବୈଠକ ଜିଲା ପରିଷଦର ପଞ୍ଚାୟତ ଭବନଠାରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ନେଇ ଏମ୍‌ପି ପାଣିଗ୍ରାହୀ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଉଦ୍ୟାନ, ଜଳସେଚନ, ହସ୍ତତନ୍ତ, କେନ୍ଦୁପତ୍ର, ବନଖଣ୍ଡ, ମତ୍ସ୍ୟ ବିଭାଗ,ସମାଜ ମଙ୍ଗଳ, ଶିଳ୍ପ, ଜାତୀୟ ରାଜପଥ, ପାନୀୟ ଜଳ, ଯୋଗାଣ, ଖାଉଟି ସୁରକ୍ଷା, ଉଠାଜଳସେଚନ, ବିଦ୍ୟୁତ୍ ଯୋଗାଣ, ମୃତ୍ତିକା ସଂରକ୍ଷଣ, ଗ୍ରାମ୍ୟ ଉନ୍ନୟନ ଓ କ୍ଷୁଦ୍ର ଜଳସେଚନ ଆଦି ସମସ୍ତ ବିଭାଗକୁ ମିଳିଥିବା କେନ୍ଦ୍ରୀୟ ଅନୁଦାନ ଏବଂ ତାହାର କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଥିଲା। ମିଳିଥିବା ଅନୁଦାନରେ ଚାଲୁଥିବା ପ୍ରକଳ୍ପଗୁଡିକ ତୁରନ୍ତ ସମ୍ପୂର୍ଣ୍ଣ କରାଯିବାକୁ ବୈଠକରେ




ବୈଠକରେ କନ୍ଧମାଳ ଏମ୍‌ପି ଓ ଅନ୍ୟମାନେ।

**ଜିଲାସ୍ତରୀୟ ଦିଶା ବୈଠକ**

ଗୁରୁତ୍ୱ ଦିଆଯିବା ସହିତ ଯେଉଁ ପ୍ରକଳ୍ପଗୁଡିକ ଆରମ୍ଭ ହୋଇପାରିନାହିଁ ସେହି ପ୍ରକଳ୍ପର ଅନୁଦାନ ସରକାରଙ୍କୁ ଫେରାଇ ଦେବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ଷାଋତୁ ପାଇଁ ପ୍ରକଳ୍ପଗୁଡିକର କାର୍ଯ୍ୟ ଧିମାଇ ଯାଇଥିବାରୁ ଆଗାମୀ ଦିନରେ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାରେ ବୁଣାକାରମାନେ ଯେପରି ଉପକୃତ ହୋଇପାରିବେ ସେନେଇ ଯୋଜନା କରିବାକୁ ହସ୍ତତନ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ, ଜିଲାପାଳ ବିଭୁତି ଭୂଷଣ ନାଏକ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଚାର୍ଲସ ନାଏକ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ବୈଠକ ପରିଚାଳନା କରିଥିଲେ । ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

# ସୀମାନ୍ତ ଅଞ୍ଚଳରେ ହାଇଆଲର୍ଟ

ରାଉରକେଲା, ୧୦।୧୦(ସଙ୍ଗୀତା ଜେନା)

ମାଓବାଦୀ ଶୀର୍ଷ ନେତାମାନଙ୍କୁ ପୋଲିସ ହତ୍ୟା କରିଥିବା ଅଭିଯୋଗରେ ମାଓବାଦୀମାନେ ପ୍ରତିରୋଧ ସପ୍ତାହ ପାଳନ ସହ ବନ୍ଦ ଡାକରା ଦେଇଛନ୍ତି। ଫଳରେ ପୋଲିସ ସୀମାନ୍ତ ଜିଲାଗୁଡିକରେ ହାଇଆଲର୍ଟ ଜାରି କରିଛି। ଏହାକୁ ନେଇ ଓଡ଼ିଶା-ଝାଡଖଣ୍ଡ ସୀମାନ୍ତରେ ଲୋକଙ୍କ ମଧରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସରଣ୍ଡା ଅଞ୍ଚଳରେ ମାଓବାଦୀମାନଙ୍କ ପ୍ରତିରୋଧ ସପ୍ତାହ ସଫଳ ପାଇଁ କ୍ରମାଗତ ବୈଠକ ହେଉଥିବାରୁ ସୀମାନ୍ତ ଲୋକମାନଙ୍କ ମଧରେ କୋକୁଆଭୟ ସୃଷ୍ଟି ହୋଇଛି। ସରଣ୍ଡା ସନ୍ନିକଟ ଝାଡ଼ଖଣ୍ଡର ଜରେଇକେଲା, ପଶ୍ଚିମସିଂଭୂମ, ଲାତେହାର, ଗଡୱା, ଚତରା ଓ ଖୁଣ୍ଟି ଭଳି ମାଓବାଦୀ ପ୍ରଭାବିତ ଅଞ୍ଚଳରେ ପୋଲିସ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ଓଡ଼ିଶା ସୀମାନ୍ତ ବିଶ୍ରା ଓ ଜରେଇକେଲାରେ ଏହାର କିଛିଟା ପ୍ରଭାବ ଦେଖିବାକୁ ମିଳିଛି। ରାଉରକେଲା ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଇ ସ୍ଥିତି ଅନୁଧ୍ୟାନ କରାଯାଉଛି ବୋଲି କୁହାଯାଇଛି।

ସିପିଆଇ(ମାଓବାଦୀ) ଏହାର ୨୪ତମ ବାର୍ଷିକୀ ପାଳନ ପାଇଁ ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକଳାପକୁ ତୀବ୍ର କରିବା ସହିତ ଉପସ୍ଥିତି ଜାହିର କରୁଛି। ଅକ୍ଟୋବର ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତିରୋଧ ସପ୍ତାହ ଏବଂ ୧୫ତାରିଖରେ ବିହାର, ଝାଡଖଣ୍ଡ, ଉତ୍ତର ଛତିଶଗଡ଼, ପଶ୍ଚିମବଙ୍ଗ, ଆସାମରେ ଏହି ବନ୍ଦ ଘୋଷଣା କରାଯାଇଛି। ବନ୍ଦ ଘୋଷଣା ପରେ ଓଡ଼ିଶା ସୀମାନ୍ତ ସରଣ୍ଡାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସରକାର ବିରୋଧୀ ବହୁ ବ୍ୟାନର, ପୋଷ୍ଟର ଲଗାଯାଇଛି। ପୋଲିସ ଇନର୍ଫମର ଓ ସହଯୋଗ କରୁଥିବା ଲୋକଙ୍କୁ ଉଚିତ ଶାସ୍ତି ଦିଆଯିବା ସହ ପୋଲିସକୁ ସହଯୋଗ କରିବାକୁ ବାରଣ କରାଯାଉଥିବା ପୋଷ୍ଟରରେ ଉଲ୍ଲେଖ

## ମାଓବାଦୀଙ୍କ ପ୍ରତିରୋଧ ସପ୍ତାହ ପାଳନ

ରହିଛି। ଏହା ସ୍ଥାନୀୟ ଲୋକମାନୟଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ସେହିପରି ଗତ ୨୭ ତାରିଖରେ ମାକପା ମାଓବାଦୀ ରିଜିଓନାଲ କମାଣ୍ଡରଙ୍କ ଦ୍ୱାରା ସାର୍ବଜନୀନ କରାଯାଇଥିବା ଚିଠି ଅନୁଯାୟୀ ପୋଲିସ ଏବଂ କୋବ୍ରା ଫୋର୍ସ ପ୍ରାୟ ୨ ବର୍ଷରୁ ହେଲା ସଂହାର ଏବଂ ଅଭିଯାନ କ୍ରମରେ ମିଥ୍ୟା ଏନକାଉଣ୍ଟର କରିଛନ୍ତି। ମାଓବାଦୀ ସଙ୍ଗଠନ ଏହାର ଚିଠିରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ମାଓବାଦୀ ନିପାତ ନାମରେ ନିରୀହ ଆଦିବାସୀଙ୍କୁ ହତ୍ୟା କରାଯାଉଥିବା ଅଭିଯୋଗ କରିଛି। ସିଂଭୂମ, ବୋକାରୋ, ହଜାରୀବାଗ ଜିଲାରେ ମିଥ୍ୟା ଏନକାଉଣ୍ଟରକୁ ଆଦିବାସୀଙ୍କ ବିରୋଧରେ ନରସଂହାର ବୋଲି ଉଲ୍ଲେଖ ରହିଛି। ସହଦେବ ସୋରେନ, ରଘୁନାଥ ହେମ୍ବ୍ରମ, ରାମଖିଲାବନ ଗୁଙ୍କ ଭଳି ଶୀର୍ଷ ନେତାମାନଙ୍କୁ ହତ୍ୟା କରାଯାଇଛି। ଏହାର ପ୍ରତିବାଦରେ ଏହି ପ୍ରତିରୋଧ ସପ୍ତାହ ଘୋଷଣା କରାଯାଇଛି ବୋଲି ମାଓବାଦୀଙ୍କ ଚିଠିରେ ଉଲ୍ଲେଖ ରହିଛି। ଏହି ଘୋଷଣା ବିରୋଧରେ ସୀମାନ୍ତରେ ପୋଲିସ ମୁଖ୍ୟାଳୟ ଦ୍ୱାରା ହାଇଆଲର୍ଟ ଜାରି କରାଯାଇଛି।

ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯିବା ସହ ସ୍ୱତନ୍ତ୍ର ଗୋଇନ୍ଦା ଶାଖା (ଏସ୍ଆଇବି), ସମସ୍ତ ପୋଲିସ ଅଧୀକ୍ଷକ, ବରିଷ୍ଠ ପୋଲିସ ଅଧୀକ୍ଷକଙ୍କୁ ସତର୍କତା ବଜାୟ ରଖିବାକୁ ନିର୍ଦ୍ଦେଶ ଜାରି ହୋଇଛି। ସିଆର୍‌ପିଏଫ୍, ଜେଏପି, ଏସ୍ଏସ୍‌ବି ଏବଂ ଆଇଆର୍‌ବି ସମେତ କେନ୍ଦ୍ରୀୟ ଓ ରାଜ୍ୟ ସୁରକ୍ଷା ବାହିନୀକୁ ସମ୍ଭାବ୍ୟ ଆକ୍ରମଣକୁ ନେଇ ସତର୍କତା ବୃଦ୍ଧି ଏବଂ ଜଙ୍ଗଲ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ବାଧ୍ୟତାମୂଳକ କରାଯାଇଛି। ଅନୁରୂପ ଭାବେ ପୋଲିସ ମୁଖ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବନ ବିଭାଗ, ଗୋଦାମ ଓ ମୋବାଇଲ ଟାୱାର ଉପରେ ସ୍ୱତନ୍ତ୍ର ନଜର ରଖିବାକୁ କୁହାଯାଇଛି। କୌଣସି ପ୍ରକାର ଭଙ୍ଗାରୁଜା କିମ୍ବା ବିସ୍ଫୋରଣକୁ ରୋକିବାପାଇଁ ରେଳଷ୍ଟେଶନ ଏବଂ ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଅତିରିକ୍ତ ବାହିନୀ ମୁତୟନ କରାଯାଉଛି। ଜଙ୍ଗଲମାନଙ୍କରେ ସର୍ଚ୍ଚ ଅପରେଶନ କଡାକଡ଼ି କରାଯାଇଛି। ମାଓବାଦୀଙ୍କ କୌଣସି ହିଂସାତ୍ମକ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସୀମାନ୍ତ ପୋଲିସ କହିଛି। ଏ ସମ୍ପର୍କରେ ରାଉରକେଲା ପୋଲିସ ଜିଲା ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢଙ୍କ ପଚରାଯିବାରୁ ସେ କହିଲେ, ସୀମାନ୍ତରେ ହାଇଆଲର୍ଟ ରହିଛି। ଓଡ଼ିଶାରେ ସେଭଳି କୌଣସି ହିଂସା ଦେଖାଯାଇନାହିଁ। ସୁରକ୍ଷାବଳଙ୍କ ସହ ମିଳିତ ଭାବେ ବୈଠକ ଓ ସୀମା ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ନିରନ୍ତର ପାଟ୍ରୋଲିଂ ଓ ସ୍ଥିତି ଅନୁଧ୍ୟାନ କରାଯାଉଛି ବୋଲି ଷଣ୍ଢ କହିଥିଲେ।

# ମାନସିକ ଶାନ୍ତି ପାଇଁ ଅନ୍ତଃ ଗୁଣର ବିକାଶ ଜରୁରୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା, ୧୦।୧୦(ଦିନେଶ ମିଶ୍ର)

ସିଭିଲଟାଉନଶିପସ୍ଥିତ ଲାୟନ୍ସ କ୍ଲବ ଅଫ୍ ରାଉରକେଲା କାର୍ଯ୍ୟାଳୟ ପରିସରରେ ବ୍ରହ୍ମାକୁମାରୀ ସିଭିଲଟାଉନ୍‌ଶିପ୍ ସେବାକେନ୍ଦ୍ର ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ସେବାକେନ୍ଦ୍ର ପରିଚାଳିକା ବ୍ରହ୍ମକୁମାରୀ ରାଜଯୋଗିନୀ ମଧୁସ୍ମିତା ଦିଦି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ମାନସିକ ଶାନ୍ତି ପାଇଁ ଅନ୍ତଃ ଗୁଣର ବିକାଶ ହେବା ଜରୁରୀ। ମାନସିକ ଶାନ୍ତି କୌଣସି ବାହ୍ୟ ବସ୍ତୁରୁ

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ମିଳି ନ ଥାଏ। ତେଣୁ ନିଜ ଭିତରେ ଥିବା ଗୁଣକୁ ପରଖି ତାର ବିକାଶ କଲେ ଜୀବନରେ ଶାନ୍ତି ପ୍ରାପ୍ତ ହୋଇଥାଏ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ବ୍ରହ୍ମକୁମାର ଅରୁଣ ଭାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଉପରେ ମତ ରଖିଥିଲେ। ବ୍ରହ୍ମକୁମାର ଜଗନ୍ନାଥ ଭାଇ, ପ୍ରତାପ ଭାଇ, ବସନ୍ତ ଭାଇ ଓ ନନସୀ ଭଉଣୀ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ସୁନ୍ଦରଗଡ,୧୦।୧୦(ଜୟ ନାରାୟଣ ମେଣ୍ଡୁଲି): ଜିଲା ଆଇନସେବା ପ୍ରାଧୀକରଣ ତରଫରୁ ଶୁକ୍ରବାର ସ୍ଥାନୀୟ ଆସ୍ଥା ଗୃହଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧୀକରଣର ଅଧକ୍ଷ ତଥା ଜିଲା ଦୌରାଜଜ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧୀକରଣର ସଚିବ ଡ. ରୀନତି ମିଶ୍ର, ସମାଜସେବୀ ତଥା ଆସ୍ଥା ଗୃହର ସଚିବ ଆଡଭୋକେଟ ସ୍ନେହଲତା ପଟେଲ, ନ୍ୟାୟ ରକ୍ଷକ ସନ୍ତୋଷ ପ୍ରଧାନ,ସରିତା ପଟେଲ, ଅନିଶା ପୃଷ୍ଟି, ରଶ୍ମିତା ବାରିକ, ଅଲିଭା ମହାପାତ୍ର, ଟାଉନଥାନା ସବ୍ ଇନ୍ସପେକ୍ଟର ଡୋଳାମଣି ନାଏକ, ଅଧିକାର ମିତ୍ର ଗୀତାଞ୍ଜଳୀ କିସାନ, ସୁଦର୍ଶନ ତାଜନ ପ୍ରମୁଖ ଯୋଗ ଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଧୀକରଣର ସଚିବ ଡ. ମିଶ୍ର ସାମ୍ପ୍ରତିକ ପରିସ୍ଥିତିରେ କର୍ମ କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ବ୍ୟକ୍ତି ବିଶେଷ ପ୍ରାୟତଃ ମାନସିକ, ପାରିବାରିକ, ଆର୍ଥିକ କିମ୍ବା ଶାରୀରିକ ଭାବେ ଚାପଗ୍ରସ୍ତ ପରିସ୍ଥିତିର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ସେମାନଙ୍କର କାର୍ଯ୍ୟ ଦକ୍ଷତା ଠିକ ଭାବେ ପ୍ରତିପାଦିତ ହେବାରେ ଅନ୍ତରାୟ ସୃଷ୍ଟି ହୋଇଥାଏ। ଏଥିପାଇଁ ମାନସିକ ସ୍ଥିରତା ବଜାୟ ରଖିବା ପାଇଁ ପ୍ରତ୍ୟେକ ଦିନ ଯୋଗ, ବ୍ୟାୟାମ,ପ୍ରାଣାୟାମ କରିବା ସହିତ ପୋଷଣ ଯୁକ୍ତ ସୁଷମ ଖାଦ୍ୟ ଭୋଜନ, ଉତ୍ତମ ନିଦ୍ରା ଓ ପ୍ରଚୁର ଜଳପାନ କରିବା ସହିତ ଆଧ୍ୟାତ୍ମିକ ସଙ୍ଗୀତ ଆଦି ଉପଯୋଗ କରି ଅବସାଦ ଲାଘବ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ।



ଝିରପାଣି ନିକଟସ୍ଥ ଜବାଘାଟ ଜେବିଏଚ୍ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଆୟୋଜିତ ୪୦ତମ ଲକ୍ଷ୍ମୀପୂଜା ଉତ୍ସବ ମଞ୍ଚରେ ଉପସ୍ଥିତ କଳାକାରଗଣ।

# ନାଗପୁରୀ ସଙ୍ଗୀତ ତାଳେ ତାଳେ ଝୁମିଲେ ଦର୍ଶକ

ରାଉରକେଲା,୧୦।୧୦(ଦିନେଶ ମିଶ୍ର)

ରାଉରକେଲା ଝିରପାଣି ନିକଟସ୍ଥ ଜବାଘାଟ ଜେବିଏଚ୍ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଆୟୋଜିତ ୪୦ତମ ଲକ୍ଷ୍ମୀପୂଜା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ୟଙ୍ଗ୍ ଇଣ୍ଡିଆ ଫିଟନେସ୍ ଏକାଡେମୀ ଓ ଯବାନ ଭାରତ ଫାଉଣ୍ଡେଶନର ପ୍ରତିଷ୍ଠାତା ରାମଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ଜନ୍ମିତ ମା' ଦ୍ୱିତୀୟ

## ଜବାଘାଟରେ ଲକ୍ଷ୍ମୀପୂଜା ଉତ୍ସବ ଉଦ୍‌ଯାପିତ

ମାଟି ମା' ତୃତୀୟ ଜଗତ ମା' ପ୍ରତି ଯଦି ଆମର କର୍ତ୍ତବ୍ୟକୁ ସଠିକ ଭାବେ ବଜାୟ ରଖିପାରିବା ତେବେ ଆମେ ସ୍ୱୟଂ ସମସ୍ତ ଦେବଦେବୀଙ୍କ କୃପା ଲାଭ କରିପାରିବା ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ମିହିର ଫାଉଣ୍ଡେଶନର ପରିଚାଳକ ରାଜେଶ ରଞ୍ଜନ ପ୍ରସାଦ, ଦିନେଶ କୁମାର ମିଶ୍ର, ସତ୍ୟନାରାୟଣ ବଡାଇକ, ଗଣେଶ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ପୂଜା କମିଟିର ପ୍ରମୁଖ ସଦସ୍ୟ ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ କ୍ଲବ ପକ୍ଷରୁ ନାଗପୁରୀ ସଙ୍ଗୀତ ଭିତ୍ତିକ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ରାଞ୍ଚିର ଲୋକପ୍ରିୟ କଣ୍ଠଶିଳ୍ପୀ ପ୍ରବୀଣ ଟୋପୋ, ସରୱନ ଏସ୍ଏସ୍ ଓ ପ୍ରୀତିବାଲାଙ୍କ ସହ ରାହୁଲ କୁମାର ନାଗପୁରୀ ସଙ୍ଗୀତ ପରିବେଷଣ କରିଥିଲେ। ନାଗପୁରୀ ସଙ୍ଗୀତ ଜଗଦା ସେ ଝିରପାଣି ନିକଲୋରେ... ନାଗପୁରୀ ସଙ୍ଗୀତରେ ଦର୍ଶକ ଝୁମିଥିଲେ। କ୍ଲବର ସଭାପତି ମଦନ ମୁଣ୍ଡାରୀ, ସନ୍ତୋଷ ମୁଣ୍ଡାରୀ, ରାଜୀବ ମୁଣ୍ଡାରୀ, ଗୁରୁ ଚରଣ ମୁଣ୍ଡାରୀ, ମହେଶ ମୁଣ୍ଡାରୀ, ରୋହିତ ମୁଣ୍ଡାରୀ, ସୁମନ୍ତ ଗୌଡ, ଏମ୍‌ଡି ସହେଲ, ମାନସ ମୁଣ୍ଡାରୀ, ମଙ୍ଗଳ ମୁଣ୍ଡାରୀ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ସଦସ୍ୟ ଗଣେଶ ତିର୍କୀ ମଞ୍ଚ ପରିଚାଳନା ଏବଂ ସ୍ୱାଧୀନ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋପବନ୍ଧୁ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନ

ରାଉରକେଲା,୧୦।୧୦(ଦିନେଶ ମିଶ୍ର)

ଛେଣ୍ଡ କଲୋନିସ୍ଥିତ ଗୋପବନ୍ଧୁ ପାଠାଗାରରେ ଗୁରୁବାର ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦଇ ଗୋପବନ୍ଧୁ ଓଡ଼ିଆ ଜାତିର ସ୍ୱାଭିମାନ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ପାଠାଗାର ସାଧାରଣ ସମ୍ପାଦକ ହରିହର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ପାଠାଗାରର ମୁଖପତ୍ର 'ପ୍ରବାହ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସନ୍ଦୀପ କୁମାର ପଟ୍ଟନାୟକ, ବିଜୟ କୁମାର ମହାନ୍ତି, ପ୍ରଦୀପ କୁମାର ପ୍ରଧାନ, ଭୋଜରାଜ ସାହୁ, ମହେନ୍ଦ୍ର କୁମାର ସାହୁଙ୍କୁ ପାଠାଗାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ଲକ୍ଷ୍ମଣନାଥ ଦାସ ଓ ଗଦାଧର ରଥ ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗୁରୁ ମୃତ୍ୟୁଞ୍ଜୟ ବାସାଙ୍କ ନିର୍ଦ୍ଦେଶନାରେ ଦେବନୃତ୍ୟମ୍ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନଙ୍କ ଦ୍ୱାରା ଗଣେଶ ବନ୍ଦନା ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସୂର୍ଯ୍ୟନାରାୟଣ ପଣ୍ଡା, ବିଶ୍ୱନାଥ ଜେନା, ଜ୍ଞାନେନ୍ଦ୍ର କୁମାର ରାୟ, ଦେବରାଜ ଗଉଡ ପ୍ରମୁଖ ସହଯୋଗ କରିଥିଲେ। ସଦସ୍ୟ ମହେନ୍ଦ୍ର ପଟ୍ଟନାୟକ, ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଡାକ୍ତର ଗୋକୁଳାନନ୍ଦ ସାହୁ, ଗୁରୁ ଚରଣ ପଟ୍ଟନାୟକ, ଅଜିତ ମୋହନ ପୂଜାରୀ, ପ୍ରଭାତୀ ଗୋସ୍ୱାମୀ, ରାଧାମୋହନ ନାୟକ, ମଧୁସୂଦନ ବଳ, ଆଲୋକ କୁମାର ବୋଷଙ୍କ ସମେତ ବହୁ ସାହିତ୍ୟ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ।

# ରାଉରକେଲା ପୋଲିସ ସ୍ତରରେ ବଦଳି

ରାଉରକେଲା,୧୦।୧୦(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲାରେ ୧୧ ଜଣ ସବ୍ ଇନ୍ସପେକ୍ଟରଙ୍କୁ ବଦଳି କରାଯାଇଛି। ପୋଲିସ ଅଧୀକ୍ଷକ ନିତେଶ ୱାଧୱାନୀ ଶୁକ୍ରବାର ଏ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବଦଳି ହୋଇଥିବା ସମସ୍ତ ସବ ଇନ୍ସପେକ୍ଟରଙ୍କୁ ଅକ୍ଟୋବର ୧୧ ତାରିଖ ସକାଳ ସୁଦ୍ଧା ସେମାନଙ୍କର ନୂତନ ପୋଷ୍ଟିଂରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାପୂର୍ବରୁ ସେମାନଙ୍କୁ ଆନୁଷ୍ଠାନିକ ଭାବେ ସେମାନଙ୍କ ଥାନା ଅଞ୍ଚଳରେ ପଡ଼ି ରହିଥିବା ମାମଲା, ଅପ୍ରାକୃତିକ ମୃତ୍ୟୁ, ଷ୍ଟୋର ହାଉସ୍ ଇତ୍ୟାଦିର ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରିବାକୁ ପଡିବ। ପରେ ସେମାନଙ୍କୁ ରିଲିଭ କରାଯିବ। ନିର୍ଦ୍ଦେଶ ଅନୁଯାୟୀ, ସେକ୍ଟର-୩ ଥାନାର ସବ୍ ଇନ୍ସପେକ୍ଟର ଗୟାଧର ବାରିକଙ୍କୁ ସେକ୍ଟର-୧୫ ଥାନାକୁ ବଦଳି କରାଯାଇଛି। ସେକ୍ଟର-୧୫ର ସବ୍ ଇନ୍ସପେକ୍ଟର ସୁନୀଲ ରଞ୍ଜନ ଦାସଙ୍କୁ ସେକ୍ଟର-୩ ପୋଲିସ ଷ୍ଟେଶନକୁ ବଦଳି ହୋଇଛି। ଟାଙ୍ଗରପାଲିର ସବ୍ ଇନ୍ସପେକ୍ଟର ରିଷଭ ପଣ୍ଡାଙ୍କୁ କୋଇଡା ପୋଲିସ ଷ୍ଟେଶନକୁ ଏବଂ କୋଇଡା ପୋଲିସ ଷ୍ଟେଶନର ସବ୍ ଇନ୍ସପେକ୍ଟର ଦେବାଶିଷ ସେନାପତିଙ୍କୁ ବନ୍ଧମୁଣ୍ଡାକୁ ପଠାଯାଇଛି। ସେହିପରି ଛେଣ୍ଡ ପୋଲିସ ଷ୍ଟେଶନର ସବ୍‌ଇନ୍ସପେକ୍ଟର ଓମ୍‌ପ୍ରକାଶ ରାଉତରାୟଙ୍କୁ ଲହୁଣୀପଡ଼ା ଓ ଲହୁଣୀପଡ଼ାର ସବ୍‌ଇନ୍ସପେକ୍ଟର ପ୍ରିୟବ୍ରତ ବେହେରାଙ୍କୁ ବ୍ରାହ୍ମଣୀତରଙ୍ଗ, ବ୍ରାହ୍ମଣୀତରଙ୍ଗର ସବ୍‌ଇନ୍ସପେକ୍ଟର ଉଦୟ କୁମାର ସାହୁଙ୍କୁ ବଣାଇଁ, ଟେନସା ଆଉଟପୋଷ୍ଟର ସୁଦର୍ଶନ ଦେହୁରୀଙ୍କୁ ଟାଙ୍ଗରପାଲି ଏବଂ କେ. ବଲାଙ୍ଗର ସବ୍‌ଇନ୍ସପେକ୍ଟର ରଞ୍ଜିତ କୁଲୁଙ୍କୁ ଲହୁଣୀପଡ଼ା ପୋଲିସ ଷ୍ଟେଶନରେ ନିଯୁକ୍ତି ଦିଆଯାଇଛି। ବଣାଇଁ ସବ୍ ଇନ୍ସପେକ୍ଟର ମିତାଲି ମଧୁଛନ୍ଦା ସ୍ୱାଇଁଙ୍କୁ ମୁଖ୍ୟାଳୟ ସହିତ ସଂଲଗ୍ନ କରି ସିସିଟିଏନ୍ଏସ/ ଆଇଟି ସେଲ୍‌ରେ ନିଯୁକ୍ତି ଦିଆଯାଇଛି ଏବଂ ଡିଆଇବିଏସ୍ ନୀଳକଣ୍ଠ ବେହେରାଙ୍କୁ କେ. ବଲାଙ୍ଗ ପୋଲିସ ଷ୍ଟେଶନରେ ନିଯୁକ୍ତି ଦିଆଯାଇଛି। ସମସ୍ତ ଅଧିକାରୀଙ୍କ ଅବସର ଏବଂ ଯୋଗଦାନ ସମ୍ପର୍କରେ ସୂଚନା ଶୀଘ୍ର ପଠାଇବାକୁ ପୋଲିସ ମୁଖ୍ୟାଳୟ ନିର୍ଦ୍ଦେଶ ଦେଇଛି।

# ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି ସ୍ୱେରେଜ ସିଷ୍ଟମ


ଡେଲି ମାର୍କେଟ ରାସ୍ତାରେ ସ୍ୱେରେଜ ଢାଙ୍କୁଣି ଉପରକୁ ଉଠିଯାଇଛି।

ରାଉରକେଲା,୧୦।୧୦(ଦିନେଶ ମିଶ୍ର)

ରାଉରକେଲା ପାନପୋଷ ଗାନ୍ଧୀଛକରୁ ଷ୍ଟେଶନ ରୋଡ୍ ବିଶ୍ରା ଛକକୁ ସଂଯୋଗ କରୁଥିବା ମୁଖ୍ୟ ମାର୍ଗରେ ସ୍ୱେରେଜ ସିଷ୍ଟମ ରହିଛି। ଏହି ସ୍ୱେରେଜ ସିଷ୍ଟମର ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଲୁହା ଢାଙ୍କୁଣି ଗୁଡିକ କେଉଁଠି ଦବି ଯାଇଛି ତ ଆଉ କେଉଁଠି ଉପରକୁ ଉଠିକରି ରହିଛି। ଫଳରେ ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରୁଥିବା ଗାଡି ଚାଳକମାନେ ହଇରାଣ ହେଉଛନ୍ତି। ଏଭଳି ଦୃଶ୍ୟ ଡେଲିମାର୍କେଟ, ଉଦିତନଗର, ସିଭିଲଟାଉନଶିପ୍, ପାନପୋଷ, ଷ୍ଟେସନରୋଡ ଆଦି ରାସ୍ତାରେ ଦେଖିବାକୁ ମିଳିଛି। ଏହି ରାସ୍ତା ମଝିରେ ଥିବା ସ୍ୱେରେଜ ସିଷ୍ଟମର ଢାଙ୍କୁଣିଗୁଡିକ ଯୋଗୁ ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷେ ସହରରେ ସାମାନ୍ୟ ବର୍ଷା ହେଲେ ସ୍ୱେରେଜ ସିଷ୍ଟମ ଢାଙ୍କୁଣି ଦବିଯାଇଥିବା ସ୍ଥାନରେ ପାଣି ଜମିବାରୁ ବାଇକ୍ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ଡେଲିମାର୍କେଟ ଅଞ୍ଚଳର ହୋଟେଲ ଡିଙ୍ଗୋଡାନା ସମ୍ମୁଖରେ ଥିବା ସ୍ୱରେଜ ସିଷ୍ଟମ ଢାଙ୍କୁଣିର ଲୁହାପାଇପ୍ ଉପରକୁ ଉଠି କରି ରହିଛି। ଏହି ଢ଼ାଙ୍କୁଣି ଉପରେ ଯଦି ଗାଡିର ଚକ ପଡିଯାଏ ତେବେ ଏହା ସ୍ଲିପ୍ କରି ଦୁର୍ଘଟଣା ଘଟୁଛି। ସେହିଭଳି ଉଦିତନଗର କାନାରା ବ୍ୟାଙ୍କ ସମ୍ମୁଖ ସ୍ୱେରେଜ ସିଷ୍ଟମ ଢ଼ାଙ୍କୁଣି ରାସ୍ତା ଉପକୁ ଉଠି କରି ହମ୍ପଭଳି ରହିଥିବାରୁ ଏହି ରାସ୍ତାଦେଇ ଯାଉଥିବା ଗାଡି ଚକ ପଡିଯିବାରୁ ଅସୁବିଧା ହେଉଛି। ସେହିପରି ଏଥିଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଅନ୍ୟପକ୍ଷେ ଢାଙ୍କୁଣୀଗୁଡିକ ଭାଙ୍ଗି ନଷ୍ଟ ହୋଇଯିବାରୁ ବିଭିନ୍ନ ସମୟରେ ଆବର୍ଜନା ପାଣି ରାସ୍ତାରେ ବହୁଥିବା ଦେଖିବାକୁ ମିଳିଛି। ଏ ନେଇ ରାଉରକେଲା ସ୍ୱେରେଜ ସିଷ୍ଟମର କନିଷ୍ଠ ଯନ୍ତ୍ରୀ ତୁଷାର ମେହେରଙ୍କୁ ପଚାରିବାରୁ ସେ କହିଥିଲେ, ରାଉରକେଲା ମୁଖ୍ୟ ମାର୍ଗରେ ଥିବା ସ୍ୱେରେଜ ସିଷ୍ଟମ ଢାଙ୍କୁଣିକୁ ନେଇ ଅସୁବିଧା ହେଉଥିବା ଖବର ଆମ ପାଖରେ ନାହିଁ। ତଥାପି ଆମେ ୨ ଦିନ ଭିତରେ ଯାଞ୍ଚ କରି ଉଚିତ ପଦକ୍ଷେପ ନେବୁ ବୋଲି ସେ କହିଥିଲେ।

# ମଧୁବୈଶ୍ୟ ସମାଜର ଶୋକସଭା

ରାଉରକେଲା,୧୦।୧୦(ଦିନେଶ ମିଶ୍ର): ରାଉରକେଲା ମଧୁବୈଶ୍ୟ ସମାଜ ସଦସ୍ୟ ଅମରନାଥ ସାହୁଙ୍କ ଗତ ୮ ତାରିଖରେ ୫୧ ବର୍ଷ ବୟସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, ପୁଅ, ଭାଇ, ଭାଉଜ ଓ ପରିବାର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବେଦବ୍ୟାସ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଅନୀଲ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ମଧୁବୈଶ୍ୟ ସମାଜ ପକ୍ଷରୁ କାର୍ଯ୍ୟକାରୀ ସଭାପତି ଅନ୍ତର୍ଯାମୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସଭାରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ କାଶୀନାଥ ସାହୁ, ଚନ୍ଦ୍ରକାନ୍ତ ସାହୁ, ଅଶୋକ କୁମାର ସାହୁ, ତ୍ରିଲୋଚନ ପୃଷ୍ଟି, ନିମାଇଁ ଚରଣ ସାହୁ, ଗଙ୍ଗାଧର ସାହୁ, କୃଷ୍ଣଚନ୍ଦ୍ର ସାହୁ, ନରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ୱାର୍ଟରରେ ବିଜୟ୍ ବ୍ରଦର୍ସ ଟିମ୍

ରାଉରକେଲା,୧୦।୧୦(ଦିନେଶ ମିଶ୍ର)



ଅତିଥିମାନଙ୍କ ସହ ଉଭୟ ଦଳର ଖେଳାଳି।

ରାଉରକେଲା ଉଦିତନଗରସ୍ଥିତ ମିନି ଷ୍ଟାଡିୟମ ପରିସରରେ ଶୁକ୍ରବାର ଓରାମପଡା ଆଦିବାସୀ କ୍ଲବ ପକ୍ଷରୁ ନକ୍ ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥି, ସମାଜସେବୀ ଗଣେଶ ଜଶୱାଲ, ଆଶା ନାଇଡୁ, ପ୍ରବୋଧ ଦାସ, ଶିବୁ ଦୀପ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ବିଜୟ ବ୍ରଦର୍ସ ଓ ଟିମ୍ କ୍ରିଷ୍ଟାଲ ଫ୍ୟୁଜ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବିଜୟ ବ୍ରଦର୍ସ ୫-୧ ଗୋଲରେ ଟିମ୍ କ୍ରିଷ୍ଟାଲକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ଟୁର୍ନାମେଣ୍ଟ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ

## ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଚାଲିବ ବୋଲି ଓରାମପଡା ଆଦିବାସୀ କ୍ଲବ ସଭାପତି ଲୁଣ୍ଡାଇ ଓରାମ ସୂଚନା ଦେଇଛନ୍ତି। ଏଥିରେ ଚାମ୍ପିୟନ ଦଳକୁ ୧ଲକ୍ଷ ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୭୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ତୃତୀୟ ବିଜେତା ଦଳକୁ ୨୫ ହଜାର ଓ ଚତୁର୍ଥ ବିଜେତା ଦଳକୁ ୨୦ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଭାବେ ପ୍ରଦାନ କରାଯିବ। ଆଜିର ମ୍ୟାଚ୍‌କୁ ରେଫରି ରାକେଶ ତିର୍କୀ, ସନକା ଓରାମ, ମନୋଜ ପାଣ୍ଡେ, ସୁଶୀଲ କିଣ୍ଡୋ ପରିଚାଳନା କରିଥିଲେ। ସଚିନ ଓରାମ, ଅଜୟ ଓରାମ, ହିମାଂଶୁ ରାଠୋର, ଅନୁ ତିର୍କୀ, ଅରବିନ୍ଦ ଶର୍ମା, ଦୀପୁ ପ୍ରସାଦ, ବିକାଶ କଚ୍ଛୁଆ ପ୍ରମୁଖ ସହଯୋଗ କରିଥିଲେ। ସଦସ୍ୟ ପଦ୍ମନାଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳକ ପ୍ରେମବିବାହ ସମସ୍ୟାର କାରଣ ପାଲଟିଛି

ସମ୍ବଲପୁର,୧୦।୧୦(ଭବାନୀ ଶଙ୍କର ଭୋଇ)


ଶିଶୁଙ୍କ ପାଇଁ ନ୍ୟାୟ ଶୀର୍ଷକରେ ଆୟୋଜିତ କର୍ମଶାଳାରେ ମଞ୍ଚାସୀନ ଅତିଥି।

ସମ୍ବଲପୁର ଧନୁପାଲି ସ୍ଥିତ ଆଦର୍ଶ ପ୍ରେକ୍ଷାଳୟରେ ଶିଶୁଙ୍କ ପାଇଁ ନ୍ୟାୟ ଶୀର୍ଷକରେ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଗବେଷକ ଶଶାଙ୍କ ଶେଖର ପଣ୍ଡା, ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, ଶିଶୁ କର୍ମୀ ସୁନିତା ତ୍ରିପାଠୀ ଏବଂ ପ୍ରଫୁଲ୍ଲ ଦାଶ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲାରେ ଚାଲିଥିବା ଶିଶୁ ସୁରକ୍ଷା କାର୍ଯ୍ୟକ୍ରମର ପ୍ରଗତି ଏବଂ ଉପଲବ୍ଧୀ ବିଷୟରେ ଆଲୋଚନା କରାଯାଇଥିଲା । ଏହା ସହିତ ଶିଶୁମାନଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ନିୟମ ଏବଂ ଯୋଜନାଗୁଡିକ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଏଥିରେ କୁହାଯାଇଥିଲା, ୨୦୦୫ -୦୬ରେ ବାଲ୍ୟ ବିବାହ ହାର ୪୪.୭ ପ୍ରତିଶତ ରହିଥିବାବେଳେ ୨୦୧୫-୧୬ ବେଳକୁ ଏହା ୨୬.୮ ପ୍ରତିଶତ ରହିଥିଲା । ତେବେ ୨୦୧୯-୨୦ ବେଳକୁ ଏହା ୨୩ ପ୍ରତିଶତକୁ ଖସି ପାରିଛି । ଗୋଟିଏ ପଟେ ସମାଜରେ ବାଲ୍ୟବିବାହ ମାତ୍ରା କମିଥିବାବେଳେ ସଚେତନତା କାରଣରୁ ଅଭିଯୋଗ ପରିମାଣ ବୃଦ୍ଧି ପାଇଛି । ତେବେ ସଚେତନତା ଏବଂ କଠୋର ନିୟମ କାରଣରୁ ବାଲ୍ୟ ବିବାହ କମିଥିବା ସତ୍ତ୍ୱେ ପ୍ରେମ କାରଣରୁ କମ ବୟସରେ ଘରୁ ଚାଲିଯାଇ ବିବାହ କରିବା ଘଟଣା ବୃଦ୍ଧି ପାଇବାରେ ଲାଗିଛି। ମମତା ଯୋଜନାରେ ଅଯୋଗ୍ୟ ତାଲିକାରୁ ଏହି ତଥ୍ୟ ସାମନାକୁ ଆସିଛି। ତେବେ ଏହାଦ୍ୱାରା ଅଠରରୁ କମ ବର୍ଷ ବୟସର କନ୍ୟାମାନେ ଅଧିକ କ୍ଷତିଗ୍ରସ୍ତ ହେଉଥିବା ଅନୁଧ୍ୟାନରୁ ଜଣାପଡିଛି। ବିଭିନ୍ନ ପଞ୍ଚାୟତସ୍ତରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀମାନେ ଏନେଇ କାର୍ଯ୍ୟକ୍ରମରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ତେବେ ଏଭଳି ଯୁବତୀ ଯୁବକଙ୍କୁ ପରବର୍ତ୍ତୀ ସମୟରେ କାଉନସେଲିଂ କରାଯାଇ ଥଇଥାନ କରାଯିବା ଏକ ଜରୁରୀ କାର୍ଯ୍ୟ ବୋଲି ଶଶାଙ୍କ ଶେଖର ପଣ୍ଡା ମତ ଦେଇଥିଲେ। ତେବେ ବାଲ୍ୟ ବିବାହ ରୋକିବା ପାଇଁ ବିଭିନ୍ନ ଧର୍ମାନୁଷ୍ଠାନଗୁଡିକରେ ସୂଚନା ବୋର୍ଡ ଲଗାଇବା, ଧର୍ମଗୁରୁ ଏବଂ ପୂଜକମାନଙ୍କୁ ସଚେତନ କରିବା, ଲୋକଙ୍କୁ ଶପଥପାଠ କରାଇବା ଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା

**ବାଲ୍ୟବିବାହ ସଂଖ୍ୟା କମୁଥିବା ସୂଚନା**

ବିଷୟରେ ସଂଯୋଜକ ରଂଜନ ନାୟକ ସୂଚନା ଦେଇଥିଲେ। ସମ୍ବଲପୁରରେ ବର୍ତ୍ତମାନ ୫୦ଟି ଗ୍ରାମରେ କୈଳାଶ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେସନ ସହାୟତାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା ସେ ସୂଚନା ଦେଇଥିଲେ। ଅନ୍ୟ ପକ୍ଷରେ ଶିଶୁ ବିଶେଷଜ୍ଞ ସୁନିତା ତ୍ରିପାଠୀ ସରକାରୀ ସ୍ତରରେ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସରକାର ବର୍ତ୍ତମାନ ବାଲ୍ୟ ବିବାହ ରୋକିବା ପାଇଁ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଆଦିବାସୀ ଛାତ୍ରାବାସର ୱାର୍ଡେନମାନଙ୍କୁ ବାଲ୍ୟ ବିବାହ ନିରୋଧ ଅଧିକାରୀ ଭାବେ ମାନ୍ୟତା ଦେଇଥିବା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜ୍ୟୋତି ଶତପଥୀ, ଉମା ଶଙ୍କର ଜେନା, ଲୀନାରାଣୀ ତ୍ରିପାଠୀ, ସବ୍ୟସାଚୀ କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଏବଂ ଝାରସୁଗୁଡା ଜିଲାରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ।

# ବାଦୀ ପାଲା ଉତ୍ସବ ଉଦ୍‌ଘାଟିତ


ଭାରତୀ କଳାବିକାଶ କେନ୍ଦ୍ର ଆୟୋଜିତ ବାଦୀ ପାଲା ଉତ୍ସବକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର,୧୦।୧୦(ବି.ଶଙ୍କର)

ଭାରତୀ କଳାବିକାଶ କେନ୍ଦ୍ର ଆନୁକୂଲ୍ୟରେ ତ୍ରିଦିବସୀୟ ବାଦୀ ପାଲା ଉତ୍ସବ ଶୁକ୍ରବାର ରାତି ୭ଟାରେ ବୁର୍ଲା ଭାରତୀ କ୍ଲବ୍ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଭାରତୀ କଳା ବିକାଶ କେନ୍ଦ୍ରର ସଭାପତି ଇଂ. ଶୁଭ୍ରାଂଶୁ ଦ୍ୱିବେଦୀଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା । ହୀରାକୁଦ ନଦୀ ବନ୍ଧ ଯୋଜନାର ମୁଖ୍ୟଯନ୍ତ୍ରୀ ଇଂ. ସୁଶୀଳ କୁମାର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବାଦୀପାଲା ସମାବେଶକୁ ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ । ଇଂ. ସୁଧୀର କୁମାର ସାହୁ, ସ୍ୱୀକାର ସମ୍ପାଦକ ହେମନ୍ତ ମହାପାତ୍ର, ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଡ. ଶାକ୍ୟମୁନୀ ମେହେର, ରାମକୃଷ୍ଣ ରଥ, ଡ. ଦୀପେନ ପଟ୍ଟନାୟକ, ଲକ୍ଷ୍ମୀଧର ମହାନ୍ତି ଓ ରଶ୍ମିରଞ୍ଜନ ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଦୀ ପାଲା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜକ ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ପଟ୍ଟନାୟକ ବାଦିପାଲା ସମାବେଶର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ପ୍ରମୋଦ କୁମାର ଦାଶ ସଂଯୋଜନା କରିଥିଲେ। ସଭା ପୂର୍ବରୁ ସତ୍ୟନାରାୟଣ ପୂଜା ଅନୁଷ୍ଠିତ ହୋଇଥିଲା । ପ୍ରଥମ ରଜନୀରେ ପଣ୍ଡିତ ରାଧେଶ୍ୟାମ ପଣ୍ଡା, ପଶ୍ଚିମ କେଶରୀ ଅର୍ଜୁନ ଛତ୍ରିଆ ଓ ଦଳ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରଣୟ ବଲ୍ଲରୀ ଉପରେ ଆଧାରିତ ବାଦୀ ପାଲା ପରିବେଷଣ କରିଥିଲେ। ସୂଚନାଯୋଗ୍ୟ, ଦ୍ୱିତୀୟ ଦିବସରେ ମାଗୁଣୀ ମେହେର ଓ ଦେବରାଜ ପଣ୍ଡା, ତୃତୀୟ ଦିବସରେ କମଳାକାନ୍ତ ନାୟକ ଓ ବାଞ୍ଛାନିଧି ପ୍ରଧାନ ବାଦୀପାଲା ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି ।

**ସ୍ୱଭାବ କବିଙ୍କ ପ୍ରଣୟ ବଲ୍ଲରୀ ବିଷୟରେ ପାଲା ପରିବେଷିତ**

# ଭିସୁଟ୍‌ରେ ଷ୍ଟାର୍ଟଅପର ବୁଟ୍ କ୍ୟାମ୍ପ

ସମ୍ବଲପୁର,୧୦।୧୦(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍) ଠାରେ ଶୁକ୍ରବାର ଇ-ସେଲ୍ ଏବଂ ରାଉରକେଲା ଏଫ୍‌ଟିବିଆଇ-ଏନ୍‌ଆଇଟିର ମିଳିତ ଆନୁକୂଲ୍ୟରେ ଦିନିକିଆ ଷ୍ଟାର୍ଟଅପ୍ ବୁଟ୍ କ୍ୟାମ୍ପ-୨୦୨୫ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଭିସୁଟ୍ କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସାହସିକ ପଦକ୍ଷେପ ସ୍ୱରୂପ ନିଜ ଜ୍ଞାନକୁ ପ୍ରଭାବଶାଳୀ ଉଦ୍ୟମରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉଦୀୟମାନ ଉଦ୍ଭାବକ, ଷ୍ଟାର୍ଟଅପ୍ ଉତ୍ସାହୀ ଓ ଶିଳ୍ପ ପରାମର୍ଶଦାତାମାନେ ଏକାଠି ହୋଇଥିଲେ। ସେହିପରି ଏଥିରେ ବିଶିଷ୍ଟ ଅତିଥିଭାବେ ଏଫ୍‌ଟିବିଆଇର ସଭାପତି ପ୍ରଫେସର ସୁବ୍ରତ କୁମାର ପଣ୍ଡା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଚିରଞ୍ଜିବି ସାମଲ ଯୋଗ ଦେଇ କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିବା ସହ ଷ୍ଟାର୍ଟଅପ୍ ବିକାଶ ଦିଗରେ ଅଂଶଗ୍ରହଣକାରୀଙ୍କୁ ପ୍ରେରିତ କରିଥିଲେ। ଉଭୟ ଅତିଥି ଷ୍ଟାର୍ଟଅପ୍ ଇନକ୍ୟୁବେସନ, ଅର୍ଥ ଉପାର୍ଜନର ସୁଯୋଗର ଗୁରୁତ୍ୱ ଉପରେ ସୁଚିନ୍ତିତ ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ. ତୃପ୍ତି ରଞ୍ଜନ ମହାପାତ୍ର, ବୈଷୟିକ ସୋସାଇଟି ଉପସଭାପତି ଡ. ଆଦିତ୍ୟ କୁମାର ହୋତା ଓ ଅନିଲ କୁମାର ମୁର୍ମୁ ପ୍ରମୁଖ ଭିସୁଟ୍ ଅଧ୍ୟାପକ ଉପସ୍ଥିତ ଥିଲେ। ଆଇଡିଆ ପିଚିଂ ଅଧିବେଶନରେ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ୧୨ଟି ଦଳ ଏଫ୍‌ଟିବିଆଇର ବିଶେଷଜ୍ଞ ପ୍ୟାନେଲ୍ ସମ୍ମୁଖରେ ସେମାନଙ୍କର ସୃଜନଶୀଳ ଓ ଅଭିନବ ପ୍ରୋଜେକ୍ଟ ଉପସ୍ଥାପନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାବ୍ୟସ୍ତ ହୋଇଥିଲା। ଜୁରିଙ୍କ ଦ୍ୱାରା ମୂଲ୍ୟାଙ୍କନ ପରେ ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ତିନୋଟି ଦଳକୁ ପୁରସ୍କୃତ କରାଯାଇଥିଲା।

# ବରିଷ୍ଠ ନାଗରିକ ଦିବସ



ବରିଷ୍ଠ ନାଗରିକ ଦିବସରେ ଅତିଥିଙ୍କ ଗହଣରେ ଶ୍ରବଣଯନ୍ତ୍ର ପ୍ରାପ୍ତ ବରିଷ୍ଠ ନାଗରିକ।

ସମ୍ବଲପୁର,୧୦।୧୦(ପ୍ରମୋଦ ବହିଦାର)

**■୩ଶହ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା**

**■୩ବରିଷ୍ଠ ନାଗରିକଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ**

ସମ୍ବଲପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୌର୍ଯ୍ୟଚନ୍ଦ୍ର ପାଣିଙ୍କ ସଭାପତିତ୍ୱରେ ବାଲିବନ୍ଧାସ୍ଥିତ ଜିଲା ଭିନ୍ନକ୍ଷମ ପୁନର୍ବାସ ଓ ଥଇଥାନ କେନ୍ଦ୍ରରେ ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ସାଧାରଣ) ଅଶୋକ କୁମାର ଭୋଇ ଯୋଗଦେଇ ବରିଷ୍ଠ ନାଗରିକ ତଥା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସ୍ୱାବଲମ୍ବୀ ତଥା ସଶକ୍ତିକରଣ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୀପେନ କୁମାର ପଟ୍ଟନାୟକ, ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ସମ୍ବଲପୁରୀ ସଙ୍ଗୀତ ସାଧକ ବିଭୁତି ଭୂଷଣ ପଟ୍ଟନାୟକ, ଧୀରେନ୍ଦ୍ର ମହାନ୍ତି ଓ ଗାୟକ ଦିଲୀପ ବାଗ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ବରିଷ୍ଠ ନାଗରିକ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମାନସିକ, ସାମାଜିକ ଓ ଅର୍ଥନୈତିକ ସମସ୍ୟା ସମ୍ପର୍କରେ ଆଲୋଚନା କରି ଏହାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଧନକଉଡ଼ା, ମାନେଶ୍ୱର, ଯୁଯୋମୁରା, ରେଢ଼ାଖୋଲ, ନାକଟିଦେଉଳ, କୁଚିଣ୍ଡା, ବାମରା, ଜମନକିରା ଓ ରେଙ୍ଗାଲି ଆଦି ସମସ୍ତ ୯ଟି ବ୍ଲକର ୪ଶହରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ମା'ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟର ବିଶେଷଜ୍ଞ ଚିକିତ୍ସକ ପ୍ରାୟ ୩ଶହ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେହିପରି ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ଭୋଇ ବରିଷ୍ଠ ନାଗରିକ ପୂର୍ଣ୍ଣାନନ୍ଦ ଦାସ, ସୁଶୀଳା କୁମ୍ଭାର ଓ ନନ୍ଦିଘୋଷ ବେହେରାଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ପାରମ୍ପରିକ ବାଦ୍ୟ ଓ ଲୋକ ସଙ୍ଗୀତର ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ରେଢ଼ାଖୋଲ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୌରେନ୍ଦ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ଓ ଭାଗ୍ୟଶ୍ରୀ ଭୋଇ ପ୍ରମୁଖଙ୍କ ସହିତ ଜିଲାର ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ(ବିଏସ୍ଏସ୍ଓ) ଓ ବିଭାଗୀୟ କର୍ମଚାରୀମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ୧୨ରୁ ଆରମ୍ଭ ହେବ ପୋଲିଓ ଟିକାକରଣ ଅଭିଯାନ

ସମ୍ବଲପୁର,୧୦।୧୦(ପ୍ରମୋଦ ବହିଦାର)

**ଜିଲାସ୍ତରୀୟ ଆଇପିପିଆଇ ଟାସ୍କଫୋର୍ସ କମିଟି ବୈଠକ**

**■ପୋଲିଓ ବୁନ୍ଦା ସେବନ କରିବେ ଜିଲାର ୭୯୯୯୦ ଶିଶୁ**

**■ନିୟୋଜିତ ହେବେ ୧୮୮ ଅଙ୍ଗନୱାଡ଼ି କର୍ମୀ**

ସମ୍ବଲପୁର ଜିଲାରେ ପୋଲିଓ ପ୍ରତିଷେଧକ ଟିକାକରଣ ଅଭିଯାନର ସଫଳ ରୂପାୟନ ପାଇଁ ଜିଲାସ୍ତରୀୟ ସଘନ ପଲ୍‌ସ ପୋଲିଓ ଟିକାକରଣ(ଆଇପିପିଆଇ) ଟାସ୍କଫୋର୍ସ କମିଟି ବୈଠକରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସି ମାଧ୍ୟମରେ ଅନୁଷ୍ଠିତ ଟାସ୍କଫୋର୍ସ କମିଟି ବୈଠକରେ ସର୍ବପ୍ରଥମେ ପଲ୍‌ସ ପୋଲିଓ ଟୀକାକରଣ ପ୍ରକ୍ରିୟାରେ ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ଆରମ୍ଭ କରି ଅଭିଭାବକମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ବିଶେଷ କରି ଏହି ଅଭିଯାନର ସଫଳ ରୂପାୟନ ପାଇଁ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହି ଅବସରରେ ଚଳିତ ବର୍ଷ ଜିଲାରେ ୫ ବର୍ଷରୁ କମ୍ ଶିଶୁମାନଙ୍କୁ ପଲ୍‌ସ ପୋଲିଓ ଟିକାକରଣ ଅଭିଯାନର ରୂପରେଖ ସ୍ଥିର ହୋଇଥିଲା। ଏହାସହିତ ଅଭିଯାନର ସଫଳ ରୂପାୟନ ନିଜ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତବର୍ଷ ଅକ୍ଟୋବର ୧୨ରୁ ଟିକାକରଣ ଅଭିଯାନ ଆରମ୍ଭ ହେବ। ଉକ୍ତ ଦିନ ଜିଲାରେ ଥିବା ବିଭିନ୍ନ ମୁଖ୍ୟ ଚିକିତ୍ସାଳୟ, ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ରେଳ ଷ୍ଟେଶନ, ବସଷ୍ଟାଣ୍ଡ, ଦୈନିକ ଓ ସାପ୍ତାହିକ ହାଟ ଆଦି ସ୍ଥାନରେ ଥିବା ମୋଟ୍ ୮୮୨ଟି ବୁଥ୍ ଓ ୪୧ଟି ଭ୍ରାମ୍ୟମାଣ ଟିକାକରଣ କେନ୍ଦ୍ରରେ ୫ ବର୍ଷରୁ କମ୍ ବୟସ୍କ ଶିଶୁମାନଙ୍କୁ ପଲ୍ସ ପୋଲିଓ ଟିକାକରଣ କରାଯିବ। ସେହିପରି ଅକ୍ଟୋବର ୧୩ ଓ ୧୪ ଦୁଇଦିନ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ଶିଶୁମାନଙ୍କ ଟୀକାକରଣକୁ ନିଶ୍ଚିତ କରିବେ। ଏଥିରେ ସ୍ୱାସ୍ଥ୍ୟକର୍ମୀଙ୍କ ସହିତ ସମଗ୍ର ଜିଲାରେ ୧୮୮ ଅଙ୍ଗନୱାଡ଼ି କର୍ମୀ ଓ କର୍ମକର୍ତ୍ତା ମୋଟ୍ ୨୧ଟି ଦଳରେ ନିୟୋଜିତ ହେବେ। ସେମାନଙ୍କୁ ତଦାରଖ କରିବା ପାଇଁ ୯୧ ଜଣ ସୁପର୍‌ଭାଇଜର୍ ନିୟୋଜିତ ହେବେ। ଏହାବ୍ୟତୀତ ଜିଲାର ୯ଟି ବ୍ଲକ୍‌ରେ ମୋଟ୍ ୭୯ ହଜାର ୯୯୦ ଜଣ ଶିଶୁଙ୍କୁ ପଲ୍‌ସ ପୋଲିଓ ବୁନ୍ଦା ସେବନ କରାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାରୁ ପ୍ରକାଶ।

# ଜାତୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଭେଟିଲେ ଜିଲାପାଳ

ସମ୍ବଲପୁର,୧୦।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର କିକ୍ ବକ୍ସିଂ ଆସୋସିଏଶନ ପକ୍ଷରୁ ଜାତୀୟ ପ୍ରତିଯୋଗିତାରେ ସଫଳ ହୋଇଥିବା ପ୍ରତିଯୋଗୀମାନେ ଶୁକ୍ରବାର ଜିଲାପାଳଙ୍କୁ ଭେଟିଛନ୍ତି। ହିମାଚଳ ପ୍ରଦେଶର ସାଲୋନରେ ହୋଇଥିବା ଜୁନିୟର ପ୍ରତିଯୋଗିତାରେ ୨ଟି କାଂସ୍ୟ ପଦକ ଜିତିଥିବା ଶିବାଂଶୀ ତ୍ରିପାଠୀ ଏବଂ ତାମିଲନାଡୁର ଚେନ୍ନାଇରେ ଜୁନିୟର ପ୍ରତିଯୋଗିତାରେ ୨ଟି ରୋପ୍ୟ ପଦକ ଜିତିଥିବା ସର୍ମିଲ ସାହୁଙ୍କ ସହ ଜାତୀୟ ପ୍ରତିଯୋଗିତାରେ ରେଫରୀ ଦାୟିତ୍ୱ ତୁଲାଇଥିବା କୋଚ ସୁବ୍ରତ ପ୍ରଧାନ ଜିଲାପାଳଙ୍କୁ ଭେଟି ସମ୍ବଲପୁରରେ କିକ୍ ବକ୍ସିଂର ପ୍ରଚାର ପ୍ରସାର ନିମନ୍ତେ ଆଲୋଚନା କରିଥିଲେ। ରାଜ୍ୟ ଆମେଚର କିକ ବକ୍ସିଂ ଆସୋସିଏଶନ ଅଫ ଓଡ଼ିଶାର ସଭାପତି କାର୍ତ୍ତିକ ଡାକୁଆ ଏବଂ ଜିଲା କିକ୍ ବକ୍ସିଂ ଆସୋସିଏଶନର ସଭାପତି ଉତ୍ପଳ ଦାସ ମଧ୍ୟ କୃତି ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତେବେ ସମ୍ବଲପୁର ଜିଲାରେ କିକ୍ ବକ୍ସିଂର ପ୍ରଚାର ପ୍ରସାର ପାଇଁ ଭିତ୍ତିଭୂମିର ବିକାଶ ଜରୁରୀ ବୋଲି ଜିଲାପାଳଙ୍କୁ ଅବଗତ କରାଯାଇଥିଲା।

# ଉତ୍ତମ ସେବା, ଯତ୍ନରେ ମାନସିକ ଶିଶୁଙ୍କ ଢାଞ୍ଚା ବଦଳିଥାଏ

କୁଚିଣ୍ଡା,୧୦।୧୦(ବିରଞ୍ଚି ଦର୍ଶୀ)

**କୁଚିଣ୍ଡାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ**

ସମ୍ବଲପୁର ଜିଲା କୁଚିଣ୍ଡା ଅରୁଣୋଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ଶୁକ୍ରବାର ତାଲୁକ ସ୍ତରୀୟ ଆଇନ ସେବା କମିଟି ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରା ଜଜ୍ ପ୍ରଭାକର ଗାଣ୍ଡିଆ ମୁଖ୍ୟଅତିଥି, ଡା.ଶରତ ଚନ୍ଦ୍ର ଗୌନ୍ତିଆ ମୁଖ୍ୟବକ୍ତା, ଦେୱାନି ଜଜ୍ ପଲ୍ଲବୀରାଣୀ ସାହୁ, ଏସ୍‌ଡିଜେଏମ୍ ଅବିନାଶ ଚିନାରା, ତାଲୁକସ୍ତରୀୟ ଆଇନ ସେବା କମିଟି ସଦସ୍ୟ କରୁଣାକର କିଷାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଅତିଥିମାନେ ବକ୍ତବ୍ୟରେ ମାନସିକ ଶିଶୁଙ୍କ ପ୍ରତି ରହିଥିବା ଆଇନଗତ ବ୍ୟବସ୍ଥା ଓ ସୁବିଧା ସମ୍ବନ୍ଧରେ କହି ଉତ୍ତମ ସେବା ଓ ଯତ୍ନ ଦ୍ୱାରା ମାନସିକ ଶିଶୁଙ୍କ ଢାଞ୍ଚା ବଦଳିଥାଏ ବୋଲି କହିଥିଲେ। ରୋପ ଅନୁଷ୍ଠାନ ନିର୍ଦ୍ଦେଶକ ପ୍ରଦୀପ କୁମାର ମହାକୁର ସଭା ପରିଚାଳନା କରିଥିଲେ। ଏହି ଅବସରରେ ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଟ୍ରଫିରେ ଭାଗନେଇ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜେତା ସୌମ୍ୟକାନ୍ତ ମହକୁଳଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଗୌନ୍ତିଆ ବିଦ୍ୟାଳୟକୁ ଏକ ନିମୁଲାଇଜର ଓ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟ ପରିସରରେ କଦଳୀ ଚାରା ରୋପଣ କରାଯାଇଥିଲା। ଏଥିରେ ପ୍ରକାଶ ଗୁପ୍ତା, ଆରତୀ ନାୟକ, ପର୍ଶୁରାମ ମିଶ୍ର, ସୁରଥ ଚନ୍ଦ୍ର ନାୟକ, ମଳୟ ବେହେରା, ମନୋଜ ସାହୁ, ବିଜୟ ଶଙ୍କର ସାହୁ, ସୁଶାନ୍ତ ମହକୁଳ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅରୁଣୋଦୟ ସମ୍ପାଦକ ଶାନ୍ତନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ଶୁଳକୁନୀ ପଡ଼ିଆକୁ ମିନି ଷ୍ଟାଡିୟମ କରିବାକୁ ଦାବି

ସମ୍ବଲପୁର,୧୦।୧୦(ଭବାନୀ ଶଙ୍କର ଭୋଇ)


ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଗାନ୍ଧୀ ଯୁବକ ଫୁଟବଲ କ୍ଲବର ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

**■ପଡ଼ିଆରେ ୭୫ ବର୍ଷ ହେବ ଆୟୋଜିତ ହେଉଛି ବିଭିନ୍ନ ପ୍ରତିଯୋଗିତା**

**■ସହରରେ ଖେଳ ଭିତ୍ତିଭୂମିର ବିକାଶ କରାଯିବ-ଜିଲାପାଳ**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୬ ନମ୍ବର ୱାର୍ଡର ଭତରା ମଠପାଲି ସ୍ଥିତ ଶୁଳକୁନୀ ଖେଳପଡିଆକୁ ବିକଶିତ କରି ମିନି ଷ୍ଟାଡିୟମ କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ଶୁକ୍ରବାର ଏକ ଦାବିପତ୍ର ଜିଲାପାଳଙ୍କୁ ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ୧୯୫୦ ମସିହାରୁ ପ୍ରତିବର୍ଷ ଏହି ପଡ଼ିଆରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଆସୁଛି। ତେବେ ଏହି ଖେଳପଡ଼ିଆ ସମତୁଲ ନ ଥିବାରୁ ଖେଳାଳୀମାନଙ୍କ ପାଇଁ ଅସୁବିଧା ସୃଷ୍ଟି ହେଉଛି। ଏପରିକି ଖେଳ ପ୍ରତିଯୋଗିତା ଦେଖିବାକୁ ଆସୁଥିବା ଦର୍ଶକମାନଙ୍କ ପାଇଁ ମଧ୍ୟ କୌଣସି ସୁବିଧା ନାହିଁ। ଭତରା ଗ୍ରାମବାସୀ ଏଥିପାଇଁ ଏହି ଖେଳ ପଡିଆକୁ ବିକଶିତ କରିବାକୁ ପୂର୍ବରୁ ମଧ୍ୟ ଦାବି କରିଆସିଛନ୍ତି। ବର୍ତ୍ତମାନ ସମ୍ବଲପୁରର ମହାନଗର ଜନସଂଖ୍ୟା ୫ଲକ୍ଷକୁ ପହଞ୍ଚିଥିବାବେଳେ ମହାନଗର ଅଞ୍ଚଳରେ ଭଲ ଷ୍ଟାଡିୟମର ଘୋର ଅଭାବ ରହିଛି। ସହର ମଧ୍ୟରେ ଅଇଁଠାପାଲି ପିଏଚଡି ପଡ଼ିଆ, ଜେଲଛକ ଫୋରସି ଗ୍ରାଉଣ୍ଡ ଏବଂ ମନ୍ଦଲିଆ ପଡିଆକୁ ଛାଡିଦେଲେ ଆଉ ଭଲ ଖେଳ ପଡିଆ ନାହିଁ। ସହରର ଖେଳ ଆଦି କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡିକ ସମାନ ସ୍ଥାନରେ ଆୟୋଜନ କରାଯାଉଛି । ତେଣୁ ଏହି ଖେଳପଡିଆକୁ ବିକଶିତ କରାଯାଇ ମିନି ଷ୍ଟାଡିୟମରେ ପରିଣତ କରାଗଲେ ଏହା ସ୍ଥାନୀୟ ଲୋକଙ୍କ ପାଇଁ ଯେତିକି ଲାଭଦାୟକ ହୋଇପାରିବ ତା'ଠାରୁ ବେଶୀ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ କ୍ରୀଡାର ବିକାଶ ଦିଗରେ ଅଧିକ ସହାୟକ ହେବ ବୋଲି ଲୋକେ କହିଛନ୍ତି। ଭତରା ଶୁଳକୁନି ଖେଳପଡିଆକୁ ମିନି ଷ୍ଟାଡିୟମରେ ପରିଣତ କରିବାକୁ ସ୍ଥାନୀୟ ଯୁବକମାନେ ଦାବି କରିବା ସହ ଏଥିପାଇଁ ଅଣ୍ଟାଭିଡିଛନ୍ତି । ଏହି କ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ମଧ୍ୟ କ୍ଲବର ସଦସ୍ୟମାନେ ଭେଟି ଏହି ଦାବି ଉପସ୍ଥାପନ କରିଛନ୍ତି। ଜିଲାପାଳ ସମ୍ବଲପୁର ସହରରେ ଖେଳ ଭିତ୍ତିଭୂମିର ବିକାଶ ନେଇ ପଦକ୍ଷେପ ନିଆଯାଉଥିବା କହିଛନ୍ତି। ଏଥିପାଇଁ ସହର ମଧ୍ୟରେ ଥିବା ଖେଳପଡିଆଗୁଡିକୁ ବିକଶିତ କରାଯିବ ବୋଲି କହିଛନ୍ତି। ଗାନ୍ଧୀ ଯୁବକ ଫୁଟବଲ କ୍ଲବର ସାଧାରଣ ସମ୍ପାଦକ ଧନଞ୍ଜୟ କୁମ୍ଭାରଙ୍କ ନେତୃତ୍ୱରେ କ୍ଲବର ସଦସ୍ୟ ଏବଂ ଗ୍ରାମବାସୀ ମିଶି ଦାବିପତ୍ର ପ୍ରଦାନ କରିଥିଲେ। କ୍ଲବର ଭୀମ ଭୋଇ, ଉତ୍କଳ ଦାସ, ଦିପକ ଭୋଇ, କାଶିନାଥ ଶତପଥି, ବିଜୟ ନାୟକଙ୍କ ସମେତ ବହୁ ସଦସ୍ୟ ରହିଥିଲେ।

**ଚାର୍ଜିଂ ବେଳେ ଜଳିଗଲା ସ୍କୁଟର**

ରାଉରକେଲା,(ସଙ୍ଗୀତା ଜେନା): ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୫ ଗୋଲଘର ଅଞ୍ଚଳରେ ଶୁକ୍ରବାର ସକାଳ ୧୦ଟାରେ ଜଣେ ବ୍ୟକ୍ତିଙ୍କ ବ୍ୟାଟେରି ଚାଳିତ ସ୍କୁଟର୍ ଚାର୍ଜିଂ ବେଳେ ନିଆଁ ଲାଗି ଯାଇଥିବା ସୂଚନା ମିଳିଛି। ସ୍କୁଟରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ।

# ନିର୍ବାଚନ ସୁବ୍ୟବସ୍ଥିତ କରିବାକୁ ଜିଲାପାଳଙ୍କ ଗୁରୁତ୍ୱ

## ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

■ମହିଳା ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ ୬ ପିଙ୍କ୍ ବୁଥ୍

ନୂଆପଡ଼ା,୧୦।୧୦ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ଜିଲାରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏହି ସମୟରେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ଅବଗତ କରିବା ପାଇଁ ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନ ସୁବ୍ୟବସ୍ଥିତ କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ ସିଂ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଏସ୍‌ପି ରଣଜିତ ନାୟକ, ଉପଜିଲାପାଳ ସୁର୍ମି ସୋରେନ, ସମସ୍ତ ବିଡ଼ିଓ ଓ ତହସିଲଦାର, ଡେପୁଟି କଲେକ୍ଟର (ନିର୍ବାଚନ) ଶେଖ ନସିମ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଦାଶ ସୂଚନା ଦେଇ କହିଥିଲେ,



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଆରକ୍ଷୀ ବାହିନୀ ସମ୍ମିଳିତ ଭାବରେ ନିର୍ବାଚନ ପ୍ରକ୍ରିୟାରେ ନିଜର ଦାୟିତ୍ୱ ନିର୍ବାହ କରିବା। ସମସ୍ତ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶରେ କାମ କରିବେ। ସମସ୍ତ ଗାଡ଼ିମୋଟରରେ ଏପରି କି ଜିଲାପାଳ, ଏସ୍‌ପି, ପର୍ଯ୍ୟବେକ୍ଷକ ଓ ଖବରଦାତାଙ୍କ ଯାନ ମଧ୍ୟ ସେମାନେ ତଲାସୀ କରିବେ। ମତଦାନ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଓ ସମ୍ବେଦନଶୀଳ ବୁଥ୍‌ରେ ଅପରାହ୍ନ ୪ଟା ଯାଏ ହେବ। ଭୋଟରମାନଙ୍କୁ ସ୍ଲିପ କେବଳ ବିଏଲ୍‌ଓମାନେ ହିଁ ଦେବେ। ସମସ୍ତ ବୁଥ୍‌ରେ ୱେବ କାଷ୍ଟିଂ ହେବ। ଏଥର ନୂଆପଡାରେ ୩ ଓ ଖରିଆର ରୋଡ୍‌ରେ ୩ ଏଭଳି ମୋଟ ୬ଟି ପିଙ୍କ୍‌ବୁଥ୍ ହେବ, ଯାହା କେବଳ ମହିଳା ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ। ଏହି ଉପନିର୍ବାଚନ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ। ଏହା ଉପରେ ସମଗ୍ର ରାଜ୍ୟ ତଥା ଦେଶର ନଜର ରହିବ। ଆମେ ଏହାକୁ ବ୍ୟବସ୍ଥିତ ଭାବରେ ତୁଲାଇଲେ ଆଗାମୀ ଦିନ ପାଇଁ ଉଦାହରଣ ହୋଇ ରହିବ। ଏସ୍‌ପି ସିଂ କହିଥିଲେ, ଜିଲାରେ ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ଭାବରେ ନିର୍ବାଚନ ହେବା ପାଇଁ ପୋଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ। ଜିଲାର ୩୫୮ ବୁଥ୍‌ରୁ ସମ୍ବେଦନଶୀଳ ବୁଥ୍ ଉପରେ ତୀକ୍ଷ୍ଣ ନଜର ରହିବ। ଆଦର୍ଶ ଆଚରଣ ବିଧି ସମଗ୍ର ଜିଲାରେ କଡାକଡି ଭାବରେ ଲାଗୁହେବ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହିତ ଶତପ୍ରତିଶତ ମତଦାନ ସୁନିଶ୍ଚିତ କରିବା ପାଇଁ ସେ ସମସ୍ତ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ।

# ପୁଣି ବନ୍ଦ ହେଲା ହୀରାକୁଦ ଜଳଭଣ୍ଡାରର ୩ ସ୍ଲୁଇସ୍ ଗେଟ୍

■ପୂର୍ଣ୍ଣଗର୍ଭା ହେବାକୁ ବସିଛି ହୀରାକୁଦ ଜଳଭଣ୍ଡାର

■୨ଟି ସ୍ଲୁଇସ୍ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ ଜାରି



ସମ୍ବଲପୁର,୧୦।୧୦(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ୩ଟି ସ୍ଲୁଇସ୍ ଗେଟ୍‌କୁ ପୁଣି ଶୁକ୍ରବାର ବନ୍ଦ କରାଯାଇଛି। ଫଳରେ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣଗର୍ଭା ହେବା ଦିଗରେ ଅଗ୍ରସର ହୋଇ ଏହାର ଜଳପତ୍ତନ ସର୍ବୋଚ୍ଚ ଜଳଧାରଣ କ୍ଷମତାର ନିକଟତର ହୋଇଛି। ଶୁକ୍ରବାର ବାମପାର୍ଶ୍ୱସ୍ଥ ୨ଟି ଓ ଦକ୍ଷିଣ ପାର୍ଶ୍ୱସ୍ଥ ଗୋଟିଏକୁ ମିଶାଇ ମୋଟ୍ ୩ଟି ସ୍ଲୁଇସ୍ ଗେଟ୍‌କୁ ବନ୍ଦ କରିଦିଆଯାଇଛି। ଫଳରେ ବର୍ତ୍ତମାନ ଜଳଭଣ୍ଡାର ଉଭୟପାର୍ଶ୍ୱସ୍ଥ ଗୋଟିଏ ଲେଖାଏଁ ମିଶି ୨ଟି ସ୍ଲୁଇସ୍ ଗେଟ୍‌ରେ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ଶୁକ୍ରବାର ରାତି ୯ଟା ୩୦ରେ ଜଳଭଣ୍ଡାର ନିୟନ୍ତ୍ରଣ କକ୍ଷରୁ ମିଳିଥିବା ସର୍ବଶେଷ ସୂଚନା ଅନୁସାରେ ଜଳଭଣ୍ଡାରର ଜଳପତ୍ତନ ୬୨୯.୯୩ ଫୁଟ୍‌କୁ ବୃଦ୍ଧି ପାଇଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୯୪ ହଜାର ୧୦୧ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଜଳଭଣ୍ଡାରରୁ ସେକେଣ୍ଡ ପ୍ରତି ହାରାହାରି ମୋଟ୍ ୬୮ ହଜାର ୬୯୧ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ହେଉଛି। ସେଥିମଧ୍ୟରେ ୨ଟି ସ୍ଲୁଇସ୍ ଗେଟ୍‌ରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ୩୨ହଜାର ୮୬୬ ଘନଫୁଟ୍, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୧.୫୦୭ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୪୩ ଘନଫୁଟ୍ ଏବଂ ଜଳ ସେଚନ ପାଇଁ ବରଗଡ଼ କେନାଲରେ ୩୪୯୪, ଶାସନ କେନାଲରେ ୫୦୦ ଓ ସମ୍ବଲପୁର କେନାଲରେ ୮୧ ଘନଫୁଟ୍ ମିଶି ମୋଟ୍ ୪୦୭୫ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିମନ୍ତ୍ରଣ କକ୍ଷର ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଉପରମୁଣ୍ଡରେ ୨.୦୧ ମିଲିମିଟର ଓ ତଳମୁଣ୍ଡରେ ୪.୬୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ବେଦାନ୍ତ ଲାଞ୍ଜିଗଡ଼ ତୀରନ୍ଦାଜଙ୍କ ଅପୂର୍ବ ସଫଳତା




ଭୁବନେଶ୍ୱର,୧୦।୧୦(ବିଜୟ ରଣା)

ବେଦାନ୍ତ ଲାଞ୍ଜିଗଡ଼ କ୍ରୀଡ଼ା ତାଲିମ କେନ୍ଦ୍ରର ତୀରନ୍ଦାଜ୍‌ମାନେ ଓଡ଼ିଶା ସ୍କୁଲ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଅପୂର୍ବ ସଫଳତା ହାସଲ କରିଛନ୍ତି। ସୁନ୍ଦରଗଡ଼ରେ ଭାରତୀୟ ବିଦ୍ୟାଳୟ କ୍ରୀଡ଼ା ମହାସଂଘ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ କଳାହାଣ୍ଡି ଜିଲାର ତୀରନ୍ଦାଜ୍‌ମାନେ ୮ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହିତ ସେମାନେ ଦଳଗତ ଚାମ୍ପିୟନ ହୋଇପାରିଛନ୍ତି। ଏହି ସଫଳତାକୁ ନେଇ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ୨୦୧୮ରୁ ଆରମ୍ଭ ହୋଇଥିବା ବେଦାନ୍ତ ତାଲିମ କେନ୍ଦ୍ରରେ ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଥିବା କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରାଯିବା ସହ ଉଚ୍ଚକୋଟୀର ତାଲିମ ପ୍ରଦାନ କରାଯାଇଆସୁଛି। ଗତବର୍ଷ ଏହି ତାଲିମ୍ କେନ୍ଦ୍ରର ପ୍ରତିଯୋଗୀମାନେ ରାଜ୍ୟ ଓ ଜାତୀୟ ସ୍ତରରେ ୫୦ରୁ ଅଧିକ ପଦକ ଜିତିବାରେ ସଫଳ ହୋଇଛନ୍ତି।

# ଫୁଲବାଣୀ, ସୋନପୁର ମଧ୍ୟରେ ଫାଇନାଲ ମୁକାବିଲା

ଲୋଇସିଂହା,୧୦।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଭାଲିଆମୁଣ୍ଡା ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ସ୍ଥାନୀୟ ସାପ୍ତାହିକ ବଜାର ପଡିଆରେ ୫୩ ତମ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି । ଶୁକ୍ରବାର ଟୁର୍ନାମେଣ୍ଟର ପଞ୍ଚମ ଦିବସରେ ୨ଟି ଯାକ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଫୁଲବାଣୀ ଓ ସୋନପୁର ଦଳ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି । ଶନିବାର ଉଭୟ ଦଳ ମଧ୍ୟରେ ଫାଇନାଲ ଖେଳାଯିବ । ଏ ଗ୍ରୁପରୁ ସେମିଫାଇନାଲ ଖେଳ ବଲାଙ୍ଗୀର ରିସାନ ଏଫ.ସି ଓ ଫୁଲବାଣୀ କେ.ଡି.ଏମ.ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୨-୦ ଗୋଲରେ ଫୁଲବାଣୀ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ



ଦେବରାଜ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

କରିଥିଲା । ସେହିପରି ବି ଗ୍ରୁପରୁ ସୋନପୁର ଏମ.ଏମ.ଏଫ.ସି ଓ ତୁଷୁରା ମହୀପୁର ଏଫ.ସି ମଧ୍ୟରେ ଖେଳାଯାଇଥିଲା । ଏଥିରେ ୨-୦ ଗୋଲରେ ସୋନପୁର ମହୀପୁରକୁ ହରାଇଥିଲା । ରେଫରି ସଞ୍ଜୀବ ସାହୁ, ଏମ୍. ବାଗ ଓ ଖୁଜାର ମହମ୍ମଦ ଖେଳ ପରିଚାଳନା କରିଥିଲେ । ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ ବିଜୟୀ ଫୁଲବାଣୀ ଦଳର ଗୋଲ ସ୍କୋରର ମୁକେଶ ମୁଣ୍ଡା ଓ ସୋନପୁର ଦଳର ଦେବରାଜ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ ।

# ଲୋଇସିଂହାରେ ବରିଷ୍ଠ ନାଗରିକ ଦିବସ ପାଳିତ

ଲୋଇସିଂହା,୧୦।୧୦(ସୁଶାନ୍ତ ବାରିକ)

ଲୋଇସିଂହା ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଆନୁକୂଲ୍ୟରେ ବ୍ଲକ ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଉକ୍ତ ସଭାରେ ବିଡ଼ିଓ ଅକ୍ଷୟ ପାଣି ଉକ୍ତ ଅଧ୍ୟକ୍ଷତା କରି ବରିଷ୍ଠ ନାଗରିକ ମାନବ ସମାଜର ସମ୍ବଳ ବୋଲି କହିଥିଲେ। ମୁଖ୍ୟଅତିଥି ଗୀତିକାର ଧର୍ମ ସିଂ ମିଶ୍ର, ସମ୍ମାନିତ ଅତିଥି ଚମରା ଚୌହାନ, ନାଗରିକ କମିଟିର ସମ୍ପାଦକ ଗୁରୁ ଚରଣ ଧୀର ଯୋଗଦାନ କରିଥିଲେ। ଯତୀନ୍ଦ୍ର ପଟେଲ ଲୋଇସିଂହା ବ୍ଲକର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନିସାର ଅହମ୍ମଦ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସରୋଜ ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଇଇଡି ବ୍ଲାଷ୍ଟରେ ଯବାନ ଆହତ

ରାଉରକେଲା, ୧୦।୧୦(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ପଶ୍ଚିମ ସିଂଭୂମ ଜିଲାର ଜରେଇକେଲା ପୋଲିସ ଷ୍ଟେଶନ ଅଧୀନ ବାବୁଡେରାରେ ଚାଲିଥିବା ମାଓବାଦୀ ଦମନ ଅଭିଯାନରେ ଶୁକ୍ରବାର ଅପରାହ୍ନରେ ଏକ ଆଇଇଡ଼ି ବ୍ଲାଷ୍ଟ ହେବାରୁ ଜଣେ ଯବାନ ଆହତ ହୋଇଥିବା ସୂଚନା ମିଳିଛି। ଉକ୍ତ ଯବାନ ହେଲେ ସିଆରପିଏଫ୍ ୬୦ ବାଟାଲିୟନ୍‌ର ଇନ୍ସପେକ୍ଟର କୌଶଳ କୁମାର ମିଶ୍ର। ରାତି ପ୍ରାୟ ସାଢେ ୮ଟା ସମୟରେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାଉରକେଲା ସେକ୍ଟର-୧୯ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ସକାଳେ ସରଣ୍ଡା ଜଙ୍ଗଲ ଅଞ୍ଚଳରେ ମାଓବାଦୀ ଦମନ ଅପରେଶନ ଜାରି ରହିଥିଲା। ଏହି ସମୟରେ ପ୍ରଥମ ଧାଡିରେ ରହିଥିବା କୌଶଳଙ୍କ ଗୋଡ ଏକ ଆଇଇଡି ଉପରେ ପଡ଼ିଯାଇଥିଲା। ଫଳରେ ବିସ୍ଫୋରଣ ହେବାରୁ ସେ ଆହତ ହୋଇଥିଲେ। ଘଟଣାସ୍ଥଳରେ ବରିଷ୍ଠ ପୋଲିସ ଅଧିକାରୀ ଏବଂ ସିଆର୍‌ପିଏଫ୍ ଅଧିକାରୀମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ହସ୍ପିଟାଲରେ ତାଙ୍କ ଅବସ୍ଥା ସ୍ଥିର ଥିବା କୁହାଯାଇଛି।






## ଗିରିଶଙ୍କୁ ମିଶନ ଶକ୍ତି...

ପ୍ରଥମ ପୃଷ୍ଠାରୁ...

ଶାଳିନୀ ପଣ୍ଡିତ ଆସନ୍ତା ୧୩ ତାରିଖରେ ଡେପୁଟେସନରେ ଯିବାପରେ ସେ ଏହି ଦାୟିତ୍ୱ ଗ୍ରହଣ କରିବାକୁ ଥିବା ଯାଇଛି। ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ(ବିଏମ୍‌ସି) କମିଶନର ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ଚଞ୍ଚଳ ରାଣାଙ୍କୁ ଅତିରିକ୍ତ ଭାବେ ବିଡିଏର ଉପାଧ୍ୟକ୍ଷ ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଦାୟିତ୍ୱ ମିଳିଛି। ସେହିପରି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଥିବା ୨୦୧୦ ବ୍ୟାଚ୍ ଆଇଏଏସ୍ ଅଫିସର ମାନସୀ ନିମ୍ଭାଲଙ୍କୁ ଓଡ଼ିଶା ଲିଫ୍ଟ ଇରିଗେସନ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ମିଳିଛି। ଏହାସହ ତାଙ୍କୁ ଅତିରିକ୍ତ ଭାବେ ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଛି। ଆଇଏଏସ୍ ଅଫିସର ସ୍ୱେଧା ଦେବ ସିଂ ଆସନ୍ତା ୧୩ ତାରିଖରେ କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ନିମ୍ଭାଲ ତାଙ୍କୁ ମିଳିଥିବା ନୂଆ ଦାୟିତ୍ୱ ଗ୍ରହଣ କରିବେ। ନିମ୍ଭାଲ ଅତିରିକ୍ତ ଭାବେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଏବଂ ସିଜୁଲ ଟ୍ରାଇବ ନିର୍ଦ୍ଦେଶକ ଦାୟିତ୍ୱରେ ତୁଲାଉଥିଲେ। ନିମ୍ଭାଲଙ୍କ ପୁରୁଣା ଦାୟିତ୍ୱକୁ ଅନ୍ୟ ଦୁଇ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଛି। ହଜି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ଅଫିସର ଦୀପକର ମହାପାତ୍ରଙ୍କୁ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଏହାସହ ସେ ଅତିରିକ୍ତ ଭାବେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ରହିବେ। ୨୦୧୪ ବ୍ୟାଚ୍ ଆଇଏଏସ୍ ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜନଜାତି ନିର୍ଦ୍ଦେଶ ଭାବେ ନିଯୁକ୍ତି ମିଳିଛି। ୨୦୧୨ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନଙ୍କୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ମିଳିଛି। ସେ ଏବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଏବଂ ଅତିରିକ୍ତ ଭାବେ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ରୁରାଲ ଡେଭଲପମେଣ୍ଟର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଛନ୍ତି। ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱରେ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ଅଫିସର ମଧୁସ୍ମିତା ସାମନ୍ତଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ମିଳିଛି। ଏହାସହ ସେ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ରୁରାଲ ଡେଭଲପମେଣ୍ଟର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଥିବା ୨୦୧୩ ବ୍ୟାଚ୍ ଆଇଏଏସ୍ ଅଫିସର ଶୁଭଶ୍ରୀ ନନ୍ଦଙ୍କୁ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ମିଳିଛି। ବୟନିକାର ଏମ୍‌ଡି ତଥା ଅତିରିକ୍ତ ଭାବେ ହସ୍ତଶିଳ୍ପ ନିର୍ଦ୍ଦେଶକ ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ପ୍ରଣତି ଛୋଟରାୟଙ୍କୁ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ମିଳିଛି ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ତୁଲାଉଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ଅଫିସର ନିବେଦିତା ପୃଷ୍ଟିଙ୍କୁ ବୟନିକାର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଏହାସହ ସେ ଅତିରିକ୍ତ ଭାବେ ହସ୍ତଶିଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇବେ। କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟର ମ୍ୟାନେଜର(ଏଡିଏମ୍) ଦାୟିତ୍ୱରେ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଲଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ମିଳିଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ବ୍ୟକ୍ତିଗତ ସଚିବ(ପିଏସ୍) ଦାୟିତ୍ୱରେ ଥିବା ଓଏଏସ୍ ଅଫିସର କାହ୍ନୁ ଚରଣ ଧିରଙ୍କୁ ମିନେରାଲ ମାଇନ୍ସର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ଆଇଏଏସ୍ ଅଫିସର ଆସନ୍ତା ୧୩ ତାରିଖରେ କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ସେ ଏହି ଦାୟିତ୍ୱ ଗ୍ରହଣ କରିବେ।

# ଗୋଟିଏ ଦିନରେ ଦୁଇଟି ଦଳରେ ସାମିଲ ହୋଇ ଚର୍ଚ୍ଚାରେ ରାମଲାଲ

**ନୂଆପଡ଼ା,୧୦।୧୦(ନକାରୁ ବେମାଲ)**

ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳର ମିଶ୍ରଣ ପର୍ବ ଜୋର ଧରିଛି। ଗୁରୁବାର କଂଗ୍ରେସର ମିଶ୍ରଣ ପର୍ବରେ ଅନ୍ୟ ଦଳର ଶତାଧିକ କର୍ମୀ ଦଳରେ ସାମିଲ ହୋଇଥିଲେ। ଏହି କ୍ରମରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲାକିଆଙ୍କ ପିଏ ଥିବା ତଥା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଜିଲା ସଂଯୋଜକ ଭାବରେ କାର୍ଯ୍ୟ କରୁଥିବା ରାମଲାଲ ହଂସ ବିଜୁ ଜନତା ଦଳ ଛାଡି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗ ଦେଇଥିଲେ। ହେଲେ କିଛିଘଣ୍ଟା ପରେ ପୁଣି ସୁବର୍ଣ୍ଣପୁର ବିଧାୟକ ନିରଞ୍ଜନ ପୂଜାରୀ, ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଥିବାରୁ ଏହାକୁ ନେଇ ଚର୍ଚ୍ଚା ଚାଲିଛି। କଂଗ୍ରେସରେ ଯୋଗଦେବା ପରେ ରାମଲାଲ ରାତି ପ୍ରାୟ ୯ଟାରେ ଦଳର ଜିଲା ସଭାପତି ଘାସିରାମ ମାଝିଙ୍କ ସହିତ ଫୋନ ଯୋଗେ କଥା ହୋଇଥିଲେ। ହେଲେ ଏହା ପରଠାରୁ ତାଙ୍କ ଫୋନ ସୁଇଚ୍ ଅଫ୍ ଆସୁଥିବା ବେଳେ ତାଙ୍କର ଦେଖା ମିଳୁନାହିଁ। ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ୱର୍ଗତ ଢୋଲାକିଆଙ୍କ ପାଖରେ ରହି କାର୍ଯ୍ୟ କରୁଥିବା ଜଣେ ସକ୍ରିୟ କର୍ମୀ ହଠାତ୍ କାହିଁକି ଦଳ ଛାଡି କଂଗ୍ରେସରେ ଯୋଗ ଦେଲେ ଓ ପୁଣି ପୁରୁଣା ଦଳକୁ ଫେରିଲେ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ କଂଗ୍ରେସରେ ଯୋଗଦେବା ପରେ ରାମଲାଲ ସୋସିଆଲ ମିଡିଆରେ ଏକ ଲେଖା ପୋଷ୍ଟ କରିଥିଲେ। ଏଥିରେ ସେ ଉଲ୍ଲେଖ କରିଛନ୍ତି, ମୁଁ ରାମଲାଲ ହଂସ, ଉତ୍କଳ ଯାଦବ ମହାସଭାର ଉପଦେଷ୍ଟା ଓ ଅଖିଳ ଭାରତୀୟ ଯାଦବ ମହାସଂଘର ସଦସ୍ୟ। ବିଜେଡି ଦ୍ୱାରା କୋର କମିଟିର ଚାଷ ଉପରେ ପକ୍ଷପାତିତା ଯୋଗୁ ଆଜି ବିଜେଡି ଛାଡୁଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଜିଲା କାର୍ଯ୍ୟାଳୟରେ ଶୁକ୍ରବାର ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଜିଲା ସଭାପତି ମାଝି ଯୋଗଦେଇ କହିଥିଲେ, ରାମଲାଲ ବିଜେଡିର ଦୀର୍ଘବର୍ଷ କାର୍ଯ୍ୟ କରିଆସୁଥିଲେ। କଂଗ୍ରେସରେ ସାମିଲ ହୋଇ କାଳେ ପୋଲ ଖୋଲିଦେବେ ଭାବି ବିଜେଡି ପକ୍ଷରୁ ତାଙ୍କୁ ଅପହରଣ କରାଯାଇଥାଇ ପାରେ ବୋଲି ଦଳ ସନ୍ଦେହ କରୁଛି। ଖବରଦାତା ସମ୍ମିଳନୀରେ ପବନ ଶର୍ମା, ଅଶୋକ ଚନ୍ଦ୍ରକାର, ଶାହରୁଖ ଖାନ, ଉମାକାନ୍ତ ବଳଛତାର, ବିରଞ୍ଚି ବାଗ, ପାସା ମହାନନ୍ଦ, ହରି ମାଝି ପ୍ରମୁଖ ଉପସ୍ଥିତ ଥିଲେ।





(ବାମରୁ) କଂଗ୍ରେସରେ ସାମିଲ ହେବା ପରେ ଓ ବିଜେଡିକୁ ଫେରିବା ପରେ ରାମଲାଲ ହଂସ।

---

## ପୌର ପରିଷଦ କାର୍ଯ୍ୟାଳୟ: ବ୍ରଜରାଜନଗର
## OFFICE OF MUNICIPAL COUNCIL BRAJRAJNAGAR

At/Po-Lamtibahal, Dist-Jharsuguda, Odisha
Phone No-8457812260, Mail: eobrjnmpl@gmail.com

Letter No.3678 Date:08.10.2025

No.C-1243: Quotations in sealed cover are invited from Agency/ Contractor/farms with valid PAN, GSTN etc for the work "Supplying, fitting fixing of child play equipment & Gym equipment at Brajrajnagar Municipality". The quotation is for conclusion of rates only.

The Bid documents to be downloaded from the official website of Jharsuguda District https://jharsuguda.odisha.gov.in. Last date and time of receipt of bid is 4.30 PM, 17.10.2025 through Speed Post/ Registered Post/ by Hand only. Brajrajnagar Municipality will in no way be responsible for any delay in receipt of the Bid documents.

Sd./- Executive Officer
Brajrajnagar Municipality

OIPR-13099/11/0071/2526

---

## ODISHA HYDRO POWER CORPORATION LIMITED
OHPC
BALIMELA HYDRO ELECTRIC PROJECT
POST: BALIMELA, DIST.: MALKANGIRI (ODISHA), PIN - 764051
Phones: 06861-232581(O)/232659(O), Fax: 06861-232541
E-Mail: unit.head_balimela@yahoo.com

REGD. OFFICE: ODISHA HDYRO POWER CORPORATION LIMITED
BHOI NAGAR, JANAPATH, BHUBANESWAR - 22
Tel.: 91-0674-2542983, 2542802, 2545526, Fax: 2542102, GRAM: HYDROPOWER
E-MAIL: ohpc.co@gmail.com / md@ohpcltd.com, Web: www.ohpcltd.com
CIN: U40101OR1995SGC003963

### TENDER CALL NOTICE
**TENDER CALL NOTICE NO.: BHEP/34/2025-26, DATED: 08.10.2025**

No. CAD-1954: Sealed tenders are invited in two part bid basis (Part - A: Technical Bid & Part - B: Price Bid) from the reputed **Manufacturers/Authorized Dealer/ Channel Partner/Reputed Supplier** as per eligibility criteria for the supply of following measuring instruments.

| Sl. No. | Description of Supply | Cost of Tender Paper in Rs. |
|---|---|---|
| 1 | Procurement of 01 No. Earth Resistance Measurement Clamp Meter and 02 Nos. Digital Leakage Clamp Meter for BHEP, Balimela | Rs.4720/- (Rs.4,000/- + GST @ 18%) (Non-refundable) |

Availability of Tender Document will be : From 10.00 Hrs. of 13.10.2025 to 12.00 Hrs. of 27.10.2025
The last date & time for submission of tender document : Upto 12.00 Hrs. of 27.10.2025
The date & time of opening of Technical Bid : Onwards 12.30 Hrs. of 27.10.2025
For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com.

OIPR-04019/11/0115/2526 Sd./- C&P Head, BHEP, Balimela

---

## OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST:NUAPADA, ODISHA

E-mail: eeroads.khr@rediffmail.com
No.5530, Date:08.10.2025

### TENDER CANCELLED

No.B-589: The Tender Call Notice bearing E-Procurement Notice-14, Bid Identification No.SER&BKHR-14/2025-26 vide letter No.5171, dated 22.09.2025 is hereby cancelled due to administrative reasons/issues.

Sd./- Superintending Engineer
OIPR-34062/11/0045/2526 Khariar (R&B) Division

---

## GOVERNMENT OF ODISHA
## DEPARTMENT OF HIGHER EDUCATION

EXTENSION OF DATELINE FOR ONLINE APPLICATION AND VALIDATION OF SCHOLARSHIP UNDER "MUKHYAMANTRI MEDHABI CHHATRA PROTSAHAN YOJANA" 2025-26 FROM FRESH STUDENTS

No.N-172

| Sl. No. | Scheme & sub-Scheme | | Extended dateline for submission of online application by students | Extended dateline for validation of scholarship application by heads of Institutions / Principals concerned |
|---|---|---|---|---|
| 1 | e-Medhabruti | UG merit | 10.10.25 to 24.10.25 | Up to 31.10.25 |
| 2 | | PG merit | 10.10.25 to 24.10.25 | Up to 31.10.25 |
| 3 | | Technical & Professional merit | 10.10.25 to 24.10.25 | Up to 31.10.25 |
| 4 | Vyasakabi Fakir Mohan Bhasabruti Scheme | | 10.10.25 to 24.10.25 | Up to 31.10.25 |
| 5 | Gopabandhu Shikhya Sahayata Yojana | | 10.10.25 to 24.10.25 | Up to 31.10.25 Up to 10.11.25 (only at DWO level) |
ଶୁକ୍ରବାର କଳାହାଣ୍ଡି ଜିଲା ଅନୁସୂଚିତ ଜାତି ଓ ଜନଜାତି ଆଇନଜୀବୀ ସଂଘ ପକ୍ଷରୁ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବୈତୁରା ଦୀପଙ୍କୁ ସାକ୍ଷାତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହା କେବଳ ଦେଶର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ପ୍ରତି ନୁହେଁ ଦେଶର ସମ୍ବିଧାନ, ସାରା ଦେଶର ସଂଖ୍ୟାବହୁଳ ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତି ଘୋର ଅପମାନ ବୋଲି କହିବା ସହିତ ଏହି ଘଟଣାରେ ଦେଶର ରାଷ୍ଟ୍ରପତି ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି। ସଂଘ ପକ୍ଷରୁ ଧର୍ମେନ୍ଦ୍ର ନାଏକ, ସୀମାଞ୍ଚଳ ନାଏକ, ଦିଗମ୍ବର ଦୁରିଆ, ବିନୋଦ କୁମାର ନାୟକ, ଛବିଲାଲ ନିଆଲ, ମଣ୍ଟୁ ନାଏକ, ମନୋଜ କୁମାର ନାଏକ, ବିଦ୍ୟାଧର ନାଏକ, ଗଣପତି ନାଏକ, ଗୌରଚନ୍ଦ୍ର ନାଏକ, ସଚ୍ଚିଦାନନ୍ଦ ମହାକୁଡ଼, ଯୁଧିଷ୍ଠିର ବାଗ, ଗୋରେଖ ନାଏକଙ୍କ ସମେତ ବିଭିନ୍ନ ସଙ୍ଗଠନର ଲିଙ୍ଗରାଜ ଆଜାଦ, ଯତୀନ୍ଦ୍ର କର, ଢଗ ନାଏକ, କୀର୍ତ୍ତନ ନାଏକ ଯାଦବ, ସୁଶାନ୍ତ ଜାଲ, ଦୁର୍ଯ୍ୟୋଧନ ଠାକୁର, ଦିଗାମ୍ବର ଲୁହା ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ପ୍ରାର୍ଥୀ ଘୋଷଣାରେ ଆଗରେ କଂଗ୍ରେସ

**ନୂଆପଡ଼ା ଉପନିର୍ବାଚନ**

**ନୂଆପଡ଼ା,୧୦।୧୦ (ମକାରୁ ବେମାଲ)**

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ସରଗରମ ହେବାରେ ଲାଗିଛି। ୩ ପ୍ରମୁଖ ଦଳ ମଧ୍ୟରୁ କଂଗ୍ରେସ ପ୍ରାର୍ଥୀ ଘୋଷଣାରେ ଆଗରେ ରହିଛି। ବିଜେଡିର ପ୍ରାର୍ଥୀ ଘୋଷଣା ହୋଇ ନ ଥିଲେ ମଧ ପଦଯାତ୍ରା ମାଧ୍ୟମରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛି। ଭାଜପା ପ୍ରାର୍ଥୀ ଘୋଷଣା କରିବା ନେଇ ଅଡୁଆରେ ପଡିଯାଇଛି। ଆଶାୟୀଙ୍କ ଲମ୍ବା ଲାଇନ ଥିବାରୁ ନୂଆ ମୁହଁ ନ ଅନ୍ୟ କିଏ ତାକୁ ନେଇ ଚର୍ଚ୍ଚା ହେଉଛି। ନୂଆପଡା ଜିଲାକୁ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଗସ୍ତ କରିଥିଲେ ମଧ ପ୍ରାର୍ଥୀ ଚୟନ ହୋଇପାରି ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଅଶାନ୍ତି ବଢିବାରେ ଲାଗିଛି। ଏହା ପୂର୍ବରୁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗସ୍ତ କରିଥିଲେ। ନଭେମ୍ବର ୧୧ରେ ନୂଆପଡା ଉପନିର୍ବାଚନ ହୋଇ ୧୪ରେ ଗଣତି ହେବ। ଅକ୍ଟୋବର ୨୦ରେ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ରହିଛି। ହେଲେ ଏଯାଏ ଭାଜପା ପ୍ରାର୍ଥୀ ଘୋଷଣା କରି ନାହିଁ। କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ଭୋଟ ହାତେଇବା ପାଇଁ ଭୋଟରଙ୍କ ନିକଟତର ହେବାରେ ଲାଗିଛି। ବିଜେଡିରେ ଆଶାୟୀ ପ୍ରାର୍ଥୀଙ୍କ ନାମ ଆସୁ ନ ଥିବାବେଳେ ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁତ୍ର ଜୟ ଢୋଲକିଆଙ୍କ ନାମ ଶୁଣିବାକୁ ମିଳୁଛି। ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇ ନ ଥିଲେ ମଧ ଅନ୍ୟ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ, ଜିଲାର ତୁଙ୍ଗ ନେତା ଓ କର୍ମୀ ପଦଯାତ୍ରା ମାଧ୍ୟମରେ ପ୍ରଚାର କାର୍ଯ୍ୟ ଆରମ୍ଭ କରି ଦେଲେଣି। ଭାଜପାରୁ ପ୍ରାର୍ଥୀ କିଏ ହେବ ତାହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି।

## ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଡ୍ୟାନ୍ସ ପ୍ରତିଯୋଗିତା

**ରିଷିଡ଼ା,୧୦।୧୦ (ସୁଶାନ୍ତ ମଲ୍ଲିକ)**

କର୍ଲାମୁଣ୍ଡା ବ୍ଲକ ତେରେସିଂହା ଗ୍ରାମର ବେଲପଡ଼ାଠାରେ ଚାଲିଥିବା ମା' ଗଜଲକ୍ଷ୍ମୀ ପୂଜାର ଅନ୍ତିମ ଦିବସରେ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ବତନ ସରପଞ୍ଚ ଚତୁର୍ଭୁଜ ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଞ୍ଚ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଯୁଗଳ କିଶୋର ନାଏକ, ସଞ୍ଜିବ ରଣା, ବସନ୍ତ କୁମାର ସାହୁ, ହୃଷୀକେଶ ରଣା, କ୍ଷେତ୍ରମଣି ରଣା, ମନୋଜ ରଣା, କମିଟି ସଭାପତି କପିନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ମହେଶ୍ୱର ଗହୀର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ୍ୟାନ୍ସ ପ୍ରତିଯୋଗିତାରେ ଜେ. ଟ୍ୱେଣ୍ଟିଟୁ ଗ୍ରୁପ ସଇଁତଳା ପ୍ରଥମ, ଅନ୍ୱେଷା ପୁଟେଲ ଦ୍ୱିତୀୟ, କ୍ରେଜି ଗ୍ରୁପ ଖୁସମାଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷକ ତଥା ହାସ୍ୟ ଅଭିନେତା ଲଳିତ ମୋହନ ଭୋଇ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବେ ଶିକ୍ଷକ ତଥା କଳାକାର ତରୁଣ କୁମାର ଭୋଇ, ବିଶ୍ୱମ୍ବର ଭୋଇ ଓ ଯୁଗଳ କିଶୋର ନାଏକ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

# ଲୁକ୍କାୟିତ ପ୍ରତିଭା ଅନ୍ୱେଷଣର ମାଧ୍ୟମ 'ସୁରଭି'



ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

**ଲାଞ୍ଜିଗଡ଼,୧୦।୧୦(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପାଠପଢା ସହିତ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ମୁଖ୍ୟଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ ମୁଖ୍ୟବକ୍ତା ଓ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ପୂର୍ବତନ କ୍ଲଷ୍ଟର ସଂଯୋଜକ ଏମ୍.ଏସ୍. ଶେଖର, ଲାଞ୍ଜିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ମହାକୁଡ଼, ତ୍ରିଲୋଚନପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲଷ୍ଟର ସଂଯୋଜକ ଜଳନ୍ଧର ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବିକ୍ରମ ମାଝୀ ଓ ମନୋଜ କୁମାର ମହାକୁଡ଼ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫ ପାଇଥିବା ଦୁଇଜଣ ଶିକ୍ଷକ ବିନୋଦ ବାତ୍ରା ଓ ନାଗେଶ୍ୱର ସାଙ୍କୁ ଲାଞ୍ଜିଗଡ କ୍ଲଷ୍ଟର ତରଫରୁ ଗୋଷ୍ଠୀ ଶିକ୍ଷାଧିକାରୀ ମେହେର ଓ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୭ ବିଦ୍ୟାଳୟର ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଜେତାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ କ୍ଲଷ୍ଟର ସଂଯୋଜକ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ଖଡ଼ିଆଳ,୧୦।୧୦ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳସ୍ଥିତ ଉତ୍କଳ ବାଳାଶ୍ରମ ପରିସର ମଧ୍ୟରେ ତାଲୁକସ୍ତରୀୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଶୁକ୍ରବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ତଥା ସବ୍‌ଜଜ୍ ଇସା ପତି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅତିଥି ରୂପେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନବନିତା ଦାସ ଯୋଗଦେଇ ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ପାଇଁ ଥିବା ବିଭିନ୍ନ ଆଇନ ସହାୟତା ଉପରେ ଆଲୋକପାତ କରିଥିଲେ। ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ଡ଼. ଫଣିନ୍ଦମ ଦେଓ, ମୁଖ୍ୟ ଆଇନ ସହାୟତା ସଦସ୍ୟ ପ୍ରକାଶ ସେନାପତି, ଖବରଦାତା ତପନ ଦାଶ, ସମାଜସେବୀ ରାଜେଶ ପୋଦ୍ଦ, ଆଇନଜୀବୀ ଆଲୋକ ତିୱାରୀ ଉତ୍କଳ ବାଳାଶ୍ରମ ସମ୍ପାଦିକା ଅର୍ଚ୍ଚନା ପାଢୀ ପ୍ରମୁଖ ଯୋଗଦେଇଥିଲେ।

## ମା' ରକ୍ତାମ୍ବରୀଙ୍କ ଆଶୀର୍ବାଦ ଭିକ୍ଷା କଲେ ଅଭିନନ୍ଦନ

**ଖଡ଼ିଆଳ,୧୦।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଉପନିର୍ବାଚନ ପାଇଁ ସମଗ୍ର ଜିଲାରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ଏପରିସ୍ଥଳେ ଭାଜପାରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା ଅଭିନନ୍ଦନ ପଣ୍ଡା ଖଡ଼ିଆଳର ଗଡ଼ଦେବୀ ମା' ରକ୍ତାମ୍ବରୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ତାଙ୍କ ସହ ଭାଜପାର ବରିଷ୍ଠ ନେତା ତଥା ଖଡ଼ିଆଳ ଯୁବରାଜ ଦେବ ଦେବ ପ୍ରସାଦ ସିଂ ଦେବ, ଭାଜପା ଓବିସି ମୋର୍ଚ୍ଚା ଜିଲା ସଭାପତି ଅଜିତ କିଶୋର ଚଲାନ, ଭାଜପା ନେତା ମନୋଜ କୁମାର ପଟ୍ଟନାୟକ, ନେତ୍ରାନନ୍ଦ ମନହୀରା, ଯୁଧିଷ୍ଠିର ହଂସ ପ୍ରମୁଖ ମନ୍ଦିରକୁ ଯାଇ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଅଭିନନ୍ଦନ କହନ୍ତି, ଦଳ ତାଙ୍କ ଉପରେ ଭରସା କଲେ ନିଶ୍ଚିତ ଜିତିବେ। ଅନ୍ୟ କାହାକୁ ଟିକେଟ ଦିଆଗଲେ ସେ ତାଙ୍କୁ ସହଯୋଗ କରିବେ ଓ ନୂଆପଡ଼ାରେ ପଦ୍ମ ଫୁଟିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ଗତ ନିର୍ବାଚନରେ ଅଭିନନ୍ଦନ ଭାଜପା ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରି ତୃତୀୟ ସ୍ଥାନରେ ରହିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଜୁନାଗଡ଼, ୧୦।୧୦(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମା' ଲଙ୍କେଶ୍ୱରୀ ଆଥ୍‌ଲେଟିକ ଆସୋସିଏଶନର ୫୦ତମ ଫୁଟ୍‌ବଲ ଟୁର୍ନାମେଣ୍ଟ ଛୋରିଆଗଡଠାରେ ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ଦ୍ୱିତୀୟ ଦିବସରେ ସମ୍ବଲପୁର ଓ ନବରଙ୍ଗପୁର ମଧ୍ୟରେ ମ୍ୟାଚ୍ ହୋଇଥିବାବେଳେ ସମ୍ବଲପୁର ବିଜୟୀ ହୋଇଥିଲା। କର୍ତ୍ତବ୍ୟ ଅଧକ୍ଷ ଅଶୋକ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷାବିତ୍ ସୁଧାଂଶୁ ଗୁରୁ, ଭୀଷ୍ମରଥି ନାଏକ, ପୂର୍ବତନ ସରପଞ୍ଚ ବିରେନ୍ଦ୍ର ବେହେରୁକ, ଧବଳେଶ୍ୱର ମାଝୀ, ଦିଲିପ ଠାକୁର, ଚନ୍ଦ୍ରସେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବୁଲୁ ବେହେରୁକ, ନିର୍ମଳ ଦଣ୍ଡସେନା, ସୁଶାନ୍ତ ପ୍ରଧାନ ଓ ଫିରୋଜ ଦଳପତି ଖେଳ ପରିଚାଳନା କରିଥିଲେ। ଶନିବାର ଭବାନୀପାଟଣା ଓ ସମ୍ବଲପୁର ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ଭାଜପାରେ ମିଶିଲେ ଶତାଧିକ ଯୁବତୀଯୁବକ

**ନୂଆପଡ଼ା,୧୦।୧୦ (ମକାରୁ ବେମାଲ)**



ଭାଜପାରେ ଯୋଗ ଦେଇଥିବା ଯୁବକମାନେ।

ନୂଆପଡ଼ା ଜିଲା ଭାଜପା କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିଲେ ଶତାଧିକ ଯୁବତୀଯୁବକ ଦଳରେ ସାମିଲ ହୋଇଥିଲେ। ଜିଲା ସଭାପତି କମଲେଶ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମିଶ୍ରଣ ପର୍ବରେ ସୁଶାନ୍ତ କୁମାର ପତି, ପ୍ରକାଶ କଲାର, ତୁଳସ ପଟେଲଙ୍କ ଉପସ୍ଥିତିରେ ନୂଆପଡା ନିର୍ବାଚନ ମଣ୍ଡଳୀର ଯୁବତୀଯୁବକ ଦଳରେ ଯୋଗ ଦେଇଛନ୍ତି। ବିକ୍ରମ ଆଡବଙ୍ଗ, ଡମରୁ ମହାନନ୍ଦ, ଟୁଲୁ ନିଆଲ, ମୁରଲୀ ସୁନା, ଘାସି ସତନାମୀ, ମେଘନାଥ ସେଠୀ, ଜଗଦୀଶ ଦାସ ଓ ତରୁଣ ଦାସଙ୍କ ନେତୃତ୍ୱରେ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି ।

## ଗୋବର୍ଦ୍ଧନ ପଣ୍ଡା ପାଇଲେ ସନ୍ଥ ଈଶ୍ୱର ସମ୍ମାନ



ସମ୍ମାନିତ ହେବା ଅବସରରେ ଗୋବର୍ଦ୍ଧନ ପଣ୍ଡା।

**ଭବାନୀପାଟଣା, ୧୦।୧୦ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ ସହରର ବଣ୍ଡା ଆଦିବାସୀ ଗବେଷକ ଗୋବର୍ଦ୍ଧନ ପଣ୍ଡା ଜାତୀୟସ୍ତରରେ ଆଦିବାସୀ କ୍ଷେତ୍ରରେ ସନ୍ଥ ଈଶ୍ୱର ବିଶିଷ୍ଟ ସେବା ସମ୍ମାନ ପାଇଛନ୍ତି। ନୂଆଦିଲ୍ଲୀଠାରେ ସନ୍ଥ ଈଶ୍ୱର ଫାଉଣ୍ଡେଶନ ପକ୍ଷରୁ ସୁବ୍ରମଣ୍ୟମ ଅଡିଟୋରିୟମଠାରେ ଆୟୋଜିତ ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଫାଉଣ୍ଡେଶନର ପ୍ରତିଷ୍ଠାତା ଅଧକ୍ଷ କପିଲ ଖନ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଯୋଗ ଦେଇଥିଲେ। ମାଲକାନଗିରି ଜିଲାର ବଣ୍ଡା ଜନଜାତିଙ୍କ ଉପରେ ଗବେଷଣା ଓ ସେବା ପାଇଁ ତାଙ୍କୁ ଏହି ସମ୍ମାନ ଓ ନଗଦ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏ ନେଇ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସେ ଆଦିବାସୀମାନଙ୍କ ସଂସ୍କୃତି ପରମ୍ପରା ଉପରେ ଦୀର୍ଘବର୍ଷ ଧରି ଗବେଷଣା ଜାରି ରଖିଛନ୍ତି ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ପଲମ, ୧୦।୧୦ (ଭିକାରି ଗଉଡ଼)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ସରିଆଁ ପଞ୍ଚାୟତ ସରିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହାସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଆଦି ପ୍ରତିଯୋଗିତା ହୋଇଥିଲା। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧୁରାମ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଇଓ ତପିମଣି ଜାନି, ସମ୍ମାନିତ ଅତିଥିଭାବେ ଏବିଇଓ ତଥା ବିଆର୍‌ସିସି ଗୋବର୍ଦ୍ଧନ ମାଝୀ, ଏବିଇଓ ସୁତଳ ଦେବ ମୁଣ୍ଡ, ଏବିଇଓ ସୂର୍ଯ୍ୟଦେବ ମାଝୀ, ସରିଆଁ ସମିତି ସଭ୍ୟ ଭାସ୍କର ଭୋଇ, ନର୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଅମିତ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ସୁଧିର ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା ଓ ଶିକ୍ଷକ ବାସୁଦେବ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

**ଭବାନୀପାଟଣା,୧୦।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଶୁକ୍ରବାର ଭବାନୀପାଟଣାସ୍ଥିତ ଟାଉନହଲରେ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଆରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ପରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଶମିତା ରାୟଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଓ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଙ୍ଗ ରାଉତ, ଜିଲା ବରିଷ୍ଠ ନାଗରିକ ସଂଘ ଉପସଭାପତି ମଳୟ ମୁଣ୍ଡ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଶରତ ଚନ୍ଦ୍ର ନାୟକ, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଢ, ଏମ୍‌ପିଙ୍କ ପ୍ରତିନିଧି ଜୟଶଙ୍କର ନାୟକ ଯୋଗଦେଇ ବରିଷ୍ଠ ନାଗରିକ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜୁନାଗଡ଼ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁ ପରିଚାଳନା କରିଥିଲେ। ଏଥିରେ ଜିଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ସହଯୋଗ କରିଥିଲେ।




ଜଣେ ବରିଷ୍ଠ ନାଗରିକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ବାବୁପାଲିରେ ରକ୍ତଦାନ, ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ବିନିକା,୧୦।୧୦(ରାମଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାବୁପାଲି ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଗ୍ରାମ୍ୟ ଯୁବଗୋଷ୍ଠୀ, ଅମୃତ କୁଟୁମ୍ବ ଓ ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଶିବିରକୁ ବିନିକା ବିଡ଼ିଓ ମଣ୍ଟୁ ଖମାରୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୌଦାମିନୀ ସାହୁ,ପୂର୍ବତନ ସରପଞ୍ଚ ରୁଦ୍ର ନାରାୟଣ ସାହୁ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ମହିଳାଙ୍କ ସମେତ ମୋଟ ୪୦ଜଣ ରକ୍ତଦାନ କରିଥିଲେ। ସେହିପରି ୨୧୦ଜଣଙ୍କର ମାଗଣା ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ୩୦ଜଣଙ୍କୁ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟକୁ ରେଫର୍ କରାଯାଇଥିଲା। ୧୨୭ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ଅନ୍ୟ ପକ୍ଷରେ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ସୁଗାର ପରୀକ୍ଷା କରାଯାଇଥିଲା। ବୁର୍ଲା ରକ୍ତ ଭଣ୍ଡାର କର୍ମଚାରୀ ଆସି ରକ୍ତ ସଂଗ୍ରହ କରିଥିଲେ।

### ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଜୟପାଟଣା,୧୦।୧୦(ଓମ୍ ପ୍ରକାଶ ବୈଠାରୁ):** ବେଙ୍ଗାଲୁରୁରେ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲା ଜୟପାଟଣା ଥାନା ପ୍ରଜାନାଗଫେଡ଼ି ଗାଁର ଗିରିରାଜ ବାଣୁଆ। ପରିବାର ପ୍ରତିପୋଷଣ ପାଇଁ ଗିରିରାଜ ଦାଦନ ଖଟିବାକୁ ବେଙ୍ଗାଲୁର ଯାଇଥିଲେ। ହେଲେ ସେଠାରେ କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ମୃତଦେହ ଆଣିପାରି ନ ଥିଲେ। ଏ ନେଇ ସେମାନେ ବିଧାୟକ ପ୍ରଦୀପ ଦିଶାରୀ ଓ ଭବାନୀପାଟଣା ଆଦିବାସୀ ସଂଘ ସଭାପତିଙ୍କୁ ଜଣାଇଥିଲେ। ଏହାପରେ ଉଭୟେ ଏହି ଘଟଣାକୁ ନେଇ ଜିଲା ପ୍ରଶାସନକୁ ଜଣାଇବା ପରେ ମୃତଦେହ ଗାଁକୁ ଆଣିବା ବ୍ୟବସ୍ଥା କରିଥିଲେ। ଶୁକ୍ରବାର ତାଙ୍କ ମର ଶରୀର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରୋଜଗାରିଆ ପୁଅକୁ ହରାଇ ମା'ବାପା ଭାଙ୍ଗି ପଡ଼ିଥିବା ବେଳେ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ତୁଣ୍ଡଲା,୧୦।୧୦ (ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଦୁର୍ଯ୍ୟୋଧନ ବିଶୋଇ ସଯୋଜନା କରି ଛାତ୍ରୀଛାତ୍ରଙ୍କୁ ସୁସ୍ଥ ଓ ସକାରାତ୍ମକ ମାନସିକ ଅଧିକାରୀ ହେବାକୁ ଉଦ୍‌ବୋଧନ ଦେଇଥିଲେ। ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଏନ୍‌ଏସ୍‌ଏସ୍ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### କଟୁଥିବା ଗଛ ପଡ଼ି ମହିଳା କନ୍‌ଷ୍ଟେବଲ ଗୁରୁତର



**ପଦ୍ମପୁର,୧୦।୧୦(ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ଡଙ୍ଗାଘାଟ ପଞ୍ଚାୟତ କୁମୁନିବାହାଲି ଛକରେ କଟୁଥିବା ଗଛ ପଡ଼ି ଗୁରୁବାର ଜଣେ ମହିଳା କନଷ୍ଟେବଲ ଗୁରୁତର ହୋଇଛନ୍ତି। ସେ ହେଲେ ଜ୍ୟୋତ୍ସ୍ନା ମିଶ୍ର। କୁମୁନିବାହାଲି ଛକରେ ଅଶ୍ୱିନୀ ବେହେରା ନିଜ ବିଲରେ ଥିବା ଗଛ କାଟୁଥିବା ସମୟରେ ସେହିବାଟ ଦେଇ ଜ୍ୟୋତ୍ସ୍ନା ମିଶ୍ର ଯାଉଥିଲେ। ଫଳରେ ଗଛ ତାଙ୍କ ଉପରେ ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରୁ ବୁର୍ଲା ବଡ଼ ଡାକ୍ତରଖାନାକୁ ରେଫର କରାଯାଇଛି। ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡ ଶବର, ଥାନାଧିକାରୀ ମମତା ନାଏକ, ପଦ୍ମପୁର ବନବିଭାଗ କର୍ମଚାରୀ ଉପଖଣ୍ଡ ଚିକିତ୍ସାଳୟକୁ ଯାଇ କନଷ୍ଟେବଲଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।

# ଆଧୁନିକ ବିଜ୍ଞାନ ସହ ସମତାଳ ଦେବାକୁ ଆହ୍ୱାନ

**ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ଭଟଲି ବ୍ଲକ ଟୁକୁର୍ଲାସ୍ଥିତ ବରଗଡ଼ ବିଜ୍ଞାନ କେନ୍ଦ୍ରରେ ଶୁକ୍ରବାର ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର କ୍ୱାଣ୍ଟମ୍ ଯୁଗର ଆରମ୍ଭ, ସମ୍ଭାବନା ଓ ଆହ୍ୱାନ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକ ଜିଲାର ବିଭିନ୍ନ ବିଜ୍ଞାନଭିତ୍ତିକ ସଫଳତା ସହିତ ଆଲୋଚନାଚକ୍ରର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ ଯୋଗଦେଇ ଏକବିଂଶ ଶତାବ୍ଦୀରେ କ୍ୱାଣ୍ଟମ୍ କଣିକା କିଭଳି ସାହାଯ୍ୟ କରିପାରିବ ସେ ନେଇ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଜିଲାର ୧୨ବ୍ଲକରୁ ମନୋନୀତ ୨୪ ପ୍ରତିଯୋଗୀ ଅଂଶଗ୍ରହଣ କରି ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପିକେଏଆଇଇଟିର



ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ କୃତୀ ଛାତ୍ରୀଛାତ୍ର।

ପଦାର୍ଥ ବିଜ୍ଞାନ ସହକାରୀ ପ୍ରଫେସର ନିରଞ୍ଜନ ପଣ୍ଡା ଏବଂ ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ବିଶ୍ୱଜିତ ସାହୁ ବିଚାରକ ଭାବେ ଯୋଗଦାନ କରିଥିଲେ। ଆଲୋଚନାଚକ୍ରରେ ବାନ୍ଧୁପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଂସ୍କାର ପଟ୍ଟନାୟକ ପ୍ରଥମ, ଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶୁଭଶ୍ରୀ ମହାପାତ୍ର ଦ୍ୱିତୀୟ ଏବଂ ବରପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆଫ୍ରିନ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲାସ୍ତରରେ ମନୋନୀତ ହୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ସଂସ୍କାର ପଟ୍ଟନାୟକ ଆସନ୍ତା ୧୫ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଭାଗ ନେଇ ସନ୍ଦର୍ଭ ଉପସ୍ଥାପନ କରିବେ।

ଆଲୋଚନାଚକ୍ର ଆରମ୍ଭରେ ବିଭିନ୍ନ ବ୍ଲକରୁ ଆସିଥିବା କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସଭାପତି ତଥା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସରୋଜ କୁମାର ଭୁଏ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଚାରକମାନେ ଆଧୁନିକ ବିଜ୍ଞାନ ସହିତ ସମତାଳ ଦେଇ ଚାଲିବା ସହ ରାଜ୍ୟସ୍ତରରେ ସଫଳ ହେବାକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଭବାନୀ ଶଙ୍କର ଗଡ଼ତିଆ ସ୍ୱାଗତ ଭାଷଣ ଦେବା ସହିତ ସଭା ଓ ଆଲୋଚନାଚକ୍ର ସଂଯୋଜନା କରିଥିଲେ। ମାନସ ରଞ୍ଜନ ଶତପଥୀ ଓ ଲକ୍ଷ୍ମୀ ନାରାୟଣ ସାହାଙ୍କ ସମେତ ବିଜ୍ଞାନ କେନ୍ଦ୍ର ସଂଯୋଜକ ଗୋପୀନାଥ ପ୍ରଧାନ ଏବଂ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨ରେ ଜିଲାସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା

**ପଦ୍ମପୁର,୧୦।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଆର୍. ବି. ହାଇସ୍କୁଲ ପରିସରରେ ବରଗଡ ଜିଲା ଚେସ ଆସୋସିଏଶନ ପକ୍ଷରୁ ଜିଲାର ଉଦୀୟମାନ ଚେସ ଖେଳାଳିଙ୍କୁ ଚିହ୍ନଟ ତଥା ପ୍ରୋତ୍ସାହିତ କରିବା ପାଇଁ ଆସନ୍ତା ୧୨ ତାରିଖ ସକାଳ ୯ଟା ୩୦ରୁ ଏକ ଜିଲାସ୍ତରୀୟ ସ୍କୁଲ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ବରଗଡ ଜିଲା ଅଧୀନ ସ୍କୁଲଗୁଡ଼ିକରେ ପଢୁଥିବା ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବେ। ଉଭୟ ବାଳିକା ଓ ବାଳକ ବିଭାଗର ପ୍ରତିଯୋଗିତାର ଶ୍ରେଷ୍ଠ ୫ ଜଣ ଲେଖାଏଁ ଖେଳାଳିଙ୍କୁ ପୁରସ୍କୃତ କରାଯିବ। ଏତଦବ୍ୟତୀତ ୯ ବର୍ଷ, ୧୧ ବର୍ଷ, ଓ ୧୩ ବର୍ଷ ବୟସର ଶ୍ରେଷ୍ଠ ଖେଳାଳିମାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବ। ଏହି ଏକ ଦିବସୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଖେଳାଳିମାନେ ୧୨ ଅକ୍ଟୋବର ରବିବାର ସକାଳ ୯ଟା ୩୦ ସୁଦ୍ଧା ନିଜ ସ୍କୁଲର ପରିଚୟ ପତ୍ର ଓ ଆଧାର କାର୍ଡ ଆଣି ନାମ ପଞ୍ଜୀକରଣ କରିପାରିବେ ବୋଲି ସୂଚନା ଦିଆଯାଇଛି।

# ଡୁଡୁକିଝରିଆକୁ ହରାଇ ପାଇକମାଲ ଚାମ୍ପିୟନ



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

**ପାଇକମାଲ,୧୦।୧୦(ବଡ ଶତପଥୀ)**

## ଡୁଡୁକିଝରିଆ କପ୍

ପାଇକମାଲ ବ୍ଲକ ଜାମସେଠ ପଞ୍ଚାୟତ ଡୁଡୁକିଝରିଆ ଖେଳପଡିଆରେ ଚାଲିଥିବା ୧୨ତମ ଡୁଡୁକିଝରିଆ କପରେ ଶୁକ୍ରବାର ଡୁଡୁକିଝରିଆକୁ ହରାଇ ପାଇକମାଲ ଚାମ୍ପିୟନ ହୋଇଛି। ଡୁଡୁକିଝରିଆ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ଉଇକେଟ ହରାଇ ୭୧ ରନ ସଂଗ୍ରହ କରିଥିଲା। ପାଇକମାଲ ଦଳ ୩ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଦୀପକ ସରାଫ ଓ ବିଶ୍ୱ ଦାଶ ଖେଳ ପରିଚାଳନା କରିଥିଲେ। ଆକାଶ ସାହୁ ଓ ଆଶୁତୋଷ ତ୍ରିପାଠୀ ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ସମାଜସେବୀ ମହେନ୍ଦ୍ର ଖୁଣ୍ଟିଆ, ସ୍ୱତନ୍ତ୍ର ଅତିଥି ଭାବରେ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ ଓ ସମ୍ମାନିତ ଅତିଥି ଭାବରେ ଭୁପେନ୍ଦ୍ର ସାହୁ ଓ ମିନିକେତନ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। କୀର୍ତ୍ତନ ବରିହା,ସୋନୁ ନାଏକ,ବସନ୍ତ ସାହୁ, ତ୍ରିନାଥ ଭୋଇ,ସାର୍ଦ୍ଦୁଳ ବରିହା,ଅପୁ ସରାଫ, ସୁକଦେବ ବରିହା,ବିଶ୍ୱ ଦାଶ, ରାମେଶ୍ୱର ତରିଆ, ଦେବେଶ କାଲୋ, ହିରନ ମାଝୀ, ନିତ୍ୟା ବିଶ୍ୱାଳ, ମଣ୍ଟୁ ଷଡ଼ଙ୍ଗୀ ପ୍ରମୁଖ ପରିଚାଳନା ସହଯୋଗ କରିଥିଲେ।

# ନଭେମ୍ବର ୮ରେ ପଦ୍ମପୁରରେ ଚାଷୀ ସମାବେଶ



ବୈଠକରେ ଉପସ୍ଥିତ ଚାଷୀ ପ୍ରତିନିଧି।

**ପଦ୍ମପୁର,୧୦।୧୦(ପ୍ରଦୀପ୍ତ ଦାଶ )**

ସଂଯୁକ୍ତ କୃଷକ ସଙ୍ଗଠନ ବରଗଡ଼ ତରଫରୁ ପଦ୍ମପୁର ଅନ୍ତର୍ଗତ ସାରସମାଲଠାରେ ଶୁକ୍ରବାର ବାଞ୍ଛାନିଧି ନାୟକଙ୍କ ତତ୍ତ୍ୱାବଧାନରେ ଆବାହକ ଅଶୋକ ସାହୁଙ୍କ ମାତୃବିୟୋଗରେ ସ୍ମୃତି ଚାରଣ ସହିତ ପରିବାର ବର୍ଗକୁ ସମବେଦନା ଏବଂ ଅମର ଆତ୍ମାର ସଦ୍‌ଗତି କାମନା କରାଗଲା। ପରେ ନୁଆଁଖାଇ ଭେଟଘାଟର ଆୟବ୍ୟୟ ବିବରଣୀ ପଠନ, ଚାଷୀ ପଞ୍ଜିକରଣ, ବିଦ୍ୟୁତ୍ ସମସ୍ୟା, ଧାନ ବିକ୍ରି ସମସ୍ୟା, ଜମି କିସମ ପରିବର୍ତ୍ତନ, ଇନପୁଟ ଇନ୍ସୁରାନ୍ସ ପ୍ରସଙ୍ଗ, ଜଳସେଚନ, ବନ୍ୟଜନ୍ତୁ ଜନିତ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ବର୍ଷ ପରି ଆଗାମୀ ନଭେମ୍ବର ୮ରେ ଗୋରୁବଜାର ଠାରେ ବିରାଟ କୃଷକ ସମାବେଶ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ଏହି ସଭାରେ ସଙ୍ଗଠନ ଉପଦେଷ୍ଟା ଉତ୍ପନ୍ନ ଭୋଇ, ରମେଶ ମହାପାତ୍ର, ଅଜିତ ଶତପଥୀ, ପଞ୍ଚାନନ ସାହୁ, ଅଶୋକ ସାହୁ, ପ୍ରମୋଦ ରାୟ, ସଙ୍କଟା ବାଜପେୟୀ, ଅରବିନ୍ଦ ପଣ୍ଡା, ମୁରଲୀ ଭୋଇ, ପ୍ରେମରାଜ ସାହୁ, ବୈଲୋଚନ ଭୋଇ, ବନମାଳୀ ହାତୀ, ଥବିର ପଧାନ, ଈଶାନ୍ତ ଭୋଇ, ତପନ ମିଶ୍ର, ରାହାସବିହାରୀ ସାହୁ, ଲିଙ୍ଗରାଜ ପଧାନ, କାହ୍ନୁଚରଣ ମେହେର, ରତିକାନ୍ତ ବାରିକ ଉପସ୍ଥିତ ରହି ଆଲୋକ ପାତ କରିଥିଲେ।

# ବଜ୍ରପାତରେ ଜଣେ ମୃତ

**ଲାଞ୍ଜିଗଡ଼, ୧୦।୧୦(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ପଦ୍ମଥୋପା ଗାଁରେ ଗୁରୁବାର ବଜ୍ରପାତରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଟୁଟୁ ହରିଜନ (୫୩)। ସୂଚନାନୁସାରେ ଟୁଟୁ ଗାଁ ନିକଟ ଜଙ୍ଗଲକୁ ଗାଈ ଚରାଇବା ପାଇଁ ଯାଇଥିବା ବେଳେ ଅପରାହ୍ନ ୪ଟା ସମୟରେ ବିଜୁଳି, ଘଡଘଡି ସହ ବର୍ଷା ହୋଇଥିଲା। ଟୁଟୁ ଏକ ଗଛମୂଳେ ଆଶ୍ରୟ ନେଇଥିବାବେଳେ ହଠାତ୍ ବ୍ରଜପାତ ହେବାରୁ ସେ ଅଚେତ ହୋଇପଡିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପରିବାର ଲୋକେ ଟୁଟୁଙ୍କୁ ନିକଟସ୍ଥ ବେନଗାଁ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟୁଟୁଙ୍କ ପୁଅ ରସନଙ୍କ ଅଭିଯୋଗକ୍ରମେ ବିଜେପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୨୫) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଟୁଟୁଙ୍କ ମୃତ୍ୟୁ ପରେ ସ୍ତ୍ରୀ ଓ ଦୁଇପୁଅ ବେସାହାରା ହୋଇପଡିଛନ୍ତି। ଅତ୍ୟନ୍ତ ଗରିବ ଶ୍ରେଣୀର ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବନ୍ୟପ୍ରାଣୀ ସଂରକ୍ଷଣକୁ ଗୁରୁତ୍ୱ

**ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)**

ବନ୍ୟଜୀବ ସୁରକ୍ଷା ଏବଂ ସେମାନଙ୍କ ଅଭିବୃଦ୍ଧି ନିମନ୍ତେ ପ୍ରାକୃତିକ ଆବାସସ୍ଥଳୀର ସଂରକ୍ଷଣ ପାଇଁ ବରଗଡ଼ ବନଖଣ୍ଡ ଅଧୀନ ଭଟଲି ବନାଞ୍ଚଳ ପକ୍ଷରୁ ଦେଓୁଆଁ ଗ୍ରାମରେ ବୁଧବାର ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଉପଲକ୍ଷେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଟଲି ବନାଞ୍ଚଳର ସହକାରୀ ବନ ସଂରକ୍ଷକ ସୁବୋଧ ସାହୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତି ପ୍ରେମୀ ବୈଷ୍ଣବ ଭୋଇ, ଇକୋ କ୍ଲବ ମାଷ୍ଟର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀ, ପ୍ରକୃତି ବନ୍ଧୁ ଦୟାନିଧି ପ୍ରଧାନ, ସୁଶୀଲ ସାହୁ, ଶୋଭାରାମ ସାହୁ ଏବଂ ଖତୁ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ପରିବେଶ ସନ୍ତୁଳନ ବଜାୟ ରଖିବା ନିମନ୍ତେ ବନ୍ୟପ୍ରାଣୀଙ୍କ ମହତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସେମାନଙ୍କ ସହିତ ବନ୍ୟ ସମ୍ପଦର ସଂରକ୍ଷଣ ଓ ସୁପରିଚାଳନା ପାଇଁ ସମସ୍ତେ ନିରନ୍ତର ପ୍ରୟାସ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ବନ୍ୟ ସମ୍ପଦର ସୁରକ୍ଷା କ୍ଷେତ୍ରରେ ଜନସାଧାରଣଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ବନପାଳ ରାଜେନ୍ଦ୍ର ସିଂଙ୍କ ସମେତ ସ୍ଥାନୀୟ ବନ କର୍ମଚାରୀ ଓ ବନ ସୁରକ୍ଷା ସମିତିର ସଦସ୍ୟ, ସ୍ଥାନୀୟ ଅଧିବାସୀ, ଫରେଷ୍ଟ ଗାର୍ଡ, ଫରେଷ୍ଟ ସ୍କ୍ୱାଡ୍ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମନୋହର ସାହୁ ସଭାକାର୍ଯ୍ୟ ପରିଚାଳନା ଏବଂ ଦେଓୁଆଁ ବନପାଳ ବିକାଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁନାଇଟେଡ ସ୍ପୋର୍ଟସ କ୍ଲବ ବିଜୟୀ

**ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)**

## ସୁପ୍ରିୟା ସ୍ମାରକୀ ଫୁଟବଲ

ବରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ପ୍ରାକ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବରଗଡ଼ର ୟୁନାଇଟେଡ ସ୍ପୋର୍ଟସ କ୍ଲବ ପ୍ରତିପକ୍ଷ ଘେଁସ ଦଳକୁ ୧–୦ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ବରଗଡ ଦଳ ଆକ୍ରମଣ ଜାରି ରଖି ମ୍ୟାଚ୍‌କୁ ୧–୦ ଗୋଲରେ ଜିତି ନେଇଥିଲା। ଦଳ ପକ୍ଷରୁ ଭରତ ମେହେର ଏକମାତ୍ର ଗୋଲ୍ ଦେଇଥିଲେ। ମ୍ୟାଚ୍‌କୁ ପ୍ରଶାନ୍ତ ବେହେରା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅନିଲ ବାଗ, ଦୀପେଶ ପ୍ରଧାନ ସହଯୋଗ କରିଥଲେ। ଉମା ଶଙ୍କର ବନିଆ ଚତୁର୍ଥ ରେଫରି ଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଅମିୟ ପଟେଲ ଓ ପ୍ରେମାନନ୍ଦ ପଟେଲ ଅତିଥି ଭାବେ ଯୋଗଦେଇ ଘେଁସ୍ ଦଳର ଦିଲୀପ ମେହେରଙ୍କୁ ପୁରସ୍କୃତ କରିଥିଲେ। ଶନିବାର ଗର୍ଭନା ଓ ଖରମୁଣ୍ଡା ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ନଦୀପଡ଼ା ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

**ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ଡାଙ୍ଗ ନଦୀପଡ଼ାର ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ତୁଳସୀ ଗହୀର ଓ ମୋହିନୀ ଗହୀରଙ୍କ ସମେତ ୭ଦମ୍ପତି କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ଲିଙ୍ଗରାଜ ଦାଶ, ସୁଶାନ୍ତ ଦେବତା, ଗୌରଚନ୍ଦ୍ର ପାଣିଗ୍ରାହୀ ଓ ରଜତ ପଣ୍ଡା ପୁରୋହିତ ଭାବେ ଯୋଗଦେଇ ପୂଜା କାର୍ଯ୍ୟ ସମାପନ କରିଥିଲେ। ତିନିଦିନ ଧରି ଚଣ୍ଡୀପାଠ ଓ ମଙ୍ଗଳ ଆରତି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିନ ସର୍ବସାଧାରଣଙ୍କ ପାଇଁ ଅନ୍ନକୋଟର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଅତିଥି ବ୍ରାହ୍ମଣଙ୍କ ପଦଧୌତ କରାଯାଇଥିଲା। ପୂଜା କମିଟିର ସଭାପତି ବିକି ଭୋଇ ଓ ସମ୍ପାଦକ ଭୁବନ ସାହୁଙ୍କ ତତ୍ତ୍ୱାବଧାନରେ ତଥା ପଡ଼ାବାସୀଙ୍କ ସହଯୋଗରେ ପୂଜାକାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଥିଲା।



ଡାଙ୍ଗ ନଦୀପଡ଼ା ଗଜଲକ୍ଷ୍ମୀ ପୂଜାର ଉଦ୍‌ଯାପନୀ ସମାରୋହ।

# ଫ୍ଲାଏଆଶ୍‌ରେ ପଡ଼ିଆ ପୋତିବାକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

**ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଥୁଆପାଲି ଅଞ୍ଚଳର ଏକ ପଡ଼ିଆରେ ବିଭିନ୍ନ କାରଖାନାରୁ ନିଷ୍କାସିତ ଫ୍ଲାଏ ଆସ୍ ପକାଇବାକୁ ନେଇ ୨ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଫ୍ଲାଏଆସ୍ ପକାଇବାକୁ ବିରୋଧ କରି ଗତ କିଛିଦିନ ତଳେ ସ୍ଥାନୀୟ କିଛି ଲୋକ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ। ଅନ୍ୟପଟେ ଗ୍ରାମର ଅନ୍ୟ ଏକ ଗୋଷ୍ଠୀ ସେହି ଅଭିଯୋଗକୁ ଖଣ୍ଡନ କରି ଶୁକ୍ରବାର ଜିଲାପାଳଙ୍କୁ ଫେରାଦ ହୋଇ ଆଉ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଧନୁଯାତ୍ରା ପଡ଼ିଆ, ଖେଳ ପଡ଼ିଆ ପାଇଁ ସମ୍ପୃକ୍ତ ଜାଗାରେ ମାଟି, ଫ୍ଲାଏଆସ୍ ପକାଯାଉଛି। ଫଳରେ ସେଥିପାଇଁ ଅନୁମତି ଦେବାକୁ ଗ୍ରାମବାସୀ ଜିଲାପାଳ ଗୋୟଲଙ୍କୁ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ଥୁଆପାଲି ଅଞ୍ଚଳର କିଛି ପଡ଼ିଆ ଜମିରେ କାରଖାନାରୁ ନିର୍ଗତ ଫ୍ଲାଏଆସ୍ ପକାଇବାକୁ ନେଇ ଅସନ୍ତୋଷ ଦେଖାଯାଇଥିଲା। ଫ୍ଲାଏଆସ୍ ଯୋଗୁ ଅଞ୍ଚଳ ପ୍ରଦୂଷିତ ହେଉଥିବା ଏବଂ ଦୁର୍ଘଟଣା ଆଶଙ୍କା ଥିବା ଅଭିଯୋଗ କରି ଅଞ୍ଚଳର କିଛି ଲୋକ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତେବେ ଗ୍ରାମର ଅନ୍ୟ ଏକ ଗୋଷ୍ଠୀ ସେହି ଅଭିଯୋଗକୁ ବିରୋଧ କରିଛନ୍ତି। ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଏକ ପଡ଼ିଆକୁ ସୁବ୍ୟବସ୍ଥିତ କରି ଏକ ଖେଳ ପଡ଼ିଆ ଏବଂ ଧନୁଯାତ୍ରା ପଡ଼ିଆ କରିବା ପାଇଁ ସେଠାରେ ଫ୍ଲାଏଆସ୍ ପକାଇ ବ୍ୟବହାର ଉପଯୋଗୀ କରିବାର ପ୍ରୟାସ ଜାରି ରହିଥିବା ଗ୍ରାମବାସୀ କହିଛନ୍ତି। ଏଭଳି ସ୍ଥିତିରେ କିଛି ଖଳ ପ୍ରକୃତିର ଲୋକ ମନ୍ଦ ଉଦ୍ଦେଶ୍ୟ ରଖି ତାକୁ ବିଫଳ କରିବା ପାଇଁ ଅପଚେଷ୍ଟା ଚଳାଇଥିବା ଅଭିଯୋଗ ହୋଇଛି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ସହିତ ପଡ଼ିଆର ଉନ୍ନତୀକରଣରେ ସହଯୋଗ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ଜିତେନ୍ଦ୍ର ପୋଢ଼, ସୁରେନ୍ଦ୍ର ପୋଢ଼, ଶୈଳେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରୁଛନ୍ତି।

# ମହୁଲି ପୋଚ ଜବତ, ୭ ଗିରଫ

**ଲହୁଣୀପଡା,୧୦।୧୦(ଦାଶରଥି ପଣ୍ଡା):** ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଓ ପୋଲିସ ମିଳିତଭାବେ ଚଢ଼ାଉ କରି ବିପୁଳ ପରିମାଣର ମହୁଲି ପୋଚ, ଦେଶୀ ମହୁଲି ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିବା ସହିତ ୭ ଜଣଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ କୋର୍ଟ ଚାଲାଣ କରି ୨ ଜଣଙ୍କୁ ନୋଟିସ ଦେଇ ଛାଡି ଦେଇଥିବା ଜଣାପଡିଛି। ବିଭିନ୍ନ ସ୍ଥାନରେ ବେନିୟମ ଭାବେ ଦେଶୀ ମହୁଲି ମଦ କାରବାର ହେଉଥିବା ଅଭିଯୋଗ ପାଇ ଅବକାରୀ ଇନ୍ସପେକ୍ଟର ହେମନ୍ତ ମହାନନ୍ଦିଆଙ୍କ ନେତୃତ୍ୱରେ ଲହୁଣିପଡ଼ା ଥାନା ଅନ୍ତର୍ଗତ କୁର୍ଡା, ମୁଣ୍ଡା ଗାଁ, ଦର୍ଜୀଂ ମୁଣ୍ଡା ସାହି, ଗମଲେଇ ଗ୍ରାମରେ ଚଢ଼ାଉ କରି ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିବା ସହିତ ପ୍ରାୟ ୯୮୫୩ କେଜି ପୋଚ ଜବତ କରି ନଷ୍ଟ କରିଥିବା ଜଣାପଡିଛି। ଏଥିସହ ୪୨୭ ଲିଟର ଦେଶୀ ମହୁଲି ମଦ ଜବତ କରିଥିବା ଜଣାପଡିଛି। ସବ୍‌ଇନ୍ସପେକ୍ଟର ତେଜରାଜ ଗହୀର ଓ କୋଇଡା ଅବକାରୀ ବିଭାଗର ଇନିସପେକ୍ଟର ପୁଷ୍ପଲତା ଗୋସ୍ୱାମୀ, ମୋବାଇଲ ସବ ଇନ୍ସପେକ୍ଟର ରୋହିତ ଦଣ୍ଡ ସେନା, ଏଏସଆଇ ବାଦଲ ବ୍ରହ୍ମ, ବିଦ୍ୟୁତ୍ୟ ଭୂଷଣ ଦାଶ, ଲକ୍ଷ୍ମୀ ପଣ୍ଡା, ସୁକୁମାର ସାହୁ, ବିମ୍ବାଧର ସାହୁ, ବିକାଶ ମାହାନ୍ତ, ସୂର୍ଯ୍ୟକାନ୍ତ ସ୍ୱାଇଁ ,ପ୍ରଭାସୀନ ବାରିକ ,ଶ୍ୟାମ ସାହୁ ,ଲହୁଣିପଡା ପୋଲିସ ଏଏସଆଇ ମଦନ ପ୍ରଧାନ ଏବଂ ଥାନା କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିବା ଜଣାପଡିଛି।



ସୁନ୍ଦରଗଡ ଜିଲା କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଜିଲା ସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ଅତିଥିଙ୍କ ସହ ପ୍ରତିଯୋଗୀ।

# ଲୋକନୃତ୍ୟ ମାଧ୍ୟମରେ ସଂସ୍କୃତି, ପରମ୍ପରାକୁ ସଂରକ୍ଷଣ କରିପାରିବା

## ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

**କୁତ୍ରା,୧୦।୧୦(ଦେବାଶିଷ ସାହୁ)**

କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବ୍ଲକରୁ ମୋଟ ୧୦ଟି ଲୋକନୃତ୍ୟ ଦଳ ଅଂଶଗ୍ରହଣ କରି ନିଜର ନୃତ୍ୟକଳା ଓ ଲୋକ ସଂସ୍କୃତିର ନୃତ୍ୟ ପ୍ରଦର୍ଶନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ଯୋଗଦେଇ ଲୋକନୃତ୍ୟ ମାଧ୍ୟମରେ ଆମେ ନିଜ ସଂସ୍କୃତି ଓ ପରମ୍ପରାକୁ ସଂରକ୍ଷଣ କରିପାରିବା। ଏହା ଯୁବପିଢି ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କୁତ୍ରା ବିଇଓ ଅନନ୍ତ ନାଏକ, ପ୍ରଧାନ ଶିକ୍ଷକ ନଳୀନିକାନ୍ତ ଶାସନୀ, ଜିଲା ବିଜ୍ଞାନ ସୁପରଭାଇଜର ଚନ୍ଦ୍ରଶେଖର ସା ଉପସ୍ଥିତ ରହି ବିଜେତା ଦଳକୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ବଣାଇଁ ବ୍ଲକ ପ୍ରଥମ, ସବ୍‌ଡେଗା ଦ୍ୱିତୀୟ ଓ କୁତ୍ରା ତୃତୀୟ ସ୍ଥାନ ଅଧିକାର କରିଥିଲା। ସଭାକାର୍ଯ୍ୟକୁ ବରିଷ୍ଠ ଶିକ୍ଷକ ଡ. ବିଭିଷଣ ବାରିକ ପରିଚାଳନା କରିଥିଲେ ଓ ଧୃତିସୁନ୍ଦର ସାହୁ ଧନ୍ୟବାଦ ଜଣାଇଥିଲେ। ଦିପିକା କେର୍କେଟା, ଅବିନାଶ କର, ଦିଲିପ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଗୋମାଂସ ଜବତ, ୪ ଗିରଫ

**କୁତ୍ରା,୧୦।୧୦(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଖଡକୁରବାହାଲରେ ଗୋ ମାଂସ କାଟୁଥିବା ବେଳେ ପୋଲିସ ଶୁକ୍ରବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଡକୁରବାହାଲ ଗ୍ରାମର ଏମଡି ନିମ୍ନ (୬୩) ,ଏମଡି ଅହସନ (୩୫), ଅକଦାସ ରାଜା (୨୦) ଓ ଇମତିଆଜ ଅନସାରି (୪୨)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଶୁକ୍ରବାର ଭୋରୁ ପୋଲିସ ଖଡକୁରବାହାଲରେ ଚଢ଼ାଉ କରି ବିପୁଳ ମାଂ ଜବତ କରିବା ସହିତ ୪ ଜଣକୁ ଗିରଫ କରିବାରେ ସଫଳ ହୋଇଛି। ପ୍ରକାଶ ଥାଉକି, ଏଠି ପ୍ରତିଦିନ ଗୋ ହତ୍ୟା କରାଯାଇ ମାଂସ ଜିଲା ତଥା ବାହାରକୁ ପଠାଯାଇଥାଏ। ଦୀର୍ଘଦିନ ହେବ ଏଭଳି ବେନିୟମ ଗୋ ହତ୍ୟା ଓ ଗୋଚାଲାଣର ଅଭିଯୋଗ ହୋଇ ଆସୁଛି। ଏଭଳି ବେନିୟମ କାମରେ ଅତିଷ୍ଠ ହୋଇ ଅନେକ ସମୟରେ ଗୋ ଚାଲାଣକାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜି କେତେବେଳେ ଗୁଳି ଫୁଟୁଛି ତ କେତେବେଳେ ରାସ୍ତା ରୋକୋ ହେଉଛି।

# ବିଦ୍ୟାଳୟ ସମୂହ କ୍ରୀଡ଼ାବିତ୍ ଚୟନ ପ୍ରକ୍ରିୟା ଉଦ୍‌ଯାପିତ



ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

**ଲହୁଣିପଡା,୧୦।୧୦(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣିପଡା ବ୍ଲକ ଅନ୍ତର୍ଗତ ହଳଦୀକୁଦର ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଶୁକ୍ରବାର ଲହୁଣିପଡା ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ ୨ ଦିନିଆ କବାଡି,ଖୋଖ,ଫୁଟବଲ କ୍ରୀଡାବିତ ଚୟନ ପ୍ରକ୍ରିୟା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲହୁଣିପଡା (ଖ) ଜିଲା ପରିଷଦ ସଦସ୍ୟା ସୁଶିଳା ନାୟକ, ସମ୍ମାନିତ ଅତିଥିଭାବେ ଲହୁଣିପଡା ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ଖୁଟୁଗାଁ ଲ୍ୟାମ୍ପ ସଭାପତି ଅଜୟ ନାୟକ, ପିବିଡିଏ ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ଜେନା ଯୋଗ ଦେଇଥିବା ବେଳେ ଏମଆଇଏସ ଶିବ ଚରଣ ସାହୁ, ଧୁଡି କ୍ଲଷ୍ଟର ସିଆରସିସି ଅଶ୍ୱିନ୍ କୁମାର ବିଶ୍ୱାଳ ମଞ୍ଚାସୀନ ଥିଲେ। ଲହୁଣୀପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବାଙ୍କୀର ଅଧ୍ୟକ୍ଷତା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ମାହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ଏହି ୨ ଦିନିଆ ଖେଳାଳି ଚୟନ ପ୍ରତିଯୋଗିତାରେ କବାଡିରେ ୧୪ ବର୍ଷରୁ କମ ବାଳକ ବର୍ଗରେ ଲହୁଣିପଡା ଜୋନ, ବାଳିକା ବିଭାଗରେ ଚାନ୍ଦିଲି ଜୋନ ବିଜେତା ହୋଇଥିଲା। ସେହିଭଳି ଖୋଖ ବାଳିକା ବର୍ଗରେ ଲହୁଣିପଡା ଜୋନ ଏବଂ ବାଳକ ବର୍ଗରେ ଲହୁଣିପଡା ଜୋନ ବିଜେତା ହୋଇଥିଲା। ୧୭ ବର୍ଷରୁ କମ କବାଡି ବାଳିକା ଏବଂ ବାଳକ ବର୍ଗରେ ଚାନ୍ଦିଲି ଜୋନ ବିଜେତା ହେଇଥିଲା। ଖୋଖ ବାଳିକା ବାଳକ ବର୍ଗରେ ଚାନ୍ଦିଲ ଜୋନ ବିଜେତା ହୋଇଥିଲା। ଫୁଟବଲ ବାଳକ ଏବଂ ବାଳିକା ବର୍ଗରେ ଲହୁଣିପଡା ଜୋନ ବିଜେତା ହୋଇଥିଲା। କବାଡି ଏବଂ ଖୋଖ ପ୍ରତ୍ୟେକ ବିଭାଗରେ ୧୨ ଜଣ ଲେଖା ଚୟନ ହୋଇଥିବା ବେଳେ ଫୁଟବଲରେ ୧୬ ଲେଖାଏଁ ଚୟନ ହୋଇଛନ୍ତି। ସେମାନେ ଜିଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗ ଧର ବରିହା, ସମ୍ମାନୀତ ଅତିଥିଭାବେ ଜିଲା କ୍ରିଡ଼ା ଶିକ୍ଷା ଅଧିକାରୀ ଅଜୟ କୁମାର ପ୍ରଧାନ, ଏବିଇଓ ନରହରୀ କିଷାନ, ସରକାରୀଉଚ୍ଚ ବିଦ୍ୟାଳୟ ଚାନ୍ଦିଲର ପ୍ରଧାନ ଶିକ୍ଷକ ଯୋଗେଶ୍ୱର ପ୍ରଧାନ, ହଦୀକୁଦର ପଞ୍ଚାୟତ ସରପଞ୍ଚ ବିଜୟ ସିଂ ମୁଣ୍ଡା, ଖୁଟୁଗାଁ ସରପଞ୍ଚ ସୁମିତ୍ରା ଚାରଦିଆ ଯୋଗଦେଇ ଥିଲେ। ଖେଳ ଶିକ୍ଷକ ହୁତାଶନ ଦଣ୍ଡସେନା, ମୋତିଲାଲ ପେଣ୍ଟେଇ, ଚକ୍ରଧର ସାହୁ, ଦୁର୍ଯ୍ୟୋଧନ ମାହାନ୍ତ, ଭବାନୀଶଙ୍କର ରଣା, ନିରଞ୍ଜନ ସାହୁ, ଶାନ୍ତି ସୁଜାତା ତିର୍କୀ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିବା ବେଳେ ସିଆରସିସି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ଏହି ୨ ଦିନିଆ ବ୍ଲକ ସ୍ତରୀୟ ଖେଳାଳି ଚୟନ କ୍ରିଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା।

# ଗଜଲକ୍ଷ୍ମୀ ପୂଜା, ଆୟୋଜକ କ୍ଲବର ବାର୍ଷିକ ଉତ୍ସବ

**ବଡ଼ଗାଁ,୧୦।୧୦(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ରେଙ୍ଗାଲମାଲ ଗ୍ରାମର ମା’ ଲକ୍ଷ୍ମୀ ୟୁଥ କ୍ଲବ ପକ୍ଷରୁ ଗଜଲକ୍ଷ୍ମୀ ପୂଜାର ୪୫ ବର୍ଷ ପୂର୍ତ୍ତି ପାଳନ ସହ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପୂଜା ମହୋତ୍ସବରେ ପ୍ରଦୀପ ମହାକୁଡ଼ କର୍ତ୍ତା ଓ କାଶିରାମ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ପୂଜନ ଉତ୍ସର ୪୫ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବରେ ଅଂଶଗ୍ରହଣ କରିଥିଲେ। ଗ୍ରାମର ଯୁବ କଳାକାରଙ୍କୁ ନେଇ ସାମାଜିକ ନାଟକ ଭାଗ୍ୟର ଦୋଷ ନା କର୍ମର ଦୋଷ ପରିବେଷଣ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କୁନି ପିଲାମାନଙ୍କୁ ନେଇ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀତାର ନୃତ୍ୟ ବିଭାଗରେ ଧରିତ୍ରୀ ରାଉତ, ଶୁଭଶ୍ରୀ ବାରିକ, ସମୀକ୍ଷା ରାଉତ, ସଙ୍ଗୀତ ବିଭାଗରେ ରୂପେଶ ରାଉତ, ଆଲୋକ ବାରିକ, ଅଗ୍ନିଧର ରାଉତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଆସିସାନ କେରକେଟା ସମ୍ମାନିତ ଅତିଥି ଭାବରେ ଅଂଶଗ୍ରହଣ କରିଥିଲେ। ଆୟୋଜକ କ୍ଲବର ସଦସ୍ୟ ଆଶିଷ ରାଉତ, ପ୍ରବିଣ ରାଉତ, ସନ୍ତୋଷ ରାଉତ, ଜୟମଙ୍ଗଳ ବାରିକ, ଯୁଗେଶର ରାଉତ, ପରମାନନ୍ଦ ରାଉତ, ସୁରେଶ ବାରିକ, ସଞ୍ଜିପ ଖିଲାରୀ ପ୍ରମୁଖ ଯୁବକ ମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।





ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି ବିଧାୟକ ରୋହିତ ଜୋସେଫ ତିର୍କୀ।

# ରିଭ୍ୟୁ ମିଟିଂକୁ ବିରୋଧ

## ଜିଲାପାଳଙ୍କ ହସ୍ତକ୍ଷେପ, ତଦନ୍ତ ଦାବି କଲେ ବିଧାୟକ

**କୁଆଁରମୁଣ୍ଡା,୧୦।୧୦(ମହେନ୍ଦ୍ର କୁମାର ସାହୁ)**

ସୋମବାର କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଶାସକ ଦଳର ସ୍ଥାନୀୟ ନେତାମାନେ ବ୍ଲକରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ବିଡ଼ିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟମାନଙ୍କ ସହ ଏକ ରିଭ୍ୟୁ ମିଟିଂ କରୁଥିବା ଖବର ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହୋଇଥିଲା। ଏହି ମିଟିଂରେ ଉକ୍ତ ରାଜନୈତିକ ଦଳର ବ୍ୟକ୍ତିମାନେ ବିଡ଼ିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନଙ୍କୁ ବ୍ଲକର ଯେକୌଣସି ଠିକା କାର୍ଯ୍ୟ କେବଳ ନିଜ ଦଳର କର୍ମୀମାନଙ୍କୁ ଦେବାପାଇଁ ଚାପ ସୃଷ୍ଟି କରୁଥିବା ଦୃଷ୍ଟିଗୋଚର ହୋଇଥିଲା। ଉକ୍ତ ଶାସକ ଦଳର କେହିବି ବର୍ତ୍ତମାନର ନିର୍ବାଚିତ ପ୍ରତିନିଧି ନୁହଁନ୍ତି ବୋଲି ସାମାଜିକ ଗଣମାଧ୍ୟମରୁ ଜଣାପଡିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଶୁକ୍ରବାର ବୀରମିତ୍ରପୁର ବିଧାୟକ ରୋହିତ ଯୋସେଫ ତିର୍କୀ ନିଜର ଶତାଧିକ ସମର୍ଥକମାନଙ୍କୁ ନେଇ କୁଆଁରମୁଣ୍ଡା ବ୍ଲକରେ ପହଞ୍ଚି ବିଡ଼ିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ସହ ଆଲୋଚନା କରି ଉକ୍ତ ରିଭ୍ୟୁ ମିଟିଂ ସମ୍ପୂର୍ଣ୍ଣ ବେଆଇନ ଏବଂ ଏହାର ନିରପେକ୍ଷ ତଦନ୍ତ କରିବା ପାଇଁ ବିଡିଓଙ୍କ ଜରିଆରେ ସୁନ୍ଦରଗଡ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଏହି ଦାବି ପତ୍ରରେ ଦର୍ଶାଯାଇଛି ଯେ ,ଜଣେ ପୂର୍ବତନ ବିଧାୟକ ଓ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କର ସରକାରୀ କାର୍ଯ୍ୟାଳୟରେ ସଭାପତିତ୍ୱ କରିବା ସମ୍ପୂର୍ଣ୍ଣ ବେଆଇନ। ଏହି ଘଟଣା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ବିଧାୟକ ତିର୍କୀ ଦାବି କରିବା ସହ ଆଗାମୀ ଦିନରେ ଏହି ଘଟଣାର ଯଦି ପୁନରାବୃତ୍ତି ହୁଏ ତେବେ ବିଜେଡି ପକ୍ଷରୁ ବିରାଟ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ସରକାରଙ୍କ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟର ଠିକ ରୂପାୟନ ନିମନ୍ତେ ବ୍ଲକ ପ୍ରଶାସନକୁ ପୂର୍ଣ୍ଣ ସମର୍ଥନ ଯୋଗାଇଦେବେ ବୋଲି ବିଧାୟକ ତିର୍କୀ ଏହି ଅବସରରେ ବିଡ଼ିଓଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ବିଧାୟକଙ୍କ କୁଆଁରମୁଣ୍ଡା ବ୍ଲକ ପ୍ରତିନିଧି ମହେଶ ସାହୁ, ରଞ୍ଜିତ ଦେହୁରୀ, ମନୋଜ ଦାସ, ରାଜେଶ ଖାଲଖୋ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ଉପାଧ୍ୟକ୍ଷା ସୁନୀତା ଅର୍ହି, କୁମଝରିଆ ସରପଞ୍ଚ ବାତିଆ ଲାକ୍ରା, ମଝାପଡ଼ା ସରପଞ୍ଚ ମାରୀୟନସ କିରୋଙ୍କ ସହ ବିଭିନ୍ନ ସରପଞ୍ଚ,ସମିତି ସଭ୍ୟ ଓ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଅଗ୍ନି ସୁରକ୍ଷା ପାଇଁ ମକ୍ ଡ୍ରିଲ୍

**ସୁନ୍ଦରଗଡ,୧୦।୧୦(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଟିପିଡବ୍ଲ୍ୟୁଓଡିଏଲ ଡିଭିଜନ କାର୍ଯ୍ୟାଳୟ ପରିସରରେ ଜାତୀୟ ଅଗ୍ନି ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ସୁନ୍ଦରଗଡ ଡିଭିଜନ କାର୍ଯ୍ୟାଳୟ ପରିସରରେ ଅଗ୍ନି ସୁରକ୍ଷା ପାଇଁ ଏକ ମକ ଡ୍ରିଲ ଆୟୋଜିତ ହୋଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଗ୍ନି ଉପରେ ଆୟତ୍ତ ପାଇବାର ବିଭିନ୍ନ ଉପାୟ ଉପରେ ରଣ କୌଶଳ ପ୍ରଦର୍ଶନ କରାଯାଇଥିଲା। ଅଗ୍ନିଶମ ବିଭାଗ ଅଧିକାରୀ ଅଜୟ ବରାଡଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଡିଭିଜନର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମାଟି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ବିଦ୍ୟୁତ୍ ବିଭାଗର ସମସ୍ତ କର୍ମଚାରୀ, ଲାଇନ ମ୍ୟାନ ଓ ଠିକା କର୍ମଚାରୀ ମାନେ ତାଲିମ ଗ୍ରହଣ କରିଥିଲେ।ସୁରକ୍ଷା ଅଧିକାରୀ ସୁଧୀର କୁମାର ସେଠ ଧନ୍ୟବାଦ ଦେଇଥିଲେ।



ଅଗ୍ନି ସୁରକ୍ଷା ପାଇଁ ମକ୍‌ଡ୍ରିଲ କରାଯାଉଛି।

# ଏନ୍‌ଟିପିସି ଡୁଲିଙ୍ଗା ଖଣି ପ୍ରକଳ୍ପ ଅଧିକାରୀଙ୍କୁ ଦାବିପତ୍ର

## ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**ସୁନ୍ଦରଗଡ଼/ହେମଗିର,୧୦।୧୦ (ଜୟ ନାରାୟଣ ମେଣ୍ଡୁଲି/ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ଏନ୍‌ଟିପିସି ଡୁଲିଙ୍ଗା କୋଇଲା ଖଣିଠାରେ ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ସ୍ଥାନୀୟ ନିଯୁକ୍ତି ଓ ଅନ୍ୟାନ୍ୟ ୧୭ ଦଫା ଦାବି ନେଇ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଖିଳ ଭାରତ ଯୁବ ସଂଘ କର୍ମୀମାନେ ଆସି ଏନ୍‌ଟିପିସି ଡୁଲିଙ୍ଗା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ୧୭ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଖଣି ପ୍ରକଳ୍ପ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଅଣକୁଶଳୀ, ଅର୍ଦ୍ଧକୁଶଳୀ ଶ୍ରମିକ ଓ ଡ୍ରାଇଭର କାର୍ଯ୍ୟରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି,ଖଣି ଶ୍ରମିକଙ୍କୁ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ଓ ଏମପିସି ମଜୁରୀ ପ୍ରଦାନ, ଖଣିର ଦୂଷିତ ପାଣି ଗଡିଆ,ନାଳାରେ ଛାଡ଼ିବା ବନ୍ଦ କରି ଏହାକୁ ସ୍ୱଚ୍ଛ କରିବା ପଦକ୍ଷେପ ଗ୍ରହଣ କରିବା,ହେମଗିର ବ୍ଲକରେ ଖଣିଭିତ୍ତିକ ତାଲିମ କେନ୍ଦ୍ର ପ୍ରତିଷ୍ଠା କରି ତାଲିମ ପରେ ନିଯୁକ୍ତି ସୁଯୋଗ ପ୍ରଦାନ, ସ୍ଥାନୀୟ ଏଲଏମଭି ଡ୍ରାଇଭରଙ୍କ ପାଇଁ ହୁଲପେକ ଡମ୍ପର ଓ ଭୋଲଭୋ ଡ୍ରାଇଭିଂ ତାଲିମ ସହ ଅନ୍ୟାନ୍ୟ ତାଲିମର ସ୍ୱତନ୍ତ୍ର ବ୍ୟବସ୍ଥା ଓଡ଼ିଶାରେ କରିବା, ହେମଗିର ବ୍ଲକରେ ମାଇନିଂ କଲେଜ ପ୍ରତିଷ୍ଠା, ପ୍ରଭାବିତ ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ଖାଲି ପଡ଼ିଥିବା ଶ୍ରେଣୀଗୁଡିକରେ ସ୍ଥାନୀୟ ଶିକ୍ଷିତ ଯୁବତୀ ଯୁବକଙ୍କୁ ଶିକ୍ଷାସହାୟକ ଭାବେ ନିଯୁକ୍ତି, ବିସ୍ଥାପନ ସମ୍ବନ୍ଧିତ ସମସ୍ତ ଆଇନ ଓ ନୀତିଗୁଡ଼ିକର ସଠିକ ପାଳନ କରି ବିସ୍ଥାପିତଙ୍କୁ ନ୍ୟାୟ ଦେବା,ସ୍ୱାସ୍ଥ୍ୟ ଶିବିର କେବଳ ଦେଖାଣିଆ ଭାବରେ ନ କରି ଖଣିଜନିତ ରୋଗର ପରୀକ୍ଷା, ଚିହ୍ନଟ ଓ ମାଗଣାରେ ଚିକିତ୍ସା ବ୍ୟବସ୍ଥା, ଗ୍ରାମସଭାର ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରିବା,ଯୁବ ବର୍ଗଙ୍କୁ ନିଶାରୁ ଦୂରରେ ରଖିବା ପାଇଁ ସିଏସଆର ଫଣ୍ଡରେ ଖେଳ ପଡିଆ ନିର୍ମାଣ, ଜିମ ସେଣ୍ଟର ପ୍ରତିଷ୍ଠା ସହ ଭିଡିଭୂମି ପ୍ରତିଷ୍ଠା କରିବା,ପ୍ରଭାବିତ ଅଞ୍ଚଳର ଗମନାଗମନ ରାସ୍ତା ( ଖୁଣ୍ଟିଝରିଆ ଠାରୁ କଳାମେଘା ଭାୟା ସୈନିକ ମାଇନିଂ ଅଫିସ ରାସ୍ତା , ଅଁଳାଝରନ ଠାରୁ ରତାଖଣ୍ଡି ଓ ଗିରିପୁର ଠାରୁ ବେଲପାହାଡ଼ ରାସ୍ତା ) ତୁରନ୍ତ ନିର୍ମାଣ,ପ୍ରଭାବିତ ସମସ୍ତ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା, ଯୁବତୀ ଓ ମହିଳାଙ୍କ ନିଯୁକ୍ତି ତଥା ସ୍ୱାବଲମ୍ବୀ କ୍ଷେତ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବା,ପ୍ରଭାବିତ ଗ୍ରାମ ସହ ଗମନାଗମନ ରାସ୍ତାରେ ଆଲୋକିକରଣ ବ୍ୟବସ୍ଥା, ସିଟିସି , ସିଟିଇ ଓ ଇସି ସର୍ତ୍ତ ଗୁଡ଼ିକର କଡ଼ାକଡ଼ି ପାଳନ କରି ପ୍ରଦୂଷଣ ନିୟନ୍ତ୍ରଣ ସହ ବ୍ଲାଷ୍ଟିଂ ଜନିତ କ୍ଷୟକ୍ଷତିର ଭରଣା ଓ ନିୟନ୍ତ୍ରଣ ବ୍ଲାଷ୍ଟିଂ କରିବା, ସ୍ଥାନୀୟ ଠିକାଦାରଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତ କରିବା। ଏହି ଦାବି ଉପରେ ଆସନ୍ତା ଏକ ମାସ ମଧ୍ୟରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ଓ ଆବଶ୍ୟକ ସ୍ଥଳେ ଖଣି ପରିବହନ ସହ ଉତ୍ପାଦନ ମଧ୍ୟ ବନ୍ଦ କରାଯିବାର ଚେତାବନୀ ଦିଆଯାଇଛି। ଏହି ଅବସରରେ ବ୍ଲକ ସଭାପତି ନୀଳମଣି କିଶାନ, ଉପ ସଭାପତି ହେମନ୍ତ ଭୋଇ, ଜିଲା ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ, ସମ୍ପାଦକ ରମେଶ ଜୟପୁରିଆ, ପ୍ରଦୀପ ମହାନନ୍ଦିଆ, ପ୍ରଶାନ୍ତ ପଧାନ, ସୁଦାମ ମାଝୀ, ପୂର୍ଣ୍ଣଚନ୍ଦ୍ର ମାଝୀ, ହିରାଲାଲ ବାର୍ଲା, ତେଜରାମ ମାଝୀ, ଗଜିନ୍ଦ୍ର ମାଝୀ, ସୁରେନ୍ଦ୍ର ପ୍ରଧାନ, ହୀରାଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।




ଏନ୍‌ଟିପିସି ଡୁଲିଙ୍ଗା କୋଇଲା ଖଣିଠାରେ ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

## ଜାତୀୟ ଡାକ ସପ୍ତାହ ପାଳିତ

ସମ୍ବଲପୁର,୧୦।୧୦(ବି.ଶଙ୍କର)

ସମ୍ବଲପୁର ଡାକ ବିଭାଗ ପକ୍ଷରୁ ଜାତୀୟ ଡାକ ସପ୍ତାହ -୨୦୨୫ ଶୁକ୍ରବାର ମୁଖ୍ୟ ଡାକଘର ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଅକ୍ଟୋବର ୬ ରୁ ୧୦ ତାରିଖ ପର୍ଯ୍ୟନ୍ତ ଲୋକଙ୍କ ପାଇଁ ପୋଷ୍ଟ, ସ୍ଥାନୀୟ ସେବା, ବିଶ୍ୱସ୍ତରୀୟ ପହଞ୍ଚିବା ବିଷୟବସ୍ତୁ ଅଧିନରେ ଲୋକମାନଙ୍କୁ ସଂଯୋଗ କରିବା, ସମ୍ପ୍ରଦାୟକୁ ସଶକ୍ତ କରିବାରେ ଇଣ୍ଡିଆନ ପୋଷ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ସପ୍ତାହବ୍ୟାପୀ ଡାକ ସେବା ଏବଂ ଗ୍ରାହକଙ୍କ ସମ୍ପୃକ୍ତିର ବିଭିନ୍ନ ଦିଗ ଉପରେ ଧ୍ୟାନ ଦେଇ ସ୍ୱତନ୍ତ୍ର ଦକ୍ଷତା ଏବଂ ସୁଗମତା ବୃଦ୍ଧି କରିବା ପାଇଁ ଇଣ୍ଡିଆ ପୋଷ୍ଟ ଦ୍ୱାରା ପ୍ରଦାନ କରାଯାଇଥିବା ଉନ୍ନତ ଡିଜିଟାଲ ଉପକରଣ ଏବଂ ଅନଲାଇନ ସେବାର ବ୍ୟବହାର ପ୍ରଦର୍ଶନୀ, ଡାକ ବ୍ୟାଙ୍କି, ସଞ୍ଚୟ, ବୀମା ସେବାକୁ ପ୍ରୋତ୍ସାହିତ କରିବା ପାଇଁ ସଚେତନତା ଅଭିଯାନ, ଆର୍ଥିକ ସାକ୍ଷରତା, ଡାକପତ୍ର ସଂଗ୍ରହ, ଡାକଟିକେଟ ସଂଗ୍ରହ ଓ ଏହାର ସାଂସ୍କୃତିକ ଗୁରୁତ୍ୱ ବିଷୟରେ ସଚେତନତା ପ୍ରସାର ପାଇଁ ସମ୍ବଲପୁରର ଫିଲାଟେଲି ବ୍ୟୁରୋରେ ସ୍ୱତନ୍ତ୍ର ଡାକପତ୍ର ସଂଗ୍ରହ କର୍ମଶାଳା ଏବଂ ସ୍କୁଲ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା ହୋଇଥିଲା। ନୂତନତ୍ୱ ଏବଂ ଗ୍ରାହକ କେନ୍ଦ୍ରିକ ସେବା ପ୍ରଦାନ ପ୍ରତି ଡାକ କର୍ମଚାରୀଙ୍କ ପ୍ରତିବଦ୍ଧତା, ଏକ ପେଡ୍ ମା' କେ ନାମ୍, ମତାମତ ସଂଗ୍ରହ, ଅଭିଯୋଗର ସମାଧାନ ଏବଂ ଡାକ ଗ୍ରାହକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଗ୍ରାହକ ସାକ୍ଷାତ ଓ ଡାକ ଚୌପାଲ ଅଧିବେଶନ ହୋଇଥିଲା।

# ରାସ୍ତା ମରାମତିର ୪ ମାସରେ ଉଠିଗଲା ପିଚୁ





ଜାତୀୟ ରାଜପଥରୁ ପିଚୁ ଉଠିଯିବା ସହ ଖାଲଖମା ସୃଷ୍ଟି ହୋଇଛି।

ଝାରସୁଗୁଡ଼ା,୧୦।୧୦(ଆଶିଷ ରଞ୍ଜନ ଦାଶ)

**■ନିମ୍ନମାନର କାମ ଅଭିଯୋଗ**
**■ଉଚ୍ଚସ୍ତରୀୟ ତଦନ୍ତ ଦାବି**

ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ୪୯ ନମ୍ବର ଜାତୀୟ ରାଜପଥ ବିପର୍ଯ୍ୟସ୍ତ ହୋଇପଡିଛି। ଏଥିଯୋଗୁ ଯାତାୟତରେ ସମସ୍ୟା ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ନିମ୍ନମାନର କାମ ଯୋଗୁ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତା ମରାମତି କାମ ଉପରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ପ୍ରାୟ ୬୮ କିଲୋମିଟର ଜାତୀୟ ରାଜପଥ ମରାମତି ପାଇଁ ୨୦୨୪ ଅକ୍ଟୋବର ୧୮ରେ ଟେଣ୍ଡର ଡକାଯାଇଥିଲା। ୪୯ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇ ୪ ମାସରେ କାମ ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ୨୦୨୫ ଜାନୁଆରୀରେ ଠିକାଦାର ଜଣକ ମରାମତି କାମ ଆରମ୍ଭ କରି ମେ' ୩୧ ତାରିଖ ମଧ୍ୟରେ ଶେଷ କରିଥିଲେ। ହେଲେ କାମ ସରିବାର ସାଢେ ୪ ମାସ ନ ପୁରୁଣୁ ରାସ୍ତାରୁ ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଛି। ଏପରି କି ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତା ମରାମତିରେ ନିମ୍ନମାନର ସାମଗ୍ରୀ ବ୍ୟବହାର ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ବେଲପାହାଡ଼ ଅଞ୍ଚଳର ବରିଷ୍ଠ ଆଇନଜୀବୀ ଶ୍ୟାମ ଶତପଥୀ କହିଛନ୍ତି, ପ୍ରାକ୍ ମୌସୁମୀର ୨ ମାସ ପୂର୍ବରୁ କିମ୍ବା ବର୍ଷା ପରେ ଜାତୀୟ ରାଜପଥରେ ପିଚୁ କାମ କରାଯିବାର ନିୟମ ରହିଛି। ହେଲେ ଏହି ରାସ୍ତା କାମ ପ୍ରାକ୍ ମୌସୁମୀର ମାତ୍ର ୧୫ ଦିନ ପୂର୍ବରୁ କରାଯାଇଛି। କିଭଳି ଭାବେ ଜାତୀୟ ରାଜପଥ ନିର୍ମାଣ ବିଭାଗ ଠିକାଦାରଙ୍କୁ ମେ' ୩୧ ପର୍ଯ୍ୟନ୍ତ କାମ କରିବା ପାଇଁ ସୁଯୋଗ ଦେଲେ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତୁରନ୍ତ ରାସ୍ତା ମରାମତି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ସେହିପରି ବେଲପାହାଡ଼ ଅଞ୍ଚଳର ଅନ୍ୟଜଣେ ବରିଷ୍ଠ ଆଇନଜୀବୀ ଶମ୍ଭୁ ମହାନ୍ତି କହିଛନ୍ତି, ରାସ୍ତା କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ ଲୋକ ଦେଖାଣିଆ କାର୍ଯ୍ୟ କରାଯାଇଛି। ଯାହାଦ୍ୱାରା ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏନେଇ ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରେମ୍ ସାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଜଙ୍ଗଲରୁ ହାତୀର ମୃତଦେହ ଉଦ୍ଧାର

ଦେବଗଡ଼,୧୦।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବନାଞ୍ଚଳ ତିଲେଇବଣି ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପ୍ରଭାଶୁଣି ସଂରକ୍ଷିତ ଜଙ୍ଗଲରୁ ଶୁକ୍ରବାର ଏକ ମାଈହାତୀର ମୃତଦେହ ଉଦ୍ଧାର କରାଯାଇଛି। ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ବୟସ ୧୮ରୁ ୨୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ହାତୀଟି ଗର୍ଭବତୀ ଥିଲା ଓ ଶୁକ୍ରବାର ସକାଳେ ସନ୍ତାନ ପ୍ରସବ ସମୟରେ ତା'ର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଖବରପାଇ ତିଲେଇବଣି ଫରେଷ୍ଟର ଓ ଦେବଗଡ଼ ବନାଞ୍ଚଳ ଅଧିକାରୀଙ୍କ ସମେତ ଦେବଗଡ଼ ବନଖଣ୍ଡ ଅଧିକାରିଣୀ ରଶ୍ମୀ ଜୀ, ଅତିରିକ୍ତ ବନ ସଂରକ୍ଷିକା ସ୍ୱାଧୀନତା ସାହାଣି, ଅତିରିକ୍ତ ବନ ସଂରକ୍ଷକ ଅରୁଣ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତ ହାତୀର ବ୍ୟବଚ୍ଛେଦ କରାଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଦେବଗଡ଼ ବନଖଣ୍ଡ ରିଆମାଳ ରେଞ୍ଜ ରେଙ୍ଗାଲବେଡ଼ା ଫରେଷ୍ଟ ସେକ୍ସନ ଅଧୀନ କାଉଁଶିତଇଲା ଗ୍ରାମରେ ଗତ ୮ ତାରିଖରେ ବିଦ୍ୟୁତ୍ ଆଘାତରେ ଏକ ହାତୀର ମୃତ୍ୟୁ ଘଟିଥିଲା। ସେହିପରି ଗତ ସେପ୍ଟେମ୍ବର ୧୨ ତାରିଖରେ ରିଆମାଳ ବନାଞ୍ଚଳ ପଳସମା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଚିରଗୁଣିକୁଦର ଖସଡ଼ା ଜଙ୍ଗଲରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା।



ଜଙ୍ଗଲରେ ହାତୀର ମୃତଦେହ।

## ଚୋରି ଅଭିଯୋଗ, ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା,୧୦।୧୦(ଆଶିଷ ରଞ୍ଜନ ଦାଶ)

ଚୋରି ଅଭିଯୋଗରେ ଓରିଏଣ୍ଟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଓରିଏଣ୍ଟ ଥାନା ଅଧୀନ ଗୁରୁବାର ବଜାର ଅଞ୍ଚଳର ରାଜୁରାମ ସାରଥୀ। ତାଙ୍କ ନିକଟରୁ ଚୋରି ହୋଇଥିବା ୱାଶିଂ ମେଶିନ, ଆକ୍ୱାଗାର୍ଡ, ଇଲେକ୍ଟ୍ରିକ୍ ଓଭାନ୍, ଗ୍ୟାସ୍ ସିଲିଣ୍ଡର, ଟ୍ରଲିବ୍ୟାଗ, ବାସକୁସନ ଆଦି ଜବତ କରାଯାଇଛି। ସୂଚନା ଅନୁଯାୟୀ, ଓରିଏଣ୍ଟ ଥାନା ଅଧୀନ ଆଦର୍ଶନଗର ଅଞ୍ଚଳର ଅପର୍ଣ୍ଣା ଚୌଧୁରୀଙ୍କ ଘରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୮୦/୨୫) ରୁଜୁ କରିଥିଲା।

## ବାଣ ଜବତ, ୨ ଗିରଫ

ବେଲପାହାଡ଼,୧୦।୧୦(ସୁବାସ ପ୍ରଧାନ)

ବନହରପାଲି ଥାନା ଅନ୍ତର୍ଗତ ତେଲେନପାଲି ଗ୍ରାମରୁ ଶୁକ୍ରବାର ପୋଲିସ ବିପୁଳ ପରିମାଣର ବାଣ ଜବତ କରିଛି। ଏହି ଘଟଣାରେ ରାମଚନ୍ଦ୍ର ଦାସ ଓ ତାଙ୍କ ପୁଅ ଉତ୍ତମ ଦାସଙ୍କୁ ପୋଲିସ ଗିରଫ କରିଛି। ଆସନ୍ତା ଦୀପାବଳିରେ ବିକ୍ରି ପାଇଁ ସେମାନେ ବେଆଇନ ଭାବେ ବାଣ ଗଚ୍ଛିତ ରଖିଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଯାଞ୍ଚ ସମୟରେ ସେମାନେ ଲାଇସେନ୍ସ କିମ୍ବା ବାଣ ବିକ୍ରି ପାଇଁ ଅନୁମତି ପତ୍ର ଦେଖାଇ ପାରି ନ ଥିଲେ। ଫଳରେ ବାଣଗୁଡିକ ଜବତ କରାଯାଇଥିଲା। ଜବତ ବାଣର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



ଜବତ ବାଣ, ଗିରଫ ଅଭିଯୁକ୍ତ।

## ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ, କାଉନ୍‌ସିଲର ଅସନ୍ତୁଷ୍ଟ




ବୈଠକରେ ପୌରାଧକ୍ଷା ରାନୀ ହାତୀଙ୍କ ସମେତ ଅନ୍ୟମାନେ।

ଝାରସୁଗୁଡ଼ା,୧୦।୧୦(ଆଶିଷ ରଞ୍ଜନ ଦାଶ)

**ଝାରସୁଗୁଡ଼ା ପୌର ପରିଷଦ କାଉନସିଲ ବୈଠକ**

ଝାରସୁଗୁଡ଼ା ପୌର ପରିଷଦ ସଭାଗୃହରେ ୧୫ତମ କାଉନ୍‌ସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷା ରାନୀ ହାତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ୱାର୍ଡର କାଉନ୍‌ସିଲର ଉପସ୍ଥିତ ରହି ଗଠନମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ପୌର ପରିଷଦର ୧୪ରୁ ୮ଟି ଏଲ୍‌ସିଭି ଗାଡ଼ି ଅଚଳ ହୋଇପଡିଛି। ସେହିପରି ଚାର୍ଜର ଅଭାବରୁ ୧୪ଟି ବିଓଭି ଗାଡ଼ି ମଧ୍ୟ ଅଚଳ ହୋଇପଡିଛି। ଏଥିଯୋଗୁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଘରକୁ ଘର ଯାଇ ଅଳିଆ ସଂଗ୍ରହ ପାଇଁ ୧୦ଟି ବିଓଭି ଗାଡ଼ି ଓ ୧୦ଟି ଏଲ୍‌ସିଭି ଗାଡ଼ି ଭଡ଼ା ସୂତ୍ରରେ ନିୟୋଜିତ କରିବା ନିମନ୍ତେ ପୂର୍ବ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଇତିମଧ୍ୟରେ ୨ ମାସ ବିତିଯାଇଥିଲେ ମଧ୍ୟ ଏନେଇ ଜିଲା ପ୍ରଶାସନର ଅନୁମତି ନ ମିଳିବାରୁ ଏପର୍ଯ୍ୟନ୍ତ ଟେଣ୍ଡର ହୋଇପାରିନାହିଁ। ଏହାକୁ ନେଇ ବିଭିନ୍ନ ୱାର୍ଡର କାଉନ୍‌ସିଲର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ବୈଠକରେ ଉପନଗରପାଳ ବେଣୁଗୋପାଳ ପାଣିଗ୍ରାହୀ, ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ତଥା ଆଇଏଏସ୍ ଅଧିକାରୀ (ପ୍ରୋବେଶନର) ପ୍ରଜ୍ଞାନନ୍ଦ ଗିରି, ମୁଖ୍ୟଯନ୍ତ୍ରୀ ସୀମାଞ୍ଚଳ ଦାସ, କନିଷ୍ଠ କିରାଣି ସୁବ୍ରତ ସରାଫଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ହାତୀ କବଳରୁ ରକ୍ଷା ପାଇଁ ସୌରଚାଳିତ ହାଲୁକା ଝଟ୍‌କା ମେଶିନ ଦିଆଯାଉ

ଦେବଗଡ଼,୧୦।୧୦(ଶଶାଙ୍କ ଶେଖର ଝାଙ୍କର)

**ସେକ୍ସନ ଅଫିସରଙ୍କୁ ସ୍ମାରକପତ୍ର**

ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ କୁଣ୍ଡେଇଗୋଳା ସେକ୍ସନ ଅଧୀନ କୁରୋଡପୋଶି ଗ୍ରାମରେ ହାତୀ ଉପଦ୍ରବ ଯୋଗୁ ଲୋକମାନେ ଭୟଭୀତ ହୋଇପଡିଛନ୍ତି। ହାତୀ ଉପଦ୍ରବରୁ ରକ୍ଷା ପାଇବା ନିମନ୍ତେ ବନବିଭାଗ ପକ୍ଷରୁ ସୌରଚାଳିତ ହାଲୁକା ଝଟ୍‌କା ମେଶିନ ଯୋଗାଣ ବ୍ୟବସ୍ଥା ସମେତ ୫ ଦଫା ଦାବି ପୂରଣ ପାଇଁ କୁରୋଡପୋଶି ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ଦେବଗଡ଼ ବନଖଣ୍ଡ ଅଧିକାରିଣୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଟିକେଶ୍ୱର ବେହେରା, କୈଳାସ ସାହୁ, ତନୁଚନ୍ଦ୍ର ପ୍ରଧାନ, ଶୁକଦେବ ପ୍ରଧାନ, ନବୀନ ଚନ୍ଦ୍ର ପ୍ରଧାନ ଓ ଭାଜପା ଯୁବନେତା ସନ୍ତୋଷ କୁମାର ଭୁତିଆ ଦେବଗଡ଼ ବନଖଣ୍ଡ କାର୍ଯ୍ୟାଳୟକୁ ଆସି ଉପରୋକ୍ତ ସ୍ମାରକପତ୍ର ବନ ବିଭାଗର ସେକ୍ସନ ଅଫିସର ସୌମିତ୍ରି ପାତ୍ରଙ୍କୁ ପ୍ରଦାନ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କୁରୋଡପୋଶି ଗ୍ରାମର ପ୍ରାୟ ୯୦ ପ୍ରତିଶତ ଜନସାଧାରଣ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଛନ୍ତି। ଗତ କିଛିବର୍ଷ ହେଲା ହାତୀମାନେ ଜଙ୍ଗଲରୁ ଉକ୍ତ ଗ୍ରାମ ଭିତରକୁ ପଶିଆସି ଧାନ ସମେତ ସମସ୍ତ ପ୍ରକାର ଅର୍ଥକରୀ ଫସଲ ନଷ୍ଟ କରୁଛନ୍ତି। ଏପରି କି ହାତୀ ଆକ୍ରମଣରେ ଗତ ୧ ବର୍ଷ ମଧ୍ୟରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ସମେତ ଆଖପାଖ ଅଞ୍ଚଳର ୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ହାତୀ ଉପଦ୍ରବରୁ ରକ୍ଷା ନିମନ୍ତେ ସୌରଚାଳିତ ହାଲୁକା ଝଟ୍‌କା ମେଶିନର ଆବଶ୍ୟକତା ରହିଛି। ତେଣୁ ବନ ବିଭାଗ ପକ୍ଷରୁ ସୌରଚାଳିତ ହାଲୁକା ଝଟ୍‌କା ମେଶିନ ଯୋଗାଣ, ଗ୍ରାମର ଚତୁଃପାର୍ଶ୍ୱରେ ସୋଲାର ଲାଇଟ୍‌ର ବ୍ୟବସ୍ଥା, ହାତୀଙ୍କୁ ଜଗିବା ପାଇଁ ଜଗୁଆଳୀ ଘର ନିର୍ମାଣ ସହିତ ଅଧିକ ସଂଖ୍ୟକ ହାତୀ ଜଗୁଆଳି ନିଯୁକ୍ତି, ପୂର୍ବରୁ ବଳକା ଥିବା ବନ ସୁରକ୍ଷା ସମିତିର ଅର୍ଥକୁ ଗ୍ରାମବାସୀଙ୍କୁ ପ୍ରଦାନ ପାଇଁ ସ୍ମାରକପତ୍ରରେ ଉଲ୍ଲେଖ ଥିବା ଜଣାପଡିଛି।



ସେକ୍ସନ ଅଫିସରଙ୍କୁ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ଗୋପବନ୍ଧୁଙ୍କ ଆଦର୍ଶକୁ ପାଥେୟ କରି ସମାଜ ପାଇଁ କାର୍ଯ୍ୟ କରନ୍ତୁ

ବେଲପାହାଡ଼,୧୦।୧୦(ସୁବାସ ପ୍ରଧାନ)

**ଉତ୍କଳମଣିଙ୍କ ଜୟନ୍ତୀ ପାଳିତ**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀର ସିଏସ୍‌ଆର୍ ବିଭାଗ ଓ ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଗୋପବନ୍ଧୁଙ୍କ ସମାଜସେବା, ଦେଶପ୍ରେମ, ତ୍ୟାଗ, ଉଦାର ମନୋଭାବ ସହିତ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ଓଡ଼ିଶାକୁ ସ୍ୱତନ୍ତ୍ର ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଗଠନରେ ଅତୁଳନୀୟ ଅବଦାନ ପାଇଁ ସେ ସମସ୍ତଙ୍କ ହୃଦୟରେ ଚିରଦିନ ପାଇଁ ରହିବେ। ଗୋପବନ୍ଧୁଙ୍କ ନୀତି, ଆଦର୍ଶ, ସମାଜସେବାକୁ ପାଥେୟ କରି ପ୍ରତ୍ୟେକ ବ୍ୟକ୍ତି ଦେଶ ଓ ସମାଜ ପାଇଁ କାର୍ଯ୍ୟ କଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ କହିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଟିଆର୍‌ଏଲ୍ କ୍ରୋସାକିର ବରିଷ୍ଠ ଅଧିକାରୀ ସୁଶାନ୍ତ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବିଜନୁ ନାୟକ, ଡା. ସନ୍ତୋଷ ମିଶ୍ର, ଖବରଦାତା ଡ. ସୁବାସ ଚନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପଟ୍ଟନାୟକ, ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଠାକୁର, ଶିକ୍ଷକ ପଣ୍ଡିତ ରଘୁନାଥ ନାୟକଙ୍କ ସମେତ ରଶ୍ମିରଞ୍ଜନ ମହାନ୍ତି, ନବୀନ ସିଂ, ସରୋଜ ମିର୍ଦ୍ଧା, ମନୋଜ ମେହେର, ଜ୍ଞାନ ପଟ୍ଟନାୟକ, ବ୍ରଜବନ୍ଧୁ ଶତପଥୀ, ସରୋଜ ମେହେର ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ

ଝାରସୁଗୁଡ଼ା,୧୦।୧୦(ଆଶିଷ ରଞ୍ଜନ ଦାଶ)



ବୈଠକରେ ଉପଜିଲାପାଳଙ୍କ ସମେତ ଅନ୍ୟମାନେ।

**ବସୁନ୍ଧରା ନଦୀ ଜଳ ପ୍ରଦୂଷଣ ପ୍ରସଙ୍ଗ**

**ସମସ୍ୟା ସମାଧାନ ପାଇଁ ଗଠନ ହେବ କମିଟି**

ଝାରସୁଗୁଡ଼ା ସଦର ବ୍ଲକ ଅଞ୍ଚଳରେ ବସୁନ୍ଧରା ନଦୀର ଜଳ ପ୍ରଦୂଷିତ ହୋଇପଡିଛି। ଏହାକୁ ନେଇ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏହି ନଦୀ ଜଳକୁ ପ୍ରଦୂଷଣମୁକ୍ତ କରିବା ଏବଂ ପ୍ରଦୂଷଣ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଝାରସୁଗୁଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର, ଝାରସୁଗୁଡ଼ାସ୍ଥିତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣୀ ପ୍ରଧାନ, ଜିଏମ୍ ଏମ୍‌ସିଏଲ୍ ବସୁନ୍ଧରା, ଦର୍ଲିପାଲିସ୍ଥିତ ଏନ୍‌ଟିପିସିର ଜିଏମ୍, ଓସିପିଏଲ ମନୋହରପୁର ଖଣି ଅଧିକାରୀ, ରାଜପୁର, ଲୋଇସିଂହ, ଗୌରମାଲ, ଚନ୍ଦନୀମାଲ ପଞ୍ଚାୟତର ସରପଞ୍ଚଙ୍କ ସମେତ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳବାସୀ ନଦୀର ସ୍ୱଚ୍ଛ ଜଳ ପାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଅପରପକ୍ଷେ ନଦୀ ଜଳ ସ୍ୱଚ୍ଛତା ଦିଗରେ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ପୂର୍ବରୁ ଅଭିଯୋଗ ହୋଇଥିଲା। ହେଲେ ବୋର୍ଡ କର୍ତ୍ତୃପକ୍ଷ ଏହା ନିଜ କ୍ଷେତ୍ରର ନୁହେଁ ବୋଲି କହି ଦୋଷ ଖସାଇ ଦେବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସମସ୍ତ ପକ୍ଷକୁ ନେଇ ଏକ କମିଟି ଗଠନ କରାଯିବା ସହ ସରଜମିନ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକରେ ଆଲୋଚନା ହୋଇଥିଲା।

ସୂଚନା ଅନୁଯାୟୀ, କେତେକ କମ୍ପାନୀରୁ ନିର୍ଗତ ବର୍ଜ୍ୟବସ୍ତୁ ବସୁନ୍ଧରା ନଦୀରେ ମିଶିବା ଫଳରେ ଏହାର ଜଳ ପ୍ରଦୂଷିତ ହୋଇଥିବା ନେଇ ରାଜପୁର ପଞ୍ଚାୟତବାସୀ ଝାରସୁଗୁଡ଼ା ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ହେଲେ ପ୍ରଶାସନ ଏଥିରେ କର୍ଣ୍ଣପାତ ନ କରିବାରୁ ଗାନ୍ଧୀ ଛକ-ସୁନ୍ଦରଗଡ଼ ରାସ୍ତାର ରାଜପୁରଠାରେ ମଙ୍ଗଳବାର ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତହସିଲଦାର କୁମ୍ଭାର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଗ୍ରାମବାସୀ ତାଙ୍କୁ ନଦୀକୂଳକୁ ନେଇ ଜଳ ପ୍ରଦୂଷିତ ହୋଇଥିବା ଦେଖାଇଥିଲେ। ଏହାପରେ ରାଜପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୩ ଦିନ ମଧ୍ୟରେ ବିଭିନ୍ନ କମ୍ପାନୀ କର୍ତ୍ତୃପକ୍ଷ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲା ପ୍ରଶାସନ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ବୈଠକ କରାଯାଇ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ପ୍ରତିଶ୍ରୁତି ଅନୁଯାୟୀ ବସୁନ୍ଧରା ନଦୀ ଜଳ ପ୍ରଦୂଷଣ ସମ୍ବନ୍ଧରେ ଶୁକ୍ରବାର ସମସ୍ତ ପକ୍ଷକୁ ଡକାଯାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା।

ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୧/୨୦୨୫ Bhubaneswar, Saturday, October 11/ 2025

# ପ୍ରତୀକ ମହାରଣାଙ୍କୁ ରୌପ୍ୟ



ପୋଡିୟମରେ ପୁରସ୍କାର ଗ୍ରହଣ ଅବସରରେ ପ୍ରତୀକ ମହାରଣା।

**ଭୁବନେଶ୍ୱର, ୧୦।୧୦(ତପନ ସ୍ୱାଇଁ)**

ଭାରତୀୟ ଆଥ୍‌ଲେଟିକ୍ ମହାସଂଘ (ଏଏଫ୍ଆଇ), ଓଡ଼ିଶା ସରକାର ଏବଂ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନର ମିଳିତ ଉଦ୍ୟମରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ୪୦ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶାର ପ୍ରତୀକ ମହାରଣା ରୌପ୍ୟ ପଦକ ଲାଭ କରିଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟରରେ ସେ ୧୦.୭୨ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ଝାଡ଼ଖଣ୍ଡର ପାର୍ଥ ସିଂ ୧୦.୫୨ ଓ ପଞ୍ଜାବର ଯଶଜିତ ସିଂ ଥିଲେ଼ା ୧୦.୭୯ ସେକେଣ୍ଡ ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୂର୍ବାହ୍ନରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ୫୦୦୦ ମିଟର ରେସ୍‌ରେ ପ୍ରଥମ ତିନି ସ୍ଥାନ ଅଧିକାର କରିଛନ୍ତି ତେଲଙ୍ଗାନାର ମୋହିତ ଚୌଧାରୀ, ମହାରାଷ୍ଟ୍ରର ଅଭିନନ୍ଦନ ସୂର୍ଯ୍ୟାଭାନ ଓ ରାଜସ୍ଥାନର ଧରମରାଜ୍ ଜାଟ।

# ଆଜିଠୁ ଆଇଟିଏଫ୍ ମାଷ୍ଟର୍ସ ଟେନିସ ଟୁର୍

**ଭୁବନେଶ୍ୱର, ୧୦।୧୦ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଏକସଙ୍ଗେ ୩ଟି ବଡ଼ ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇ ଯାଇଥିବାବେଳେ ଶନିବାର ଏସିଆନ ଟିମ୍ ଟେବୁଲ ଟେନିସ ଏବଂ ଆଇଟିଏଫ୍ ମାଷ୍ଟର୍ସ ଟେନିସ ଟୁର୍ ଆରମ୍ଭ ହେବାକୁ ଯାଉଛି। ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ କଳିଙ୍ଗରେ ପ୍ରଥମଥରପାଇଁ ଆଇଟିଏଫ୍ ମାଷ୍ଟର୍ସ ଟେନିସ ଟୁର୍ (ଏମ୍‌ଟି ୧୦୦) ଆସନ୍ତା ୧୫ ପର୍ଯ୍ୟନ୍ତ ଚାଲିବ। ୩ ବିଦେଶୀ ଏବଂ ଦେଶର ୧୨୦ ପେସାଦାର ଖେଳାଳି ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଓଟିଏ ପକ୍ଷରୁ ସୂଚନା ଦିଆଯାଇଛି।

# ପୋଡିୟମ ମଣ୍ଡନ ଲକ୍ଷ୍ୟରେ ଭାରତ

**ଭୁବନେଶ୍ୱର, ୧୦।୧୦(ତପନ ସ୍ୱାଇଁ)**

ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିୟନଶିପ୍‌ର ୨୮ତମ ସଂସ୍କରଣ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏଶନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନ୍‌ଜନକ ପ୍ରତିଯୋଗିତା ପାଇଁ ଦେଶ ବିଦେଶର ତାରକା ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚି ଅଭ୍ୟାସ କରିଛନ୍ତି। ଅଂଶଗ୍ରହଣକାରୀ ସବୁ ଦେଶର ଶୀର୍ଷ ର୍‍ୟାଙ୍କ୍‌ପ୍ରାପ୍ତ ଖେଳାଳି ଏଥିରେ ଭାଗନେଉଥିବାରୁ ପ୍ରତିଯୋଗିତା ତୀବ୍ର ସଂଘର୍ଷପୂର୍ଣ୍ଣ ହେବ। ‘‘ଭାରତୀୟ ଦଳ ଆଗାମୀ ପ୍ରତିଯୋଗିତା ପାଇଁ ନିଜକୁ ଭଲଭାବେ ପ୍ରସ୍ତୁତ କରିଛି। ଗତ ସଂସ୍କରଣକୁ ମିଶାଇ ଭାରତ ୨୦୨୧ରୁ ଏପର୍ଯ୍ୟନ୍ତ ୩ଥର ଟିମ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିସାରିଛି। ଏଥର ମଧ୍ୟ ପୋଡିୟମ ମଣ୍ଡନ କରିବା ଆମର ମୁଖ୍ୟ ଲକ୍ଷ୍ୟ ରହିବ। ତେବେ ଏଥର ବ୍ରୋଞ୍ଜ୍‌ଠାରୁ ଅଧିକ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ’’ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାରତର ଶୀର୍ଷ ର୍‍ୟାଙ୍କ୍‌ପ୍ରାପ୍ତ ଖେଳାଳି ମାନବ ଠକ୍କର ପ୍ରକାଶ କରିଛନ୍ତି। ଏପରି ଏକ ବଡ଼ ପ୍ରତିଯୋଗିତା ପାଇଁ ଭାରତୀୟ ଦଳର ପ୍ରସ୍ତୁତି ଖୁବ୍ ଭଲଭାବେ ହୋଇଛି ବୋଲି ପ୍ରକାଶ କରିଛନ୍ତି ମୁଖ୍ୟ କୋଚ୍ ମାସିମୋ କନ୍‌ଷ୍ଟାଣ୍ଟିନ। ଭାରତୀୟ ଦଳ କଡ଼ା ଟକ୍କର ଦେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।




ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥିବୃନ୍ଦ।

**ଏସୀୟ ଟିଟି ପାଇଁ କଳିଙ୍ଗ ପ୍ରସ୍ତୁତ**

## ଯୋଗ୍ୟତା ସତ୍ତ୍ୱେ ଭାରତ ହାଲ୍‌କାଭାବେ ନେବନି

୨୨ଟି ଶ୍ରେଷ୍ଠ ଏସୀୟ ଦଳକୁ ନେଇ ହେବାକୁଥିବା ଏହି ମହାଦେଶୀୟ ଟୁର୍ନାମେଣ୍ଟ ୨୦୨୬ରେ ଲଣ୍ଡନରେ ହେବାକୁଥିବା ବିଶ୍ୱ ଦଳଗତ ଟେବୁଲ ଟେନିସ୍ ଚାମ୍ପିୟନଶିପ୍‌ର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଭାବେ ପରିଗଣିତ ହେଉଛି। ‘‘ଭାରତ ପୂର୍ବରୁ ବିଶ୍ୱ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ଏହାସତ୍ତ୍ୱେ ଭାରତ କୌଣସି ପରିସ୍ଥିତିରେ ପ୍ରତିଯୋଗିତାକୁ ହାଲ୍‌କାଭାବେ ନେବନାହିଁ। ଶ୍ରେଷ୍ଠ ପ୍ରଦର୍ଶନକରି ନିଶ୍ଚିତ ପ୍ରଦର୍ଶନର ଛାପ ଛାଡ଼ିବାକୁ ଚେଷ୍ଟା କରିବ’’ ବୋଲି ପ୍ରକାଶ କରିଛନ୍ତି ପ୍ରତିଯୋଗିତାର ବ୍ରାଣ୍ଡ୍ ଆମ୍ବାସାଡର ଅଲିମ୍ପିଆନ ତଥା ଖେଳରତ୍ନ ବିଜେତା ଅଚନ୍ତ ଶରତ କମଲ। ପୂର୍ବରୁ ୨୦୧୯ରେ କଟକରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ୍ ଖେଳିବାକୁ ଆସିଥିଲି। ଏବେ ପୁଣି ଓଡ଼ିଶା ଆସି ଖୁବ୍ ଆନନ୍ଦିତ। ମୋତେ ବ୍ରାଣ୍ଡ୍ ଆମ୍ବାସାଡର କରାଯାଇଥିବାରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ରାଜ୍ୟ ଟେବୁଲ ଟେନିସ୍ ଆସୋସିଏଶନ ନିକଟରେ ମୁଁ କୃତଜ୍ଞ’’ ବୋଲି ଶରତ କହିଛନ୍ତି।

## ‘ଏକାସଙ୍ଗେ ୨ ବଡ଼ ଟୁର୍ନାମେଣ୍ଟ ଆୟୋଜନ ଗୌରବର ବିଷୟ’

‘‘ଭାରତରେ ୪ର୍ଥ ଏବଂ ଓଡ଼ିଶାରେ ପ୍ରଥମଥର ପାଇଁ ଏସିଆନ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଦୀର୍ଘ ୧୬ ବର୍ଷ ପରେ ଏହା ଭାରତକୁ ଆସିଛି ଏବଂ ଏଥିରେ ଭାରତ ସମେତ ଚାଇନା, ଜାପାନ, କୋରିଆ ଆଦି ଏସିଆର ଶ୍ରେଷ୍ଠ ୨୨ଟି ଦେଶରୁ ୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରୁଛନ୍ତି। ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଏହି ପ୍ରତିଯୋଗିତାରେ ଭାଗନେବାକୁ ଅତ୍ୟନ୍ତ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ମହିଳା ବିଭାଗରେ ଶ୍ରୀଜା ଅକୁଲା, ମନିକା ବତ୍ରା, ଦିୟା ଚିତଲେ, ଯଶସ୍ୱିନୀ ଘୋରପଡ଼େ, ସ୍ୱସ୍ତିକା ଘୋଷ ଏବଂ ପୁରୁଷ ବିଭାଗରେ ଅଙ୍କୁର ଭଟ୍ଟାଚାର୍ଯ୍ୟ, ପ୍ରୟାସ ଜୈନ୍, ମାନୁଷ ଶାହା, ସ୍ନେହିତ ସୁରବଜ୍ଜୁଲା, ମାନବ ଠକ୍କର ଅଂଶଗ୍ରହଣ କରୁଛନ୍ତି। ବିଭିନ୍ନ ଦେଶର ଖେଳାଳିଙ୍କ ଆତିଥ୍ୟ, ରହଣି, ସୁରକ୍ଷା ଏବଂ ଆନୁଷଙ୍ଗିକ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଏସିଆନ୍ ଟିଟି ସହିତ ଆମେ ୪୦ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଏକାସଙ୍ଗେ ଆୟୋଜନ କରିବାକୁ ଯାଉଛୁ। ପାଖାପାଖି ୨୦୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। ଆମ ରାଜ୍ୟର ୩୭ ମହିଳା ଓ ୩୮ ପୁରୁଷ କ୍ରୀଡ଼ାବିତ୍ ଏଥିରେ ଭାଗ ନେଇଛନ୍ତି। ଏକାସଙ୍ଗେ ୨ଟି ବଡ଼ ଟୁର୍ନାମେଣ୍ଟ ଆୟୋଜନ କରିବା ଆମ ପାଇଁ ଏକ ଗୌରବର ବିଷୟ। ଏହାକୁ ସଫଳତାର ସହ ଆୟୋଜନ କରି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଛବିକୁ ସୁଦୃଢ଼ କରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ଉକ୍ତ ସମ୍ମିଳନୀରେ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଏସିଆ ଟେବୁଲ ଟେନିସ୍ ୟୁନିୟନ୍‌ର ରିଜିଓନାଲ ଭାଇସ୍ ପ୍ରେସିଡେଣ୍ଟ ଶେଖ୍ ହୟାତ୍ ଅଲ୍ ଖଲିଫା, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଏନ୍. ଗଣେଶନ୍, ଅଲିମ୍ପିୟାନ୍ ଖେଳରତ୍ନ ପୁରସ୍କାର ବିଜେତା ଅଚନ୍ତା ଶରତ କମଲ ପ୍ରମୁଖ ଉପସ୍ଥିତ ଥିଲେ।

DSPL - 311



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଭାସୀ ମାଧ୍ୟମରେ
ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦୀଙ୍କ
କରକମଳରେ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶୁଭାରମ୍ଭ
• ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା
• ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ

ଭିତ୍ତିପ୍ରସ୍ତର ସ୍ଥାପନ
ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା ଅଧୀନରେ ୧୦୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ଏବଂ ୫୯.୧୩ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ପାଇକାରୀ ମାଛ ବଜାର

ରାଜ୍ୟସ୍ତରୀୟ ସମାରୋହ

ଗରିମାମୟ ଉପସ୍ଥିତି

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି

ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

୧୧ ଅକ୍ଟୋବର ୨୦୨୫ | ସକାଳ ୧୦.୦୦ ଘଟିକା | କୃଷି ଶିକ୍ଷା ସଦନ, ଓୟୁଏଟି

କୃଷି ଓ କୃଷକ ସଶକ୍ତିକରଣ ବିଭାଗ । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ
ଓଡ଼ିଶା ସରକାର

OIPR-01102/13/0034/2526

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ